ଧରିତ୍ରୀ 50 Years

DHARITRI

ଭୁବନେଶ୍ୱର, ସୋମବାର, ମେ ୨୭/୨୦୨୪ (୧୬ ପୃଷ୍ଠା) Bhubaneswar

୫୦ଶ ଭାଗ ୧୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhub



# ଓଡ଼ିଶାର ତୃତୀୟ ପର୍ଯ୍ୟାୟ ଭୋଟ୍ ହାର ୭୪% ଟପିଲା

**ଭୁବନେଶ୍ୱର,୨୬।୫ (ଅନିଲ ଦାସ)**

ରାଜ୍ୟରେ ଶନିବାର ହୋଇଥିବା ୬ ଲୋକ ସଭା ଆସନ ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟ୍‌ହାର ୭୪% ଟପିଛି। ରବିବାର ରାତି ୧୦ଟା ସୁଦ୍ଧା ଭାରତର ନିର୍ବାଚନ କମିଶନଙ୍କ ତଥ୍ୟ ମୁତାବକ, ଓଡ଼ିଶାର ତୃତୀୟ ପର୍ଯ୍ୟାୟ ଭୋଟହାର ୭୪.୪୫% ରହିଛି।

ଭୁବନେଶ୍ୱର ଲୋକ ସଭା ଆସନରେ ଭୋଟହାର ୬୪.୪୯% ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବେଗୁନିଆରେ ୭୧.୯୬%, ଭୁବନେଶ୍ୱର-ମଧ୍ୟ ଆସନରେ ୫୧.୨୮%, ଭୁବନେଶ୍ୱର-ଉତ୍ତରରେ ୫୩.୯୩%, ଭୁବନେଶ୍ୱର-ଏକାମ୍ରରେ ୫୬.୪୨%, ଜଟଣୀରେ ୭୦.୧୯%, ଜୟଦେବରେ ୮୦.୭୭% ଏବଂ ଖୋର୍ଦ୍ଧାରେ ୭୨.୭୫% ମତଦାନ ହୋଇଛି। କଟକ ଲୋକ ସଭା କ୍ଷେତ୍ରରେ ୭୧.୨% ଭୋଟର ମତଦାନ କରିଛନ୍ତି। ଏହା ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ଆଠଗଡ଼ରେ ୮୧.୧୬%, ବାଙ୍କୀରେ ୭୬.୦୯%, ବାରବାଟୀ-କଟକରେ ୫୭.୪୮%,ବଡ଼ମ୍ବାରେ୭୪.୫୬%,ଚୌଦ୍ୱାର-କଟକରେ ୫୯.୭୩%, କଟକ ସଦରରେ ୭୨.୦୯% ଏବଂ ଖଣ୍ଡପଡ଼ାରେ ୮୦.୮୮% ମତଦାନ ହୋଇଛି। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ଭୋଟହାର ରହିଛି ୭୮.୦୧%। ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ଆସନ ମଧ୍ୟରୁ ଅନୁଗୋଳରେ ୭୯.୬୬%, ଢେଙ୍କାନାଳରେ ୭୪.୬%, ହିନ୍ଦୋଳରେ ୭୪.୭%, କାମାକ୍ଷାନଗରରେ ୭୮.୧୧%, ପାଲଲହଡ଼ାରେ ୮୨.୯୮%, ପରଜଙ୍ଗରେ ୮୦.୫୫% ଏବଂ ତାଳଚେରରେ ୭୭.୮୯% ମତଦାନ ହୋଇଛି। କେନ୍ଦୁଝର ଲୋକ ସଭା ଆସନରେ ୭୮.୯୭% ମତଦାନ ହୋଇଥିବାବେଳେ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆନନ୍ଦପୁରରେ ୭୪.୬୫%, ଚମ୍ପୁଆରେ ୭୭.୪୧%, ଘସିପୁରାରେ ୮୦.୯୬%, କରଞ୍ଜିଆରେ ୭୪.୯୪%, କେନ୍ଦୁଝରରେ ୮୦.୫%, ପାଟଣାରେ ୮୦.୯୯% ଏବଂ ତେଲକୋଇରେ ୮୦.୬୫% ମତଦାନ ହୋଇଛି। ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ୭୫.୪୩% ଲୋକ ଭୋଟ ଦେଇଥିବାବେଳେ ଏହି ଆସନ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ବ୍ରହ୍ମଗିରିରେ ୮୧.୨୫%, ଚିଲିକାରେ ୭୧.୫୬%, ନୟାଗଡ଼ରେ ୭୫.୨୭%, ପିପିଲିରେ ୮୦.୫%, ପୁରୀରେ ୬୭.୬୫%, ରଣପୁରରେ ୭୪.୯୧% ଏବଂ ସତ୍ୟବାଦୀରେ ଭୋଟହାର ୭୭.୧୮% ମତଦାନ ହୋଇଛି। ସମ୍ବଲପୁର ଲୋକ ସଭା ଆସନରେ ୭୯.୫% ମତଦାନ ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆଠମଲ୍ଲିକରେ ୮୫.୬୯%, ଛେଣ୍ଡିପଦାରେ ୮୪.୩୬%, ଦେବଗଡ଼ରେ ୭୮.୧୭%, କୁଚିଣ୍ଡାରେ ୮୨.୮୮%, ରେଢ଼ାଖୋଲରେ ୭୯.୪୨%, ରେଙ୍ଗାଲିରେ ୮୨.୧୯% ଏବଂ ସମ୍ବଲପୁରରେ ୬୩.୬୯% ମତଦାନ ହୋଇଛି।

ଓଡ଼ିଶା ସମେତ ୬ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକ ସଭା ଆସନରେ ମୋଟ ୬୩.୩୬% ମତଦାନ ହୋଇଛି। ସେଥିମଧ୍ୟରୁ ବିହାରରେ ୫୭.୧୮%, ହରିୟାଣାରେ ୬୪.୮%, ଜମ୍ମୁ କଶ୍ମୀରରେ ୫୪.୮୪%, ଝାଡ଼ଖଣ୍ଡରେ ୬୫.୩୯%, ଦିଲ୍ଲୀରେ ୫୮.୬୯%, ଉତ୍ତରପ୍ରଦେଶରେ ୫୪.୦୪% ଏବଂ ପଶ୍ଚିମବଙ୍ଗରେ ୮୨.୭୧% ମତଦାତା ଭୋଟ ଦେଇଛନ୍ତି।

# ୨୯ରେ ମୋଦି, ୩୦ରେ ରାହୁଲ ଓଡ଼ିଶା ଆସିବେ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

**୪ ପର୍ଯ୍ୟାୟ ନିର୍ବାଚନୀ ପ୍ରଚାର**

## ୨୮ରେ ଶାହା, ୨୯ରେ ଆସିବେ ଖାର୍ଗେ

୨୦୨୪ ନିର୍ବାଚନ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ୩ଟି ପର୍ଯ୍ୟାୟ ପାଇଁ ଭୋଟିଂ ଶେଷ ହୋଇସାରିଛି। ତେବେ ଶେଷ ହୋଇସାରିଥିବା ୩ଟି ପର୍ଯ୍ୟାୟର ଭୋଟ ପାଇଁ ଉଭୟ ଭାଜପା ଏବଂ କଂଗ୍ରେସର କେନ୍ଦ୍ରୀୟ ନେତାମାନେ ଘନଘନ ଓଡ଼ିଶା ଗସ୍ତ କରିଛନ୍ତି। ଆସନ୍ତା ୧ ତାରିଖରେ ୪ର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ହେବ। ଏହି ପର୍ଯ୍ୟାୟରେ ହେବାକୁ ଥିବା ଭୋଟିଂ ଅଞ୍ଚଳଗୁଡ଼ିକରେ ପ୍ରଚାର କରିବାକୁ ପୁଣିଥରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପର୍ଯ୍ୟନ୍ତ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ରେ ଓଡ଼ିଶା ଗସ୍ତରେ ଆସି ୩ଟି ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ବାରିପଦା, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ଜନସଭାକୁ ସମ୍ବୋଧନ କରିବେ। ମଧ୍ୟାହ୍ନ ୧୨ଟାରେ ସେ ପ୍ରଥମେ ବାରିପଦାର ଛଉ ପଡ଼ିଆରେ ହେବାକୁଥିବା ସଭାରେ ଯୋଗଦେବେ। ଏହାପରେ ସାଢ଼େ ୧ଟାରେ ବାଲେଶ୍ୱରଠାରେ ଏବଂ ୩ଟା ୩୦ରେ କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ହେବାକୁ ଥିବା ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପୂର୍ବଦିନ ଓଡ଼ିଶା ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଅମିତ ଶାହା ପ୍ରଚାର କରିବେ। ସେ ଚାନ୍ଦବାଲିରେ ପ୍ରଥମ ସଭା କରିବେ। ଏହାପରେ କୋରେଇ ଓ ନିମାପଡ଼ା ନିର୍ବାଚନୀସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଥିବା ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୩୦ ତାରିଖରେ ରାହୁଲ ଗାନ୍ଧୀ ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଚାର କରିବାକୁ ଆସିବେ। ରାହୁଲ ପୂର୍ବାହ୍ନ ୧୧ଟାରେ ସିମୁଳିଆ ସ୍ଥିତ ସାନମହିତପୁରରେ ଆୟୋଜିତ ସଭାରେ ଯୋଗଦେବେ। ଏହାସହ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୯ ତାରିଖରେ ଓଡ଼ିଶା ଆସି ୨ଟି ସଭାରେ ଯୋଗଦେବେ। ସେହିଦିନ ପୂର୍ବାହ୍ନ ୧୧ଟାରେ ବାଲେଶ୍ୱର ଏବଂ ଅପରାହ୍ନ ୩ଟାରେ ଭଦ୍ରକ ଲୋକ ସଭା ଆସନ ଅନ୍ତର୍ଗତ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଆୟୋଜିତ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଓଡ଼ିଶା କଂଗ୍ରେସର ପ୍ରଭାରୀ ଅଜୟ କୁମାର ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

# ଋଷି ସୁନକ୍‌ଙ୍କ ଅଡୁଆ ବଢ଼ିଲା

**ନୂଆଦିଲ୍ଲୀ,୨୬।୫**

**ବ୍ରିଟେନ ନିର୍ବାଚନ ପୂର୍ବରୁ ୭୮ ଏମ୍‌ପିଙ୍କ ଇସ୍ତଫା**


ଋଷି ସୁନକ

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଜୁଲାଇ ୪ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବାର ୨ ଦିନ ପରେ ଶାସକ କଞ୍ଜରଭେଟିଭ୍ ପାର୍ଟିର ୭୮ ଏମ୍‌ପି ସମୂହ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଥର ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ୪୪ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ସୁନକ୍‌ଙ୍କ ପାଇଁ ଏହାକୁ ବଡ଼ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ଦଳ ଭିତରୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସେ ଗତ ୨୩ ତାରିଖରେ ଆଗୁଆ ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଏହା ପରେ ସୁନକ୍ ଶନିବାର ପ୍ରଚାରରେ ବାହାରିବା ପରିବର୍ତ୍ତେ ଘରେ ରହି ନିଜ ପରିବାର ଓ ଘନିଷ୍ଠ ପରାମର୍ଶଦାତାମାନଙ୍କ ସହ ସମୟ ବିତାଇଛନ୍ତି। ଇତିମଧ୍ୟରେ ତାଙ୍କ କ୍ୟାବିନେଟ ମନ୍ତ୍ରୀ ମାଇକେଲ ଗୋଭ୍ ଏବଂ ଆଣ୍ଡ୍ରିଆ ଲିଡ୍‌ସମ୍‌ଙ୍କ ସମେତ ଅନେକ ସହଯୋଗୀ ଇସ୍ତଫା ଦେବା ସହ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଇସ୍ତଫା ପ୍ରଦାନକାରୀ କଞ୍ଜରଭେଟିଭ୍ ପାର୍ଟି ଏମ୍‌ପିଙ୍କ ସଂଖ୍ୟା ୭୮ରେ ପହଞ୍ଚିଛି।

ଗୋଭ୍ ସୋସିଆଲ ମିଡିଆରେ ନିଜ ଇସ୍ତଫା ଘୋଷଣା କରିଛନ୍ତି। ତାଙ୍କ ଇସ୍ତଫା ବ୍ରିଟେନର ସମସ୍ତ ସଂସଦୀୟ ଆସନରେ ସୁନକ୍‌ଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ବୋଲି ମନେକରାଯାଉଛି। ସେହିପରି ଲିଡ୍‌ସମ୍ ମଧ୍ୟ ପୁନଃ ପ୍ରତିଦ୍ୱନ୍ଦ୍ୱିତା ନ କରିବା ବିଷୟ ସୁନକ୍‌ଙ୍କ ପାଖକୁ ପଠାଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଏବଂ ପ୍ରାକ୍ତନ ପ୍ରତିରକ୍ଷା ମନ୍ତ୍ରୀ ବେନ୍ ୱାଲେସ୍ ମଧ୍ୟ ସକ୍ରିୟ ରାଜନୀତି ଛାଡ଼ିବା ବିଷୟ ସୁନକ୍‌ଙ୍କୁ ଜଣାଇସାରିଛନ୍ତି।

# ଧ୍ରୁବ ରାଠିଙ୍କ ଭିଡିଓ ପରେ ବଳାତ୍କାର, ହତ୍ୟା ଧମକ ମିଳୁଛି: ସ୍ୱାତୀ ମାଲିୱାଲ

**ନୂଆଦିଲ୍ଲୀ,୨୬।୫**


ସ୍ୱାତୀ ମାଲିୱାଲ


ଧ୍ରୁବ୍ ରାଠି

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟା ସ୍ୱାତୀ ମାଲିୱାଲଙ୍କୁ ବଳାତ୍କାର ଓ ହତ୍ୟା ଧମକ ମିଳିବାରେ ଲାଗିଛି। ଆପ୍ ନେତାମାନଙ୍କ ଦ୍ୱାରା ତାଙ୍କ 'ଚରିତ୍ର ହନନ' ଅଭିଯାନ ଷଡ଼ଯନ୍ତ୍ର ପରେ ୟୁଟ୍ୟୁବରର ଧ୍ରୁବ୍ ରାଠି ତାଙ୍କ ବିରୋଧରେ ଏକତରଫା ଭିଡିଓ ପୋଷ୍ଟ କରିଛନ୍ତି। ଏହା ପରେ ସ୍ଥିତି ଆହୁରି ସଙ୍ଗିନ ହୋଇଯାଇଛି ବୋଲି ସ୍ୱାତୀ ରବିବାର ଅଭିଯୋଗ ଆଣିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ସ୍ୱାତୀ ଏନେଇ ଏକ ପୋଷ୍ଟ କରି ନିଜ ଦଳର ନେତାମାନଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସ୍ୱାତୀ କହିଛନ୍ତି, ମାମଲା ପ୍ରତ୍ୟାହାର ପାଇଁ ତାଙ୍କୁ ଆପ୍ ନେତାମାନେ ଧମକ ଦେଉଛନ୍ତି। ଧ୍ରୁବ ରାଠି ପୋଷ୍ଟ କରିଥିବା ୨.୫ ମିନିଟ ଅବଧିର ଭିଡିଓ ଉପରେ ତାଙ୍କୁ ଯୋଗାଯୋଗ ପାଇଁ ସେ ଉଦ୍ୟମ କରିଥିଲେ। ହେଲେ ଧ୍ରୁବ ତାଙ୍କ କଲ୍ ଓ ମେସେଜ୍‌ଗୁଡ଼ିକୁ ଅଣଦେଖା କରିଛନ୍ତି। ନିଜକୁ ସ୍ୱାଧୀନ ଖବରଦାତା ବୋଲି ଦାବି କରୁଥିବା ଏଭଳି ବ୍ୟକ୍ତି ଅନ୍ୟ ଆପ୍ ମୁଖପାତ୍ରଙ୍କ ପରି କାର୍ଯ୍ୟ କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସ୍ୱାତୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ସ୍ୱାତୀ ଆହୁରି କହିଛନ୍ତି, ଗତ ୧୩ରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବାସଭବନରେ ତାଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାର ଆକ୍ରମଣ କରିଥିବା ବିଷୟ ଆପ୍ ସ୍ୱୀକାର କରିବା ପରେ କାହିଁକି ୟୁ-ଟର୍ନ ନେଲା ତାହା ଧ୍ରୁବ ନିଜ ଭିଡିଓରେ ଉଲ୍ଲେଖ କରିନାହାନ୍ତି। ତାଙ୍କୁ ଆକ୍ରମଣ କରାଯାଇଥିବା ବିଷୟ ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଛି। କିନ୍ତୁ ଭିଡିଓରେ ନିର୍ଦ୍ଦିଷ୍ଟ ଭାବେ କେତେକ ଅଂଶକୁ ଦେଖାଯାଇଛି। ଏହା ପରେ ଅଭିଯୁକ୍ତ ବିଭବଙ୍କ ଫୋନ୍‌କୁ ଫର୍ମାଟ କରାଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘରକୁ ପ୍ରବେଶ କରିବାକୁ ଦିଆଯାଇଥିଲା। ବିନା କୌଣସି ସୁରକ୍ଷାରେ ମଣିପୁରକୁ ଯାଇ ମହିଳାଙ୍କ ଅଧିକାର ପ୍ରସଙ୍ଗ ଉଠାଇଥିବା ଜଣେ ମହିଳାଙ୍କୁ ଭାଜପା କିପରି କିଣି ନେଇପାରିବ ବୋଲି ସ୍ୱାତୀ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରକରଣରେ ଆପ୍‌ର ମହିଳା ବିରୋଧୀ ଆଭିମୁଖ୍ୟ ଧରାପଡ଼ିଯାଇଛି। ତେଣୁ ସେ ବଳାତ୍କାର ଓ ହତ୍ୟା ଧମକ ନେଇ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ଅପରାଧୀମାନଙ୍କ ବିରୋଧରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ସେ ଆଶାବାଦୀ ଥିବା ସ୍ୱାତୀ କହିଛନ୍ତି। ପ୍ରକାଶ ଯେ, ବିଭବଙ୍କୁ ଗତ ୧୮ରେ ଗିରଫ କରାଯାଇଥିଲା। ସେ ଜାମିନ ପାଇଁ ଶନିବାର ଏକ ସ୍ଥାନୀୟ କୋର୍ଟରେ ଆବେଦନ କରିଛନ୍ତି। ଅଦାଲତ ଏହା ଉପରେ ଦିଲ୍ଲୀ ପୋଲିସକୁ ନୋଟିସ କରି ଜବାବ ମାଗିଛନ୍ତି।

ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ମେ ୨୭/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, May 27/2024 | Page 16 ₹ 7.00 | BALASORE

୫୦ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 182 | ମୂଲ୍ୟ ₹୭/-




ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇବା ପରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ମାଟ୍ରିକ ପରୀକ୍ଷାଫଳ: ଛାତ୍ରୀ ଆଗରେ

### ପାସ୍ ହାର ୯୬.୦୭%

କଟକ,୨୬।୫ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ରବିବାର ପୂର୍ବାହ୍ଣରେ ପ୍ରକାଶ ପାଇଛି। ଏଥର ପାସ୍ ହାର ୯୬.୦୭% ହୋଇଛି। ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ୍ ହାର ସର୍ବାଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୬.୭୩% ଓ ଛାତ୍ରଙ୍କ ପାସ୍ ହାର ୯୫.୩୯% ହୋଇଛି। ସେହିପରି ଏକକାଳୀନ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାଫଳ ମଧ୍ୟ ବୋର୍ଡ ପକ୍ଷରୁ ପ୍ରକାଶ ପାଇଛି।

ଚଳିତ ବର୍ଷ ରାଜ୍ୟରୁ ମୋଟ୍ ୫,୪୧,୦୬୧ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୫,୩୦,୧୫୩ ଜଣ ପାସ୍ କରିଛନ୍ତି। ଏଥିସହ ୨୪୩ ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ଏଥର ବୋର୍ଡ ପକ୍ଷରୁ କୌଣସି ଗ୍ରେଡେଶନ ପରିସଂଖ୍ୟାନର ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରଥମଥର ପାଇଁ ଏଭଳି କରାଯାଇଥିଲେ ମଧ୍ୟ କୌଣସି କାରଣ କୁହାଯାଇନାହିଁ। ତେବେ ରାଜ୍ୟର ୩୦ ଜିଲା ମଧ୍ୟରେ ପାସ୍ ହାର ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୭.୯୮% ହୋଇଥିବାବେଳେ ନୂଆପଡ଼ା ଜିଲାରେ ସର୍ବନିମ୍ନ ୯୩.୯୧% ହୋଇଛି। ସେହିପରି ବରଗଡ଼ ଜିଲାରେ ୯୭.୬୪, ଜଗତ୍‌ସିଂହପୁରରେ ୯୭.୬, କଟକରେ ୯୭.୫୮, ଝାରସୁଗୁଡ଼ାରେ ୯୭.୨୮, ସୁନ୍ଦରଗଡ଼ରେ ୯୭.୨୪, ସୁବର୍ଣ୍ଣପୁରରେ ୯୭.୧୧, ଗଜପତିରେ ୯୭.୦୮, ଗଞ୍ଜାମରେ ୯୭.୦୬, ପୁରୀରେ ୯୬.୭୭, ଭଦ୍ରକରେ ୯୬.୭୩, ସମ୍ବଲପୁରରେ ୯୬.୭୩, ଦେବଗଡ଼ରେ ୯୬.୭୧, ଅନୁଗୋଳରେ ୯୬.୬୩, କନ୍ଧମାଳରେ ୯୬.୬, ନୟାଗଡ଼ରେ ୯୬.୨୩, ରାୟଗଡ଼ାରେ ☞ପୃଷ୍ଠା-୬

ଆଇପିଏଲ୍ ଫାଇନାଲ: କେକେଆର୍ ଚାମ୍ପିୟନ | ☞ପୃଷ୍ଠା-୯

## ଯୁକ୍ତ୨ ପାସ୍ ହାର ୮୨.୭୭%

### କଳା ୮୦.୯୫, ବାଣିଜ୍ୟ ୮୨.୨୭, ବିଜ୍ଞାନ ୮୬.୯୩, ଧନ୍ଦାମୂଳକ ଶିକ୍ଷାରେ ୬୮.୦୨%

ଭୁବନେଶ୍ୱର, ୨୬।୫ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତ୨ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଫଳାଫଳ ଏକସଙ୍ଗରେ ଘୋଷଣା କରାଯାଇଛି। ରାଜ୍ୟରେ ୩,୮୨,୬୪୬ଜଣ ଯୁକ୍ତ୨ ପରୀକ୍ଷା ଦେଇଥିବା ବେଳେ ୩,୧୬,୩୨୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ପାସ୍ ହାର ୮୨.୭୭% ରହିଛି। କଳାରେ ପାସ୍ ହାର ୮୦.୯୫ ପ୍ରତିଶତ ରହିଥିବାବେଳେ ବାଣିଜ୍ୟ ୮୨.୨୭, ବିଜ୍ଞାନ ୮୬.୯୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପାସ୍ ହାର ୬୮.୦୨ ପ୍ରତିଶତ ରହିଛି। ଏଥର ୫୮୭ଜଣ ୯୦% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ବିଜ୍ଞାନରେ ସର୍ବାଧିକ ୩୯୪ଜଣ ଥିବା ବେଳେ ବାଣିଜ୍ୟରେ ୧୩୫, କଳାରେ ୫୭ ଏବଂ ଧନ୍ଦାମୂଳକ ଶିକ୍ଷାରେ ଜଣେ ପରୀକ୍ଷାର୍ଥୀ ରହିଛନ୍ତି। ତେବେ ସବୁ ବିଭାଗରେ ଛାତ୍ରୀମାନେ ଆଗରେ ରହିଛନ୍ତି। ସେହିଭଳି ଗତବର୍ଷ ତୁଳନାରେ ଚଳିତବର୍ଷ ସବୁ ବିଭାଗରେ ପାସ୍ ହାର ବୃଦ୍ଧି ପାଇଛି। କଳାରେ ୨,୩୫,୨୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧,୯୦,୪୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ☞ପୃଷ୍ଠା-୬

## ଦିଲ୍ଲୀ ହସ୍ପିଟାଲରେ ନିଆଁ: ୭ ନବଜାତକଙ୍କ ମୃତ୍ୟୁ

### ହସ୍ପିଟାଲ ମାଲିକ ଗିରଫ

ନୂଆଦିଲ୍ଲୀ,୨୬।୫

ପୂର୍ବ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ଥିବା ନିଉବର୍ନ ବେବି କେୟାର ହସ୍ପିଟାଲରେ ଶନିବାର ରାତିରେ ନିଆଁଲାଗି ୭ ନବଜାତକଙ୍କ ମୃତ୍ୟୁ ଘଟିଛି। ୧୬ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସଂକୀର୍ଣ୍ଣ ଗଳି ଏବଂ ପାଖରେ କୌଣସି ଜଳ ଉତ୍ସ ନ ଥିବାରୁ ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନିଆଁ ଲାଗିବା ପରେ ଦୁଇ ମହଲା ବିଶିଷ୍ଟ ହସ୍ପିଟାଲ ବିଲ୍ଡିଂରେ ଥିବା ଅକ୍ସିଜେନ୍ ☞ପୃଷ୍ଠା-୬

ଆଜିର ସମ୍ପାଦକୀୟ | ଦାୟିତ୍ୱହୀନତାରୁ ବିପର୍ଯ୍ୟୟ








GRAND SUCCESS
୨୦୨୪ +୨ ବିଜ୍ଞାନ ଫଳାଫଳ ରେ ପୁଣିଥରେ ଐତିହାସିକ ସଫଳତା....
GRAND SUCCESS
PRINCE COLLEGE
The No. 1 Residential College for - +2 SCIENCE +2 ARTS
PRINCE GROUP OF INSTITUTIONS
100% Result
342 1st Class
90% Above-8
80% Above-90
ପୁଣିଥରେ +୨ ବିଜ୍ଞାନ ରେ ରାଜ୍ୟରେ ଦ୍ୱିତୀୟ ଏବଂ ଜିଲ୍ଲାରେ ପ୍ରଥମ
PRINCE
572
95.3%
ABHISHEK DHADA
95.3% ABHISHEK DHADA
92% BIKASH KU. DAS
91% UZZAL KU. GIRI
91% LINA RANI GHOSH
91% JIGYANSA DHAL
91% SUBHANKAR MOHANTA
91% ANUSHREE SINGH
90% ABHIPSA NAIK
MAYURBHANJ TOPPER
ALL ODISHA 2nd TOPPER
ପାଠ ପଢ଼ାରେ.. ରେଜଲ୍ଟରେ.. NO-1
And Many More...
BARIPADA
City Office: Debendrapur, Campus: Ramnagar
8895102045, 9937701648, 7750853980
www.princecollege.in
BALASORE
Central School Square, Bhoisahi
8763403768, 9337687655, 9937701648







# ବାଘଛାଲ ଜବତ, ୫ ଗିରଫ

**ଖଡ଼ିଆଳ,୨୬।୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଥିଲେ, ୨୨ ତାରିଖରେ ଉଦନ୍ତୀ ସୀତାନଦୀ ଟାଇଗର ପ୍ରୋଜେକ୍ଟର କର୍ମଚାରୀମାନେ ଖଡ଼ିଆଳ ବନାଞ୍ଚଳର କୋମନା ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ସେକ୍ସନ ହରିପୁର ଗ୍ରାମଠାରେ ଏକ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ଖବର ପାଇଥିଲେ। ସେମାନଙ୍କଠାରୁ ସୂଚନାପାଇ ଖଡ଼ିଆଳ ବନାଞ୍ଚଳର କର୍ମଚାରୀମାନେ ସଦଳବଳ ହରିପୁରଗ୍ରାମଠାରେ ଗ୍ରାହକ ସାଜି ପହଞ୍ଚି ଚଢ଼ାଉ କରିଥିଲେ। ସେମାନେ ବାଘଛାଲକୁ ଜବତ କରିବା ସହ ସେହି ଗ୍ରାମର ଚିନୁ ପରାଭୋଇ, ଚାନ୍ଦୋପଲା ଗ୍ରାମର ଜଦୁ ପହରିଆଙ୍କୁ ଗିରଫ କରିଥିଲେ। ପରେ ଘଟଣାର ତଦନ୍ତ କରି ସମ୍ପୃକ୍ତ ଥିବା ଖଡିଆଳ ବ୍ଲକ ଜୁନାନୀ ଗ୍ରାମର ରମେଶ ମାଝି, ଭୋଜପୁର ଗ୍ରାମର ତୁଳସୀରାମ ପରାଭୋଇ, ବଲାଙ୍ଗୀର ଜିଲା ଯାମଖୁଟା ପଞ୍ଚାୟତର ମାଲପଡ଼ାର ପବିତ୍ର ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅଭିଯୁକ୍ତମାନେ ବ୍ୟବହାର କରିଥିବା ଦୁଇଟି ନମ୍ବରବିହୀନ ବାଇକ୍, ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଏହି ଚଢ଼ାଉରେ ନେତୃତ୍ୱ ନେଇଥିଲେ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସଂସ୍କୃତା ଗଡନାୟକ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଧର୍ମେନ୍ଦ୍ର ନାଏକ, କନ୍ଦର୍ପ ସୁନାନୀ, ଫରେଷ୍ଟ ଗାର୍ଡ ନରେଶ ଦଣ୍ଡସେନା, ପ୍ରସନ୍ନ ହଂସ, ଲିଙ୍ଗରାଜ ଗହୀର, ସରୋଜ ମାଝି ପ୍ରମୁଖ ସାମିଲ ଥିଲେ।

# ମାଟ୍ରିକରେ କମ୍ ନମ୍ବର ରହିବାରୁ ଆତ୍ମହତ୍ୟା ଉଦ୍ୟମ

**ବୈଶିଙ୍ଗା/ ବେତନଟୀ, ୨୬।୫ (ରତନ ଦାଶ)/(ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ମାଟ୍ରିକ୍ ପରୀକ୍ଷାରେ କମ୍ ନମ୍ବର ରହିବାରୁ ମାନସିକ ଭାରସାମ୍ୟ ହରାଇ ଜଣେ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ କୀଟନାଶକ ପିଇ ଦେଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଛାତ୍ର ଜଣକ ତାଙ୍କ ମାମୁଘର ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଜାମୁନିଆ ଗ୍ରାମରେ ରହି ପାଠ ପଢୁଥିଲେ। ସେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବା ପରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ବୋଲି ଭାବିଥିଲେ। ମାତ୍ର ସେ ମୋଟ ୨୪୨ ନମ୍ବର ରଖିଥିବା ଦେଖି ଭାଙ୍ଗିପଡ଼ିଥିଲେ। ମଧ୍ୟାହ୍ନରେ ସେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ।

# ଅଶାନ୍ତ ସମୁଦ୍ର, ରେଡ୍ ଆଲର୍ଟ

- **ଖୋଲିଲା କଣ୍ଟ୍ରୋଲ ରୁମ୍, ୪୮ ଟ୍ରେନ୍ ବାତିଲ**
- **ଦୀଘା ହୋଟେଲ ଖାଲି କରିବାକୁ ନିର୍ଦ୍ଦେଶ**
- **କୋଲକାତା ବିମାନବନ୍ଦରରୁ ଉଡ଼ାଣ ବନ୍ଦ**

**ଭୋଗରାଇ,୨୬।୫(ପ୍ରଦୀପ ଦାସ)**

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ରେମଲ ପଶ୍ଚିମବଙ୍ଗ ସାଗରଦୀପ ଓ ବାଂଲାଦେଶ ଖେପୁପଡା ନିକଟତର ହୋଇଛି। ଏହାର ପ୍ରଭାବରେ ବାଲେଶ୍ୱର ଜିଲା ସମେତ ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଓ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଘଣ୍ଟାପ୍ରତି ୮୦ କି.ମି.ରୁ ଊର୍ଦ୍ଧ୍ୱ ବେଗରେ ପବନ ପ୍ରବାହିତ ହେଉଛି। ମଧ୍ୟରାତ୍ରିରେ ଏହା ବୃଦ୍ଧି ପାଇ ୧୧୦ରୁ ୧୩୦ କି.ମି. ପର୍ଯ୍ୟନ୍ତ ହେବାର ସମ୍ଭାବନା ଥିବା ଜଳବାୟୁ ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଏନଇ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ ଉପକୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ ଜିଲାରେ ପ୍ରଶାସନ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଥିବାବେଳେ ପଶ୍ଚିମବଙ୍ଗର ଦୀଘା ସହିତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପ୍ରଶାସନ ପକ୍ଷରୁ ମାଇକ ଲଗାଇ ଲୋକଙ୍କୁ ସଚେତନ କରାଯାଉଛି।

ସମୁଦ୍ର ଅଶାନ୍ତ ହୋଇଥିବାବେଳେ ଉତ୍ତାଳ ଢେଉ କୂଳ ଆଡକୁ ୨ ଫୁଟ୍ ଉଚ୍ଚରେ ଉଠି ତଟ ସୁରକ୍ଷା ପଥର ବନ୍ଧରେ ମାଡ଼ କରୁଛି। ଦୀଘା ସୈକତ ସହରରେ ପର୍ଯ୍ୟଟକମାନଙ୍କୁ ହୋଟେଲ ଖାଲିକରିଦେବା ସହିତ ହୋଟେଲ ବୁକିଂ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଏଥି ସହିତ ସାଗରଦୀପ, କାକଦ୍ୱୀପ, ନାମଖାନା, ବଗଖାଲି, ସୁନ୍ଦରବନ, କେନିଂ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବିପଦ ସଂକେତ ଜାରି କରାଯାଇଛି। ସାମୁଦ୍ରିକ ଝଡ଼ର ପ୍ରଭାବ ଦକ୍ଷିଣରୁ ଉତ୍ତର ପଶ୍ଚିମବଙ୍ଗକୁ ମୁହାଁଇବ ବୋଲି କୋଲକାତା ଆଲିପୁର ପାଣିପାଗ କେନ୍ଦ୍ର ସୂଚନା ଦେଉଥିବାରୁ କୋଲକାତା ବିମାନ ବନ୍ଦରରୁ ବିମାନ ଉଡାଣ ବନ୍ଦ କରିଦିଆଯାଇଛି। ଏଥି ସହିତ ସିଆଲଦାହ ରେଳ ଡିଭିଜନର ୪୮ଟି ଟ୍ରେନ ବାତିଲ କରାଯାଇଥିବା ବେଳେ ଦୀଘା– କୋଲକାତା ଟ୍ରେନ୍ ଚଳାଚଳ ରେଲୱେ ପକ୍ଷରୁ ଘୋଷଣା କରାଯାଇଛି। ବାତ୍ୟା ପ୍ରଭାବରେ ବାଲେଶ୍ୱର ଜିଲାରେ ତୁହାକୁତୁହା ବର୍ଷା ଓ ଝଟକା ପବନ ବହୁଛି। ସବୁଠି ରେଡ୍ ଆଲର୍ଟ ଜାରି କରାଯାଇଛି।

# ଯାଞ୍ଚ ହେବ ସିସିଟିଭି ଫୁଟେଜ୍: ଏସ୍‌ପି

## ଇଭିଏମ୍ ଭାଙ୍ଗି ପ୍ରଶାନ୍ତ ଜଗଦେବ ଜେଲ ଯିବା ଘଟଣା

**ଖୋର୍ଦ୍ଧା,୨୬।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ପ୍ରକଳ୍ପ ବିଦ୍ୟାଳୟ ୧୧୪ନଂ. ବୁଥ୍‌ରେ ଗଣ୍ଡଗୋଳ, ଦୁର୍ବ୍ୟବହାର ଓ ଇଭିଏମ୍ ଭଙ୍ଗାରୁଜା ଅଭିଯୋଗରେ ପୋଲିସ ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରି ଶନିବାର ଖୋର୍ଦ୍ଧା ଜେଲକୁ ପଠାଇଥିଲା। ଏନେଇ ରବିବାର ଏସ୍‌ପି ଦାୟିତ୍ୱରେ ଥିବା ଅବିନାଶ କୁମାର କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ଇସିଆଇ ଗାଇଡ୍‌ଲାଇନ ଅନୁଯାୟୀ ଏକ ପୋଲିଂ ଷ୍ଟେଶନର ମୁଖ୍ୟ ହେଉଛନ୍ତି ପ୍ରିଜାଇଡିଂ ଅଫିସର। ଇଭିଏମ୍ ଭାଙ୍ଗିବା, ପ୍ରିଜାଇଡିଂ ଅଫିସରଙ୍କୁ ଗାଳିଗୁଲଜ, ଦୁର୍ବ୍ୟବହାର, ମତଦାନରେ ବାଧା ସୃଷ୍ଟି, ଜାତୀୟ ସମ୍ପତ୍ତିକୁ ନଷ୍ଟ କରିବା ଆଦି ନେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ପିଡିପିପି ଆକ୍ଟରେ ଜଗଦେବଙ୍କୁ ଗିରଫ କରାଯାଇଛି। ଏବେ ଯାଏ ସିସିଟିଭି ଯାଞ୍ଚ କରାଯାଇନାହିଁ। ଜିଲା ନିର୍ବାଚନ ଅଧିକାରୀ(ଡିଇଓ)ଙ୍କୁ ସିସିଟିଭି ଫୁଟେଜ ମଗାଯିବ। ନିର୍ବାଚନ ପ୍ରକ୍ରିୟା ପରେ ଏହାକୁ ଯାଞ୍ଚ କରାଯିବ। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଥାଉ କି, କାଉଁରିପାଟଣା ମତଦାନ କେନ୍ଦ୍ରକୁ ଶନିବାର ଅପରାହ୍ନରେ ଜଗଦେବ ତାଙ୍କ ସ୍ତ୍ରୀଙ୍କ ସହ ଭୋଟ ଦେବାକୁ ଯାଇଥିଲେ। ଏହି ସମୟରେ ବୁଥ୍ ଭିତରେ ଇଭିଏମ୍ ଫିଙ୍ଗାଫୋପଡ଼ା ନେଇ ଅଭିଯୋଗ ଉଠିଥିଲା। ଏହାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ଜଗଦେବ ଜଣେ ପ୍ରିଜାଇଡିଂ ଅଫିସରଙ୍କୁ ଗାଳିଗୁଲଜ କରୁଥିବା ଜଣାପଡିଥିଲା। ଏହାର କିଛି ସମୟ ପରେ ଜଗଦେବ ସେଠାରୁ ବାହାରି ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ଗାଡିରେ ବସି ଖୋର୍ଦ୍ଧା ଯାଉଥିବା ବେଳେ ବେଗୁନିଆ ନିକଟରେ ପୋଲିସ ଗାଡ଼ିକୁ ଅଟକାଇଥିଲା। ଏହା ପରେ ପୋଲିସ ଜଗଦେବଙ୍କୁ ଗାଡ଼ିରୁ ଓହ୍ଲାଇ ବୋଲଗଡ଼ ଥାନାକୁ ଆଣିଥିଲା। ଇଭିଏମ୍ ଭଙ୍ଗାଯିବା ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ଏବଂ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି ବୋଲି ଅଭିଯୋଗ ଆଣି ଜଗଦେବ ସମର୍ଥକଙ୍କ ସହ ଥାନା ପରିସରରେ କିଛି ସମୟ ଧାରଣା ଦେଇଥିଲେ। ପରେ ପୋଲିସ ତାଙ୍କୁ ଖୋର୍ଦ୍ଧା ନେଇଯାଇଥିଲା। ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ରାତିରେ ଏସ୍‌ଡିଜେଏମ୍‌ଙ୍କ ରେସିଡେନ୍ସିଆଲ କୋର୍ଟରେ ଜଗଦେବଙ୍କୁ ହାଜର କରାଯିବା ପରେ ବିଳମ୍ବିତ ରାତିରେ ଜେଲକୁ ପଠାଇ ଦିଆଯାଇଥିଲା। ଜଗଦେବଙ୍କ ବିରୋଧରେ ଆଇପିସି ଧାରା ୪୫୨, ୪୪୮, ୨୯୪, ୩୫୪, ୩୨୩, ୩୩୨, ୪୨୭, ୧୭୧(ସି), ୫୦୬(ଆଇ), ୩୪ ଆଇପିସି ସହ ୩ ପିପୁଲ୍ସ ରିପ୍ରେଜେଣ୍ଟେଶନ (ପିଡିପିପି)ରେ ଆକ୍ଟରେ ମାମଲା(ନଂ.୧୧୭/୨୪) ରୁଜୁ ହୋଇଛି। ତେବେ ଇଭିଏମ୍ ଭଙ୍ଗାଯିବା ଘଟଣାରେ ଜଗଦେବଙ୍କ ହାତ ନ ଥିବା ତାଙ୍କ ସମର୍ଥକ, କର୍ମୀମାନେ ଗଣମାଧ୍ୟମରେ କହିଛନ୍ତି। ଅନ୍ୟ କେତେଜଣ ଯୁବକ ବୁଥ୍‌ରେ ପଶି ଗଣ୍ଡଗୋଳ କରି ଇଭିଏମ୍‌କୁ ଭାଙ୍ଗି ଦେଇଥିବା ବେଳେ ଏହାକୁ ଜାଣିଶୁଣି ଜଗଦେବଙ୍କୁ ଫସାଇ ଦିଆଯାଇଛି ବୋଲି ସ୍ଥାନୀୟ ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣାର ଯାଞ୍ଚ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଟ୍ରକ୍ ପଛରେ ପିଟିହେଲା ଆମ୍ବୁଲାନ୍ସ, ରୋଗୀ ମୃତ

**ମଙ୍ଗୁଳି-ଜଗତପୁର,୨୬।୫(ମାନସ ସାମଲ)**

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବଇଁଝୁଆ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ୧୦୮ ଆମ୍ବୁଲାନ୍ସ ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ମୃତା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲା ମହୁଲବୋରେଇ ଅଞ୍ଚଳର ଫୁଲ ସୋରେନ(୬୫)। ଚିକିତ୍ସାଲାଗି ଗୁରୁତରମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଆମ୍ବୁଲାନ୍ସ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାରେ ଆମ୍ବୁଲାନ୍ସଟି ଭାଙ୍ଗି ଚୂର୍‌ମାର୍ ହୋଇଯାଇଛି।

ପୋଲିସ ସୂଚନା ମୁତାବକ, ଫୁଲ ଅସୁସ୍ଥ ହୋଇପଡିବାରୁ ମୟୂରଭଞ୍ଜ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅଧିକ ଚିକିତ୍ସା ଆବଶ୍ୟକ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ (ନଂ.ଓଡି୦୨ବିଜେ-୯୬୩୮) ଯୋଗେ ଶନିବାର ରାତିରେ କଟକ ବଡ ଡାକ୍ତରଖାନା ଆଣୁଥିଲେ। ବଇଁଝୁଆ ଛକ ନିକଟ ରାସ୍ତାପାର୍ଶ୍ୱରେ ପାର୍କିଂ କରିଥିବା ଏକ ଟ୍ରକ୍ ପଛରେ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଫୁଲଙ୍କ ମୃତ୍ୟୁ ଘଟିଥିଲା।



ବାତ୍ୟା ରେମାଲ ପ୍ରଭାବରେ ରବିବାର ପୁରୀ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଉପକୂଳରେ ବର୍ଷିଲା, ଆଜିଠୁ ପୁଣି ବଢ଼ିବ ତାତି

**ଭୁବନେଶ୍ୱର,୨୬।୫(ଅସମାପିକା ସାହୁ)**

ବଙ୍ଗୋପସାଗରରେ ବାତ୍ୟା 'ରେମାଲ' ଅଧିକ ଘନୀଭୂତ ହୋଇ ରବିବାର ଭୀଷଣ ବାତ୍ୟାର ରୂପ ନେଇଛି। ଏହା ଉତ୍ତର ଦିଗରେ ଗତି କରିବା ସହିତ ରାତି ୧୦ଟା ସୁଦ୍ଧା ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଡ଼କୁ ଅଗ୍ରସର ହୋଇଥିଲା। ଏହା ପ୍ରଭାବରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ସହ ସଂଲଗ୍ନ କଟକ ଜିଲାର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ତୀବ୍ର ବୃଷ୍ଟିପାତ(ଘଣ୍ଟାପ୍ରତି ୨ରୁ ୩ ସେମି) ଲାଗି ରହିଥିଲା। ଏଥିସହ ଭୁବନେଶ୍ୱର ସମେତ ପାର୍ଶ୍ୱବର୍ତ୍ତୀ ଜିଲାରେ ଝିପିଝିପି ବର୍ଷା ହୋଇଥିଲା। ହେଲେ ରାଜ୍ୟର ଅନ୍ୟସବୁ ଜିଲାରେ ତାତି ଜାରି ରହିଥିଲା। ନୂଆପଡ଼ାରେ ସର୍ବାଧିକ ୪୨.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୦.୭ ଓ ସମ୍ବଲପୁରରେ ୪୦ ଡିଗ୍ରୀ ରହିଥିଲା। ବାକିସବୁ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ତଳେ ରହିଥିଲେ ମଧ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିଲା। ତେବେ ବାତ୍ୟା ଉପକୂଳ ଛୁଇଁବା ପରେ ଓଡ଼ିଶାରେ ସୋମବାରଠାରୁ ପୁଣି ତାପମାତ୍ରା ବଢ଼ିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।

ଅନ୍ୟପକ୍ଷରେ ବାତ୍ୟାକୁ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗରେ ରେଡ ଆଲର୍ଟ ଜାରି କରାଯାଇଛି। ଦକ୍ଷିଣ ୨୪ ପ୍ରଗଣା, ଉତ୍ତର ଚବିଶ ପ୍ରଗଣା, ପୂର୍ବ ମେଦିନୀପୁର, କୋଲକାତା, ହାୱଡା, ହୁଗୁଳି ଜିଲାରେ ପ୍ରଶାସନ ସତର୍କ ରହିଛି। ଦୀଘା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ୧୨ଟି ଏନଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ସମୁଦ୍ର ଅଶାନ୍ତ ରହୁଥିବାରୁ ୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସେପଟେ ବିପର୍ଯ୍ୟୟ ମୁକାବିଲା ପାଇଁ ଭାରତୀୟ ନୌସେନା ବର୍ତ୍ତମାନର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଅନୁସରଣ କରି ପ୍ରସ୍ତୁତି ଆରମ୍ଭ କରିଛି। ନୌସେନା ମୁଖ୍ୟାଳୟରେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଭାରତୀୟ ନୌସେନା ତୁରନ୍ତ ସହାୟତା ପାଇଁ ଏଚ୍‌ଏଡିଆର୍ ଏବଂ ଚିକିତ୍ସା ସାମଗ୍ରୀ ସହିତ ସଜ୍ଜିତ ଦୁଇଟି ଜାହାଜକୁ କ୍ଷତିଗ୍ରସ୍ତ ଅଞ୍ଚଳ ଆଡକୁ ଅଗ୍ରସର କରାଇଛି। ଏହାବ୍ୟତୀତ ଭାରତୀୟ ନୌସେନାର ସି କିଙ୍ଗ ଓ ଚେତକ ହେଲିକପ୍ଟର ସହ ଡୋର୍ନିୟର ବିମାନ ମଧ୍ୟ ଶୀଘ୍ର ଉଦ୍ଧାର କାର୍ଯ୍ୟରେ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାତ୍ୟା 'ରେମାଲ'କୁ ନେଇ ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମୀକ୍ଷା କରିଛନ୍ତି।

### ବାତ୍ୟା 'ରେମାଲ': ଓଡ଼ିଶାରେ ପ୍ରଭାବଶୂନ୍ୟ

# ଋଣ ଶୁଝି ନ ପାରିବାରୁ ଯୁବକଙ୍କ ଆତ୍ମହତ୍ୟା

**ପରଜଙ୍ଗ,୨୬।୫ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ କୁମୁଣ୍ଡି ପଞ୍ଚାୟତ ରିଆ ଗ୍ରାମର ଚିକନ ସାମଲ(୪୧) ଋଣ ଟଙ୍କା ଶୁଝି ନ ପାରି ରବିବାର ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଚିକନ ସାମଲଙ୍କ ସ୍ତ୍ରୀ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଦସ୍ୟା ଅଛନ୍ତି। ଉକ୍ତ ଗୋଷ୍ଠୀରୁ ଚିକନ କିଛି ଟଙ୍କା ଧାର ଆଣିଥିଲେ। ସେହି ଟଙ୍କା ଶୁଝି ନ ପାରିବାରୁ ଗୋଷ୍ଠୀ ଓ ଚିକନଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଫଳରେ ଚିକନଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଚିକନ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଚିକନଙ୍କ ସମ୍ପର୍କୀୟଙ୍କ ଅଭିଯୋଗକ୍ରମେ ସାଆନ୍ଦା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୧୧୯୦ ବୋତଲ କଫ୍ ସିରପ୍ ଜବତ, ୩ ଗିରଫ

- **କଟକରୁ ବଲାଙ୍ଗୀର ଚାଲାଣ ବେଳେ ଧରାପଡ଼ିଲା**
- **ବୋଲେରୋକୁ ଏସ୍କର୍ଟ କରୁଥିଲା ଆପାଚି ବାଇକ୍**

**ବଲାଙ୍ଗୀର,୨୬।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ଏକ ବୋଲେରୋରେ କଟକରୁ ବଲାଙ୍ଗୀର ଚାଲାଣ ହେଉଥିବା ୧୧୯୦ ବୋତଲ କଫ୍ ସିରପ୍‌କୁ ବଲାଙ୍ଗୀର ଟାଉନ ଥାନା ପୋଲିସ ଟିମ୍ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବଲାଙ୍ଗୀର ବରପାଲିପଡ଼ାର ରୋହନ ଜେନା, କନ୍ଧପାଲିପଡ଼ାର ରାଜେନ୍ଦ୍ର ବାରିକ ଏବଂ ମଣ୍ଟୁ ବାରିକ। ପୋଲିସ ଚଢ଼ାଉ ସମୟରେ ୭/୮ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ସାଢ଼େ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ ଡାକି ଏହି କଫ୍ ସିରପ୍ ଚୋରାଚାଲାଣ ସମ୍ପର୍କରେ ସୂଚନା ଦେଇଥିଲେ।



ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ କଫ୍ ସିରପ୍ ଓ ଗାଡ଼ି।

ପ୍ରକାଶ ଯେ, କଟକ ଅଞ୍ଚଳରୁ ଏକ ବୋଲେରୋ (ନଂ.ଓଡି ୦୮ ଇ ୮୭୬୨)ରେ ବହୁ ପରିମାଣର କଫ୍ ସିରପ୍ ଚୋରାଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବଲାଙ୍ଗୀର-ବରଗଡ଼-ସମ୍ବଲପୁର ରାସ୍ତାରେ ପାଟ୍ରୋଲିଂ ଆରମ୍ଭ ହୋଇଥିଲା। ଏକ ଆପାଚି ବାଇକ୍‌ରେ ଜଣେ ଯୁବକ କଫ୍ ସିରପ୍ ବୋଝେଇ ବୋଲେରୋକୁ ଏସ୍କର୍ଟ କରୁଥିବା ଦେଖିବା ପରେ ବଲାଙ୍ଗୀର ପୋଲିସ ଟିମ୍ ସହର ଉପକଣ୍ଠ ଏକ ଗାଡ଼ି ଶୋ'ରୁମ୍ ପାଖରେ ଉକ୍ତ ବୋଲେରୋ ଓ ବାଇକ୍‌କୁ ଘେରିଥିଲା। ପୋଲିସ ଟିମ୍‌ର ଅତର୍କିତ କାର୍ଯ୍ୟାନୁଷ୍ଠାନ ଦେଖି କଫ୍ ସିରପ୍ ଚୋରା ଚାଲାଣକାରୀମାନଙ୍କ ମଧ୍ୟରୁ ୭/୮ ଜଣ ଫେରାର ହେବାରେ ସଫଳ ହୋଇଥିଲେ। ତେବେ ପୋଲିସ ଟିମ୍ ୩ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏଥିସହ କଫ୍ ସିରପ୍ ଭର୍ତ୍ତି ବୋଲେରୋ ଓ ଆପାଚି ବାଇକ୍‌କୁ ଜବତ କରିଥିଲା। ସେହି ଗାଡ଼ିରୁ ୧୧୯୦ ବୋତଲ ମନୋକଫ୍ ଏବଂ ଏସ୍‌କଫ୍ ବ୍ରାଣ୍ଡର କଫ୍ ସିରପ୍ ମିଳିଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (୪୦୮/୨୪) ରୁଜୁ କରାଯାଇ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ବିଶ୍ୱଜିତ୍ ମନବୋଧ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ମାମଲା ରହିଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଥିଲେ।

କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଣିଷ ଭିତରୁ ମଧ ଅତିମାନବ ଉଠିଆସୁଛି। **-ଶ୍ରୀଅରବିନ୍ଦ**



# ଦାୟିତ୍ୱହୀନତାରୁ ବିପର୍ଯ୍ୟୟ

ଏବେ ଦୁଇଟି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିବା ଭଳି ବିଷୟ ଭାବେ ଉଭା ହୋଇଛି। ୨୫ ମେ' ୨୦୨୪ରେ ଗୁଜରାଟର ରାଜକୋଟସ୍ଥିତ ଗେମିଂ ଜୋନ୍‌ରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିବାରୁ ୯ ଯୁବକଙ୍କ ସମେତ ୨୭ ଜଣଙ୍କ ମୃତ୍ୟୁ ଏବଂ ସେହି ୨୫ ମେ' ମଧ୍ୟରାତ୍ରିରେ ନୂଆଦିଲ୍ଲୀସ୍ଥିତ ନ୍ୟୁ ବର୍ନ ବେବି କେୟାର ହସ୍ପିଟାଲରେ ନିଆଁ ଲାଗି ୭ ଜଣ ନବଜାତଙ୍କ ପ୍ରାଣହାନି ଘଟିଛି। ଦୁଇଟି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଇତିମଧ୍ୟରେ ଗୁଜରାଟ ହାଇକୋର୍ଟ ନିଜ ଆଡୁ ଏହି ବିଷୟକୁ ଗମ୍ଭୀରତାର ସହିତ ନେଇ ତୁରନ୍ତ ରିପୋର୍ଟ ଦେବାକୁ ରାଜ୍ୟ ସରକାର ଓ ମ୍ୟୁନିସିପାଲ କର୍ପୋରେଶନକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ଦିଲ୍ଲୀ ଘଟଣାରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଭି. କେ. ସାକ୍ସେନା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଉପରୋକ୍ତ ଦୁଇଟି ଦୁର୍ଘଟଣାକୁ ଦେଖିଲେ ସେସବୁ ମନୁଷ୍ୟକୃତ। ଶୁଣିବାକୁ ମିଳୁଛି, କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ରାଜକୋଟ ଗେମିଂ ଜୋନ୍ ବେଆଇନ ଭାବେ ଚାଲୁଥିଲା। ସେହିଭଳି ନୂଆଦିଲ୍ଲୀସ୍ଥିତ ନ୍ୟୁ ବର୍ନ ବେବି କେୟାର ହସ୍ପିଟାଲରେ ନିଆଁ ଲାଗି ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଏହାର ମାଲିକ ଡାକ୍ତର ନବୀନ କିଚି ଫେରାର ହୋଇଯାଇଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କୁ ଅଟକ ରଖାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ସମ୍ପୃକ୍ତ ହସ୍ପିଟାଲରେ ରୋଗୀଙ୍କ ନିରାପତ୍ତାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଅବଶ୍ୟ ଏଭଳି ଘଟଣା ଅତୀତରେ ଓଡ଼ିଶା ସମେତ ଅନେକ ରାଜ୍ୟରେ ବାରମ୍ବାର ଘଟିଛି। କେବଳ ଲାଭକୁ ଅନାଇ ଲୋକଙ୍କ ସାଧାରଣ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ଅନୁମତି ଦେଉଥିବା ଓ ଯାଞ୍ଚ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଅଭାବନୀୟ ଘଟଣା ସାମ୍ନାକୁ ଆସୁଛି। ଅଧିକାରୀମାନେ ଲାଞ୍ଚ ନେଇ ଲାଇସେନ୍ସ ଦେଇ ଦେଉଥିବାରୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳେ କୋର୍ଟ ଏବଂ ସରକାରଙ୍କ ତଦନ୍ତ କେବଳ ନିର୍ଦ୍ଦେଶ ଭିତରେ ସୀମିତ ରହିଗଲେ ବେଆଇନ ଉପାୟ ଅନୁସରଣ କରୁଥିବା ବ୍ୟକ୍ତିମାନେ ଚେତିବେ ନାହିଁ। ଏଭଳି ମାମଲାକୁ କ୍ରମାଗତ ଅନୁସରଣ କରାଯାଇ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଆଗଲେ ହୁଏତ ଅବହେଳାରୁ ସୃଷ୍ଟି ହେଉଥିବା ବିପର୍ଯ୍ୟୟର ମାତ୍ରା କମିପାରନ୍ତା।

**ଆମ ଦେଶର ସବୁଠାରୁ ବଡ଼ ରୋଗ ହେଉଛି ଦାୟିତ୍ୱହୀନତା। କେହି କୌଣସି କାର୍ଯ୍ୟ କରିବାକୁ ଉତ୍ତରଦାୟୀ ରହୁ ନ ଥିବାରୁ ସବୁ ସ୍ତରରେ ମନଇଚ୍ଛା କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି ହେଉଛି। ସେହିଭଳି କାର୍ଯ୍ୟ ନ କରି ଅବହେଳା କରିବାର ସୁଯୋଗ ମଧ ସୃଷ୍ଟି ହେଉଛି।**

କେବଳ ଅଗ୍ନିକାଣ୍ଡରେ ମୃତ୍ୟୁ ଘଟୁଛି, ତାହା ନୁହେଁ। ୨ ଜୁନ୍ ୨୦୨୩ରେ ବାଲେଶ୍ୱର ଜିଲା ବାହାନଗା ରେଳ ଷ୍ଟେଶନରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ମଧ ମନୁଷ୍ୟକୃତ ଥିଲା ଓ କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟରେ ଅବହେଳା କରିଥିବା ହେତୁ ଏହା ଘଟିଥିଲା। ଏଥିରେ ୨୯୬ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ଆହତ ହୋଇଥିଲେ। ସେହିପରି ୩୦ ଅକ୍ଟୋବର ୨୦୨୨ ସନ୍ଧ୍ୟାରେ ଗୁଜରାଟର ମୋର୍ବିସ୍ଥିତ ମାଚ୍ଛୁ ନଦୀରେ ୧୦୦ ବର୍ଷର ପୁରୁଣା ସସ୍ପେନ୍‌ସନ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ୧୪୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇ ପାଣିରେ ଫସିରହିଥିଲେ। ଉକ୍ତ ଝୁଲା ପୋଲ ବ୍ରିଟିଶ ସରକାର ଅମଳରେ ନିର୍ମାଣ କରାଯାଇଥିଲା। ଏହା ଦୁର୍ବଳ ହୋଇଯାଇଥିବାରୁ ତାହାର ମରାମତି କରାଯାଇଥିଲା। ପୁନଃ ନିର୍ମାଣ ପରେ ସେହିବର୍ଷ ୨୬ ଅକ୍ଟୋବରରେ ଖୋଲାଯାଇଥିଲା। ସେତେବେଳେ କୁହାଯାଇଥିଲା ଯେ, ମୋର୍ବି ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କ ନିକଟରୁ ଫିଟ୍‌ନେସ୍ ସାର୍ଟିଫିକେଟ ମିଳି ନ ଥିବା ସତ୍ତ୍ୱେ ସର୍ବସାଧାରଣଙ୍କ ପାଇଁ ଉକ୍ତ ବ୍ରିଜ୍‌କୁ ଖୋଲି ଦିଆଯାଇଥିଲା। ଅନୁରୂପ ଭାବେ ୩୧ ମାର୍ଚ୍ଚ ୨୦୧୬ରେ କୋଲକାତାର ଗିରିଶ ପାର୍କ ଅଞ୍ଚଳରେ ନିର୍ମାଣାଧୀନ ବିବେକାନନ୍ଦ ରୋଡ୍ ଫ୍ଲାଏଓଭର ଭୁଶୁଡ଼ି ପଡ଼ିବାରୁ ୨୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୮୦ ଜଣ ଆହତ ହୋଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ମନକୁ ଆସୁଛି। ଏସବୁ ଦୁର୍ଘଟଣା ହେଉଛି ମନୁଷ୍ୟକୃତ ଓ ଲାଞ୍ଚରୁ ଜନ୍ମ। ଆମ ଦେଶର ସବୁଠାରୁ ବଡ଼ ରୋଗ ହେଉଛି ଦାୟିତ୍ୱହୀନତା। କେହି କୌଣସି କାର୍ଯ୍ୟ କରିବାକୁ ଉତ୍ତରଦାୟୀ ରହୁ ନ ଥିବାରୁ ସବୁ ସ୍ତରରେ ମନଇଚ୍ଛା କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି ହେଉଛି। ସେହିଭଳି କାର୍ଯ୍ୟ ନ କରି ଅବହେଳା କରିବାର ସୁଯୋଗ ମଧ ସୃଷ୍ଟି ହେଉଛି।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 4 | 1 | | | |
| | 5 | | | 8 | | | | |
| 1 | | 3 | 9 | | | 4 | | |
| | | | | | 8 | 9 | | 6 |
| 7 | | | 1 | | | | | |
| | | | | 9 | | | | |
| 2 | 9 | 7 | | | | | 4 | |
| | | 4 | 8 | | | | | 1 |
| 6 | | | | | | | 2 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 8 | 6 | 9 | 1 | 3 | 4 | 7 |
| 3 | 6 | 4 | 5 | 7 | 8 | 2 | 1 | 9 |
| 9 | 1 | 7 | 3 | 2 | 4 | 5 | 8 | 6 |
| 2 | 4 | 3 | 7 | 6 | 9 | 1 | 5 | 8 |
| 1 | 5 | 9 | 8 | 3 | 2 | 7 | 6 | 4 |
| 8 | 7 | 6 | 1 | 4 | 5 | 9 | 3 | 2 |
| 6 | 9 | 2 | 4 | 5 | 3 | 8 | 7 | 1 |
| 7 | 3 | 1 | 9 | 8 | 6 | 4 | 2 | 5 |
| 4 | 8 | 5 | 2 | 1 | 7 | 6 | 9 | 3 |

ଗତକାଲିର ଉତ୍ତର


# ରାଜନେତାଙ୍କ ଅନୁଭବ ବାହାରେ



ହରେକୃଷ୍ଣ ପଣ୍ଡା

ଅନ୍ୟାନ୍ୟ ଦେଶ ଭଳି ଭାରତ ଏକ ଭୂଖଣ୍ଡ ନୁହେଁ। ଏ ଦେଶର ମାଟି, ଗୋଡ଼ି, ପାହାଡ଼, ପର୍ବତ ଜୀବନ୍ତ ବୋଲି ମହାନ୍ ସତ୍ୟଦ୍ରଷ୍ଟା ଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି। ଏହାକୁ ଏକ ଭାବାବେଗ ବା କଳ୍ପନା ବୋଲି କହିହେବ ନାହିଁ। ଏ କଥାଟି ସୂଚାଇ ଦେବାର ତାତ୍ପର୍ଯ୍ୟ ହେଉଛି, ଏହି ଭୂଖଣ୍ଡରେ ବହୁ ମହାମନୀଷୀ,ସାଧୁସନ୍ଥ ଜନ୍ମଗ୍ରହଣ କରି ସମଗ୍ର ଜଗତର କଲ୍ୟାଣ ପାଇଁ ମାର୍ଗ ଦର୍ଶାଇ ଯାଇଛନ୍ତି। ବେଦ,ବେଦାନ୍ତ,ଉପନିଷଦ ଆଦି ଗ୍ରନ୍ଥ ଓ ଦର୍ଶନ ଏହି ଦେଶରୁ ପ୍ରକାଶ ପାଇଛି। ଯେଉଁଥିପାଇଁ ସାରା ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ଆଜି ଆକର୍ଷିତ। ଭାରତବାସୀ ଏହାକୁ ଆଚରଣ ବା କାର୍ଯ୍ୟରେ ପରିଣତ କରିପାରିଲେ ଜଗଦ୍‌ଗୁରୁ ହୋଇପାରିବ। ଏହି ଅର୍ଥରେ ଭାରତ ବିଶ୍ୱର ଗୁରୁ ହୋଇପାରିବ, ଯେହେତୁ ଭାରତର ପ୍ରାଚୀନ ସମ୍ପଦର ମାର୍ମିକବୋଧକୁ ହଜାରେ ବର୍ଷ ତଳୁ ସନାତନ ସଂସ୍କୃତି ବା ସନାତନ ଧର୍ମ ବା ଭାରତୀୟତା ବୋଲି କୁହାଯାଇ ଆସୁଛି। ଯାହାକୁ ସାରା ବିଶ୍ୱ ଆଜି ପର୍ଯ୍ୟନ୍ତ ଗ୍ରହଣ କରି ଆସିଛି। କିନ୍ତୁ ଭାରତର ରାଜନୈତିକ ପୃଷ୍ଠପୋଷକମାନେ ଭିନ୍ନ ଭିନ୍ନ ଅର୍ଥ କରି ଏହାର ସ୍ୱରୂପକୁ କଦର୍ଥ କରି ଚାଲିଛନ୍ତି। ଖାଲି ସେତିକି ନୁହେଁ ଯେଉଁ ପାଶ୍ଚାତ୍ୟ ଜଗତ ଭାରତ ପ୍ରତି ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଆଣିଥିଲେ, ସେମାନଙ୍କ ମାନସିକତାକୁ ଦୋହଲାଇ ଦେବାକୁ ବସିଛି ଆଜିର ଭାରତୀୟ ରାଜନୀତି। ସମଗ୍ର ବିଶ୍ୱ ଭୂଖଣ୍ଡରେ ଭାରତ ଏକ ମହାନ୍ ଦେଶ ବୋଲି ସୁପ୍ରତିଷ୍ଠିତ। କାରଣ ସମଗ୍ର ବିଶ୍ୱ ମାନବସମାଜ ପାଇଁ ଭାରତୀୟ ଦର୍ଶନରେ ରହିଛି କଲ୍ୟାଣ ଓ ଉର୍ଦ୍ଧ୍ୱ ଚେତନାର ବାର୍ତ୍ତା। ଏହି ଦୃଷ୍ଟିକୋଣରୁ ଭାବିଲେ ପ୍ରାଚୀନ ଜ୍ଞାନସମ୍ପଦକୁ ନେଇ ଭାରତୀୟତା ଭାବଧାରା ସୃଷ୍ଟି ହୋଇଛି। ଏହି ଭାରତୀୟତା ବାସ୍ତବରେ ରାଷ୍ଟ୍ରୀୟ ଚେତନା ବା ଧର୍ମକୁ ବୁଝାଏ।

କୌଣସି ରାଷ୍ଟ୍ର ତା'ର ଧର୍ମକୁ ଛାଡ଼ିପାରେ ନାହିଁ। ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଧର୍ମ ରହିଛି। ତେବେ ଭାରତ ତା'ର ନିଜସ୍ୱ ଧର୍ମକୁ ନେଇ ଗତି କରିବାରେ ଅସୁବିଧା ରହିଲା କେଉଁଠି? ଆମେ ଭାରତୀୟ ବୋଲି କହିବାରେ ଦ୍ୱିଧାବୋଧ କାହିଁକି? ଭାରତୀୟତା କହିଲେ, ଆମ ପ୍ରାଚୀନ ସଂସ୍କୃତି, ଦର୍ଶନ, ମାନବିକତା ଓ ଆଧ୍ୟାତ୍ମିକତାବୋଧକୁ ବୁଝାଏ। ଗାନ୍ଧିଜୀ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ। ରାମରାଜ୍ୟ ଅର୍ଥ ମଣିଷର ସୁଖ, ସମୃଦ୍ଧି, ଶାନ୍ତି ଓ ସାମାଜିକ ସୁରକ୍ଷା ବା ସମ୍ପର୍କକୁ ବୁଝାଏ। ଏହା ସବୁ ସମ୍ପ୍ରଦାୟ ଲୋକଙ୍କ କାମ୍ୟ। ଏହା ହିଁ ଭାରତୀୟତା, ଏହାକୁ ସବୁ ସମ୍ପ୍ରଦାୟ ଗ୍ରହଣ କରିନେଲେ ଅସୁବିଧା କେଉଁଠି? ମଣିଷ ଭଳି ଗୋଟିଏ ରାଷ୍ଟ୍ରର ଆତ୍ମା, ମନ, ପ୍ରାଣ, ଶରୀର ଅଛି। ଏହାକୁ କେହି ସ୍ୱୀକାର କରି ନ ପାରନ୍ତି, ଏହାକୁ ନେଇ ଯୁକ୍ତି କରିପାରନ୍ତି। କିନ୍ତୁ ଏହାକୁ ଭାବି ନେବାରେ ଏଥିପାଇଁ ନିଜର ମାନସିକତାକୁ ପ୍ରସ୍ତୁତ କରିବାରେ କିଛି ଅସୁବିଧା ତ ନାହିଁ। ଯେଉଁମାନେ ଭାରତକୁ ହିନ୍ଦୁ ରାଷ୍ଟ୍ର ବୋଲି କହିବାକୁ ଚାହାନ୍ତି ନାହିଁ, ଅସହିଷ୍ଣୁତା ପ୍ରକାଶ କରନ୍ତି ସେମାନଙ୍କ ପାଇଁ ବିକଳ୍ପ ନୀତି ହେଉଛି ଭାରତୀୟତାବୋଧ। ଭାରତୀୟତା ହେଉଛି ସମଗ୍ର ବିଶ୍ୱ ପାଇଁ ଏକ ବୃହତର ଦର୍ଶନ। ଏହି ଚିନ୍ତାଧାରା ବ୍ୟତିରେକେ ଏବେ ଦେଶରେ ଯେଉଁ ଯୁକ୍ତି, ଦ୍ୱନ୍ଦ୍ୱ, ଉତ୍ତେଜନା, ବିବାଦ, ହିଂସା, ରାଜନୈତିକ ଯୁଦ୍ଧ ଲାଗିଛି ତା'ର ସମାଧାନର ଅନ୍ୟ ପନ୍ଥା ନାହିଁ। ଏହି ବିବାଦ ବାସ୍ତବରେ ଅନାହୂତ। ନିଜର ରାଷ୍ଟ୍ର ଧର୍ମ କ'ଣ ତାହା ବୁଝି ନ ପାରି ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କୁ ନିଜ ସମର୍ଥନକୁ ଆଣିବା ପାଇଁ କିଛି ରାଜନୀତିଜ୍ଞଙ୍କର ଏହା ଏକ ଚକ୍ରାନ୍ତ ବା ମସୁଧା ବୋଲି କୁହାଯାଇପାରେ। ଗାନ୍ଧିଜୀ ସର୍ବଧର୍ମ ସମନ୍ୱୟର ସ୍ୱପ୍ନ ଦେଖିଥିଲେ। ସେ କିନ୍ତୁ ଭାରତର ରାଷ୍ଟ୍ରଧର୍ମ ଭାରତୀୟତା ଭଳି ଏକ ଜାତୀୟତାବୋଧକୁ ଅସ୍ୱୀକାର କରି ନ ଥିଲେ। ଏହି ଜାତୀୟତାବୋଧ ଭାବକୁନେଇ ସ୍ୱାଧୀନତା ଆନ୍ଦୋଳନ କରାଯାଇଥିଲା। ସେହି ଭାବଧାରାକୁ ନେଇ ହଜାର ହଜାର ଜନସାଧାରଣ ନିଜର ପ୍ରାଣବଳୀ ଦେଇଥିଲେ।



ଏବେ ସ୍ୱାଧୀନତା ପରେ ସେହି ଭାବଧାରାରୁ ଦୂରେଇ ରହୁଥିବା ରାଜନୀତିଜ୍ଞ, ରାଜନେତା, ରାଜନୈତିକ କର୍ମୀ, ଶାସକ, ପ୍ରଶାସକ, କିଛି ଧର୍ମୀୟ ପ୍ରବକ୍ତା ବା ଦେଶର ବୁଦ୍ଧିଜୀବୀ ବୋଲାଉଥିବା ବ୍ୟକ୍ତି ନିଜ ଦେଶପ୍ରତି ଅନ୍ୟାୟ ଆଚରଣ କରୁନାହାନ୍ତି କି? ବ୍ୟକ୍ତିର ଗର୍ବ ଗୌରବର ଅନୁଭୂତି ଆଣିବାରେ ଯେଉଁମାନେ ବାଧା ସୃଷ୍ଟି କରି ଚାଲିଛନ୍ତି ସେମାନେ ଯେଉଁ ସ୍ତରର ହୁଅନ୍ତୁ ନା କାହିଁକି ସେମାନଙ୍କଠାରେ ରାଷ୍ଟ୍ରୀୟ ଚେତନା ନ ଥିବା କୁହାଯାଇପାରେ।

ଏହା ସ୍ୱୀକାର କରାଯାଇପାରେ ଯେ ଭାରତରେ ବିଭିନ୍ନ ଧର୍ମୀୟ ବ୍ୟକ୍ତି, ବିଭିନ୍ନ ଭାଷାଭାଷୀ, ବିଭିନ୍ନ ସଂସ୍କୃତିର ଲୋକ ବାସ କରୁଛନ୍ତି। ତା' ବୋଲି ନୁହେଁ ଯେ ଭାଷା ଓ ଧର୍ମୀୟ ଆଚରଣକୁ ନେଇ ଦେଶରେ ଭିନ୍ନ ଭିନ୍ନ ଶାସନ ବା ଆଇନ ରହିବା ଉଚିତ ହେବ। ସ୍ୱାଧୀନତା ପରେ ଭାରତର ଯେଉଁ ସମ୍ବିଧାନ ପ୍ରଣୟନ କରାଗଲା ସେଥିରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ଦିଆଯାଇଛି। କିନ୍ତୁ ସେତେବେଳେ ଶାସନ କ୍ଷେତ୍ରରେ ଯେଉଁ ଭିନ୍ନ ଅଧିକାରକୁ ସାବ୍ୟସ୍ତ କରାଯାଇଥିଲା ତାହା ଦୀର୍ଘ ୭୫ ବର୍ଷ ପରେ ସମୀକ୍ଷା ସ୍ତରକୁ ଆସିଗଲା। କାରଣ ଏବେ ଯେତେବେଳେ ସମଗ୍ର ବିଶ୍ୱ ଗୋଟିଏ ପରିବାର ତୁଲ୍ୟ ମନେହେଲା ସେତେବେଳେ ଭାରତ ତା'ର ରାଷ୍ଟ୍ର ଧର୍ମର ସମୀକ୍ଷା କରିବା ଏକାନ୍ତ ଆବଶ୍ୟକ। ସମଗ୍ର ବିଶ୍ୱରେ ମାନବତାବାଦ ପ୍ରତିଷ୍ଠା ପାଇଁ ଯେତେବେଳେ ସ୍ୱର ଉଠିଲାଣି, ସେ କ୍ଷେତ୍ରରେ ଭାରତରେ ବିବିଧତାବାଦର ଅର୍ଥ ବଦଳିବା ସ୍ୱାଭାବିକ। ବିଶ୍ୱର ଶିକ୍ଷିତ ଯୁବତୀଯୁବକ ଚିରନ୍ତନ ମୂଲ୍ୟବୋଧକୁ ଆଦରି ନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେଲେଣି। ତେଣୁ ଭାରତରେ ଭାଷା, ଧର୍ମ, ସଂସ୍କୃତିକୁ ନେଇ ଭବିଷ୍ୟତକୁ ଧରିବା ପାଇଁ ଧାଉଁଥିବା ନାଗରିକମାନେ କେବେହେଲେ ବିଭାଜନ ପ୍ରକ୍ରିୟାକୁ ଗ୍ରହଣ କରିବେ ନାହିଁ। ଅତୀତର ଶାସକମାନେ ଯେଉଁ ଭୁଲ ପ୍ରଥାକୁ ଗ୍ରହଣ କରିଥିଲେ ଏବେକାର ଶାସକମାନେ ଯଦି ସେହି ଭୁଲ ପ୍ରଥାର ସଂଶୋଧନ ନ କରି ଆଗକୁ ବଢନ୍ତି ତେବେ ଦେଶରେ ପ୍ରଗତି ସମ୍ଭବ ହୋଇପାରିବ ନାହିଁ। ଦେଶର ଶିକ୍ଷିତ ନାଗରିକମାନେ ଏମାନଙ୍କୁ କେବେହେଲେ କ୍ଷମା କରିବେ ନାହିଁ। ଦେଶରେ ଏକକ ଆଇନର ଆବଶ୍ୟକତା ଦେଖାଦେଇଥିବା ବେଳେ ସବୁପ୍ରକାର ଆଇନକାନୁନ ବ୍ୟବସ୍ଥା ମଧ୍ୟରେ ନ୍ୟାୟ ପ୍ରତିଷ୍ଠାର ଆବଶ୍ୟକତା ଦେଖାଦେଇଛି। ପ୍ରଗତି ସ୍ରୋତରେ ଦେଶର କିଛି ପୁରୁଣା ହଜିଯିବ, ଆଉ କିଛି ନୂଆ ଜନ୍ମ ନେବ, କିନ୍ତୁ ରାଷ୍ଟ୍ର ଧର୍ମ ଅର୍ଥାତ୍ ରାଷ୍ଟ୍ରକୁ ଯିଏ ଧରିରଖିବ ତା'ର ବିଲୋପ ହେବ ନାହିଁ। ତାହା ହେଉଛି ରାଷ୍ଟ୍ରୀୟ ଚେତନା।

ରାଷ୍ଟ୍ରବାଦ କହିଲେ, କେବଳ ରାଜନୈତିକ କାର୍ଯ୍ୟକ୍ରମକୁ ବୁଝାଏ ନାହିଁ। ଏହା ହେଉଛି ଏକ ଜୀବନାଦର୍ଶ, ଯାହାକୁ ଜୀବନର ମାର୍ଗ ବୋଲି କୁହାଯାଏ। ଏହା ହେଉଛି ଜାତୀୟ ସ୍ୱକୀୟ ପ୍ରତିଭା ଏବଂ ଜନଗଣଙ୍କ ପ୍ରାଣଗତ ଯଥାର୍ଥ ଭାବଧାରା ଓ ଜାତୀୟ ଅଭୀପ୍‌ସାର ପ୍ରାଣଗତ କେନ୍ଦ୍ର। ଦେଶର ଯାହା କିଛି ସୁନ୍ଦର, ଉଦାର, ବୃହତ୍ ସେଗୁଡ଼ିକର ଅସଲ ଉତ୍ସ ହେଉଛି ଜାତୀୟତାବାଦ। କୁଳବୃଦ୍ଧ ମଧୁସୂଦନ ଦାସ ଯଥାର୍ଥରେ କହିଛନ୍ତି- ଜାତି ଇତିହାସ, ଜାତିର ନିର୍ଝର, ସଦା ବହେ ତହିଁ ଜାତି ପ୍ରାଣ ଧାର। ସେ ଧାରରୁ ନୀର ପିଇଛି ଯିଏ ନର, ନିଶ୍ଚୟ ହେବ ସେ ଜାତିର କର୍ମବୀର। ବେଦରେ ସ୍ୱୟଂ ଦେବୀ କହୁଛନ୍ତି ଅହଂ ରାଷ୍ଟ୍ରୀ। ବାସ୍ତବରେ ଦେଖିବାକୁ ଗଲେ ପ୍ରତି ନିର୍ବାଚନରେ ଲୋକେ ନିଜର ଗଣତାନ୍ତ୍ରିକ ଶକ୍ତି ପ୍ରୟୋଗ କରିଥାଆନ୍ତି ନୂତନ ସମ୍ଭାବନାକୁ ଆଖି ଆଗରେ ରଖି। ସ୍ୱାଧୀନତା ପରେ ଦେଶରେ ଏବେ ଯେଉଁ ଏକ ନୂତନ ଜାତୀୟତାର ବାତାବରଣ ଦେଖାଦେଇଛି, ତାହା ଏକ ନୂତନ ସରକାର ଗଠନ କାରଣରୁ ନୁହେଁ। ବରଂ ଜନମାନସରେ ଏକ ନୂତନ ବିଚାର ଓ ଆଶାର ସଞ୍ଚାର ହେତୁ। କ୍ରମଶଃ ରାଷ୍ଟ୍ରୀୟ ଚେତନା ଜାଗ୍ରତ ହେବା କାରଣରୁ ଦେଶରେ ନୂତନ ସମ୍ଭାବନା ସୃଷ୍ଟି ହୋଇଛି। କିନ୍ତୁ ଏଯାବତ ଦେଶରେ ରାଜନୈତିକ ନେତୃବୃନ୍ଦଙ୍କ ମନରେ ଏହି ଜାତୀୟତାବୋଧ ଭାବନା ଆସି ନାହିଁ। ସେମାନେ ଚିନ୍ତା କରିବା ଆବଶ୍ୟକ ଯେ କୌଣସି ରାଜନୈତିକ ଦଳ ଏହି ରାଷ୍ଟ୍ର ଶକ୍ତିକୁ ନିର୍ମାଣ କରି ନାହିଁ। କୌଣସି ଧର୍ମ ବା ମତବାଦ ମଧ୍ୟ ଏହାର ନିର୍ମାତା ନୁହନ୍ତି। ଦେଶର କୋଟି କୋଟି ସନ୍ତାନକୁ ଯିଏ ନିଜ ବକ୍ଷରେ ବହନ କରିଛି ସେ ହେଉଛି ସ୍ୱୟଂ ଭାରତମାତା। ଏ ଯୁଗର ନେତାମାନେ ଏହା ଅନୁଭବ କରିବା ଏକାନ୍ତ ଆବଶ୍ୟକ।

**ସୟଦପୁର, ଯାଜପୁର**
**ମୋ: ୯୪୩୭୩୧୫୬୨୩**

# କୃଷିଭୂମି ରୂପାନ୍ତରଣର ବିପଦ



ଈପ୍ସିତା ମହାନ୍ତି

ପ୍ରାଚୀନ ଭାରତୀୟ ସଂସ୍କୃତ ପୁସ୍ତକରେ କୃଷିଜମି ୧୨ ଶ୍ରେଣୀରେ ବିଭକ୍ତ ଥିଲା। 'ଭୂମିବର୍ଗା' ନାମକ ଏହି ପୁସ୍ତକ ୨ ହଜାର ବର୍ଷ ତଳେ ରଚିତ ହୋଇଥିବା ବିବେଚନା କରାଯାଏ। ମାଟିର ପ୍ରକୃତି ଏବଂ ସେହି ଅଞ୍ଚଳରେ ଜଳର ଉପଲବ୍ଧତା ଆଧାରରେ ଏହି ଶ୍ରେଣୀ ବିଭାଗ ହୋଇଥିଲା। ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜ ଦରବାରର ଶ୍ରୀବୃଦ୍ଧି କରିଥିବା ନବରତ୍ନଙ୍କ ମଧ୍ୟରୁ ଜଣେ ଥିଲେ ଅମରସିଂ। ତାଙ୍କ ରଚିତ ଅମରକୋଷ ଗ୍ରନ୍ଥରେ ମଧ ଭୂମିର ବର୍ଗୀକରଣ ହୋଇଛି। ବିଦ୍ୱାନଙ୍କ ମତରେ ପ୍ରାୟ ୧୦ ହଜାର ବର୍ଷ ପୂର୍ବେ ଉତ୍ତରସ୍ଥ ଉର୍ବରଯୁକ୍ତ ସମତଳ ଅଞ୍ଚଳ ବାହାରେ ଭାରତୀୟ ଉପମହାଦେଶରେ ବ୍ୟବସ୍ଥିତ ଢଙ୍ଗରେ ଚାଷ କାର୍ଯ୍ୟ ହେଉଥିଲା। ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ କର୍ନାଟକରେ ଏହିପରି ୧୨ଟି ପ୍ରାଚୀନ ସ୍ଥାନ ଆବିଷ୍କୃତ ହୋଇଛି, ଯେଉଁଠାରୁ ବହୁ ବର୍ଷ ତଳେ ଡାଲି, ବାଜରା ଏବଂ ଗହମ ଚାଷ ହେଉଥିବା ସ୍ପଷ୍ଟ ପ୍ରମାଣ ମିଳିଛି। ଅନ୍ୟ କେତେଜଣ ବିଦ୍ୱାନଙ୍କ ମତରେ ଭାରତୀୟ କୃଷିର ପ୍ରାଚୀନ ଇତିହାସ ପ୍ରାୟ ଖ୍ରୀଷ୍ଟପୂର୍ବ ୯ ହଜାର ବର୍ଷ ପୂର୍ବରୁ ଅର୍ଥାତ୍ ଆଜକୁ ପ୍ରାୟ ୧୧ ହଜାର ବର୍ଷ ତଳେ ଆରମ୍ଭ ହୋଇଥିଲା।

ଏକଥା ସତ୍ୟ ଯେ କୃଷିର ବିକାଶ ପରେ ହିଁ ମନୁଷ୍ୟ ସୁଚିନ୍ତିତ ଏବଂ ନିରାପଦ ସ୍ଥାୟୀ ବସତି ଉପରେ ଧ୍ୟାନଦେଲା। ସହରୀକରଣ ଦିଗରେ ଏହା ଥିଲା ମାନବ ଜାତିର ପ୍ରଥମ ପଦକ୍ଷେପ। ବସତି ନିର୍ମାଣ ପରେ ମନୁଷ୍ୟ ସେଠାରେ ନିଜର ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ପ୍ରୟାସ ଆରମ୍ଭ କରିଥିଲା। ବିକାଶର ସୁବିଧା ଅନ୍ୟମାନଙ୍କୁ ବସତି ପ୍ରତି ଆକର୍ଷିତ କଲା। ବସତିଗୁଡ଼ିକ ଧୀରେ ଧୀରେ ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ଶକ୍ତିର କେନ୍ଦ୍ରସ୍ଥଳ ପାଲଟିଲେ। ପରବର୍ତ୍ତୀ ସମୟରେ ନିରନ୍ତର ଏହା ନିଜର କାୟାବିସ୍ତାର କରି ଚାଲିଲା। କିଛି ଦଶନ୍ଧି ପୂର୍ବରୁ ମାନବ ଶ୍ରମ ଉପରେ ମେଶିନ(ଯନ୍ତ୍ର)ର ଦକ୍ଷତା ବିସ୍ତାର କରିନଥିଲା। ଗ୍ରାମଗୁଡ଼ିକ ଆଧୁନିକ ବିକାଶଠାରୁ ବହୁ ଦୂରରେ ଥିଲେ। ତଥାପି ସମାଜର ପ୍ରଗତିରେ ଗ୍ରାମଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଗତ କିଛି ଦଶନ୍ଧି ମଧ୍ୟରେ ସହରୀକରଣ ଗ୍ରାମରୁ ତାହାର ବହୁମୂଲ୍ୟ ସମ୍ପଦ ଲୁଣ୍ଠନ କରିବା ଆରମ୍ଭ କରିଦେଲା। ଏହି ସମ୍ପଦ ହେଉଛି ଗ୍ରାମର କୃଷି ଜମି।

ଯେହେତୁ ସହରର ଜନସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି। ସହରୀ ଲୋକଙ୍କୁ ବାସଗୃହ ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ପାଇଁ ନିରନ୍ତର ନୂତନ ନିର୍ମାଣ ଆବଶ୍ୟକ ହେଉଛି। ସହରୀ ଜୀବନ ଅତି ସାଧାରଣ ହେବାରେ ଲାଗିଛି। ଏଥିପାଇଁ ସାରା ଦୁନିଆରେ ସହରଗୁଡ଼ିକ ଗ୍ରାମର ସୀମା ଆଡ଼କୁ ମାଡ଼ି ଚାଲିଛି। ଗତ କିଛି ଦଶନ୍ଧି ହେଲା ଭାରତରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କୃଷିଜମି ଆବାସିକ(ଘରବାରି) ଜମିରେ ପରିବର୍ତ୍ତିତ ହୋଇ ଅଣକୃଷି କାର୍ଯ୍ୟରେ ବ୍ୟବହୃତ ହେଉଛି। ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନକରି ତାହା ଉପରେ ନୂତନ ନିର୍ମାଣ ପ୍ରତିଷ୍ଠାର ଝୁଙ୍କ ଆଜି ଭାରତୀୟଙ୍କଠାରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ସରକାରୀ ଆକଳନ ଅନୁଯାୟୀ ୧୯୯୩ରୁ ୨୦୦୦ ମଧ୍ୟରେ ୩୮୫୬.୨ ହେକ୍ଟର କୃଷିଜମିକୁ ଘରବାରି କିସମରେ ରୂପାନ୍ତରିତ କରାଯାଇ ତା' ଉପରେ ନିର୍ମାଣ କାର୍ଯ୍ୟ ହୋଇଥିଲା। ସେବେଠାରୁ ଏହି ଧାରା କ୍ରମାଗତ ଭାବେ ବୃଦ୍ଧି



ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରଙ୍କ ପାଖରେ କେବଳ ସେହି ଜମିର ତଥ୍ୟ ରହିଛି, ଯାହା କୃଷିକାର୍ଯ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ରୂପାନ୍ତରିତ ହୋଇଥିଲା। କିନ୍ତୁ ଅବୈଧ ନିର୍ମାଣ କିମ୍ବା ଅଧିଗ୍ରହଣ ହୋଇଥିବା କୃଷିଜମିର ପରିମାଣ ଏହାଠାରୁ ଅନେକ ଗୁଣରେ ଅଧିକ। ଏହି ଧାରା ଦୁନିଆର ଅନ୍ୟ ଦେଶରେ ମଧ ଦେଖାଦେଇଛି। ଉଦାହରଣ ସ୍ୱରୂପ, ଚାଇନାର ହ୍ୟାଙ୍ଗ୍-ଜିଆ-ହୁ ଅଞ୍ଚଳରେ ସହରୀକରଣ ପାଇଁ ସଡ଼କ ନିର୍ମାଣ ସକାଶେ ସମୁଦାୟ ୨୮.୫% ଚାଷଜମି ହ୍ରାସ ପାଇଛି। ଏଭଳି ସ୍ଥିତି ୟୁରୋପ ଏବଂ ଆମେରିକାର ନୀତି ନିର୍ମାତାମାନଙ୍କୁ ଚିନ୍ତିତ କରିଛି। କାନାଡାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୯୮୮ରୁ ୨୦୧୦ ମଧ୍ୟରେ ଯେଉଁ ନଗରୀ ଏବଂ ଉପନଗରୀମାନ ଗଢ଼ି ଉଠିଛି ସେଥିମଧ୍ୟରୁ ୬୦% ନିର୍ମାଣ ଚାଷଜମି ଉପରେ ଠିଆ ହୋଇଛି। ଫ୍ରାନ୍ସ, ପର୍ତ୍ତୁଗାଲ, ରୋମାନିଆ, ଇଥିଓପିଆ, ନାଇଜେରିଆ ଏବଂ ମାଲି ଆଦି ଦେଶର ବିଭିନ୍ନ ସହରରେ କୃଷିଜମିର ଅଣ କୃଷି ବ୍ୟବହାରକୁ ନେଇ ନୀତିନିର୍ମାତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବିଶ୍ୱ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ଭରଣପୋଷଣ ପାଇଁ ଅଧିକ ଖାଦ୍ୟଶସ୍ୟ ଆବଶ୍ୟକ। କିଛି ବର୍ଷ ପୂର୍ବେ ଏକ ରିପୋର୍ଟରେ ଏହା କୁହାଯାଇଥିଲା ଯେ ନିଜ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ୨୦୨୫ ସୁଦ୍ଧା ଭାରତକୁ ୩୦ କୋଟି ଟନ୍ ଖାଦ୍ୟଶସ୍ୟ ଆବଶ୍ୟକ। କିନ୍ତୁ ଗତ କିଛି ଦଶନ୍ଧି ହେଲା ଦେଶର କୃଷି ଅଭିବୃଦ୍ଧି ହାର ଅସ୍ଥିର ରହିଛି। କେତେକ ପ୍ରସଙ୍ଗରେ ଏଥିରେ ନିରନ୍ତର ହ୍ରାସ ଘଟିଛି। ୨୦୦୫-୦୬ରେ ଭାରତରେ କୃଷିର ଅଭିବୃଦ୍ଧି ହାର ୫.୮% ଥିବାବେଳେ ୨୦୦୯-୧୦ରେ ଏହା ୦.୪%କୁ ଖସି ଆସିଥିଲା। ୨୦୧୪-୧୫ରେ ଏଥିରେ ଅଧିକ ନକାରାତ୍ମକତା ଦେଖାଗଲା। ସେହିବର୍ଷ ଏହି ହାର ବିଯୁକ୍ତ (-) ୦.୨% ଥିଲା। ଗୋଟିଏ ପଟେ ଯଦି ଲୋକଙ୍କ ଚାହିଦା ଅନୁପାତରେ କୃଷି ଅଭିବୃଦ୍ଧି ହାର ବୃଦ୍ଧି ନ ହୁଏ ଏବଂ ଅନ୍ୟ ଦିଗରେ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଚାଷଜମିର ରୂପାନ୍ତରଣ ଜାରି ରହେ, ତେବେ ଦେଶକୁ ୧୯୭୦ ଦଶକ ପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସେତେବେଳେ ଖାଦ୍ୟଶସ୍ୟ ପାଇଁ ଆମେ ବାହାର ଦେଶ ଉପରେ ନିର୍ଭର କରିଥିଲୁ। ଆଜି ଏଭଳି ଆଶଙ୍କା ମଧ ସୃଷ୍ଟି ହେଲାଣି।

କିଛି ନୀତି ନିୟମ ସହ କୃଷି ଶୈଳୀରେ ପରିବର୍ତ୍ତନ ଆଣି ଆମେ ଖାଦ୍ୟଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବଜାୟ ରଖିପାରିବା। ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି। ଗହମ, ଚାଉଳ, ଡାଲି, ଆଖୁ ଏବଂ କପା ପରି ଫସଲ ଉତ୍ପାଦନରେ ଆମେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛୁ। କିନ୍ତୁ ସଫଳ ଘରୋଇ ଉତ୍ପାଦ(ଜିଡିପି)ରେ କୃଷି କ୍ଷେତ୍ରର ଅବଦାନ କ୍ରମାଗତ ହ୍ରାସ ପାଉଛି। ଆମକୁ ଏହି ବିଷୟରେ ଧ୍ୟାନଦେବାକୁ ପଡ଼ିବ। ୧୯୫୦ ଦଶକରେ ଏହା ୫୦% ଥିଲା, କିନ୍ତୁ ୨୦୧୫-୧୬ରେ ଏହା ୧୫.୪%କୁ ଖସି ଆସିଲା। ଏଥିପାଇଁ ଉନ୍ନତ ଜ୍ଞାନକୌଶଳ, ଶିଳ୍ପୋଦ୍ୟୋଗ ଏବଂ ନିର୍ମାଣ ପରି କ୍ଷେତ୍ରର କ୍ରମାଗତ ବୃଦ୍ଧି ପାଉଥିବା ଯୋଗଦାନ ଯଦିଓ ଏକ ପ୍ରମୁଖ କାରଣ, ତଥାପି ମନେରଖିବାକୁ ହେବ ଯେ ଭାରତ ଏକ କୃଷି ପ୍ରଧାନ ଦେଶ। ଦେଶର ଆଶା କୃଷି ଉପରେ ନିର୍ଭରଶୀଳ। ଏହି ଆଶାକୁ ବଞ୍ଚାଇରଖିବା ପାଇଁ ଅନ୍ନଦାତା ଅର୍ଥାତ୍ କୃଷକମାନଙ୍କର ଜମି, ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଉଭୟେ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ ନିରନ୍ତର ପ୍ରୟାସ କରିବାକୁ ପଡ଼ିବ।

**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ଧୁମ୍‌ଧାମ୍‌ରେ ପୁଅ ବାହାଘର କରିବା ପାଇଁ ଅନେକେ ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ଏମିତି ଇଚ୍ଛା ବେଳେବେଳେ ସମାଜରେ ବଞ୍ଚିରହିବା ଦୁର୍ବିଷହ କରିଦିଏ। ଏଭଳି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶ ହର୍‌ଦାର ଛିପାନେର୍ ରୋଡ୍‌ଠାରେ। ଏହି ଅଞ୍ଚଳର ମହମ୍ମଦ ରସିଦ୍ ଚୌହାନ ତାଙ୍କ ପୁଅ ବାହାଘର ଧୁମ୍‌ଧାମ୍‌ରେ କରିବାର ସବୁ ପ୍ରସ୍ତୁତି କରିଥିଲେ। ଭୋଜିଭାତ ସହ ନାଚଗୀତର ବି ଆୟୋଜନ ହୋଇଥିଲା। ଲୋକଙ୍କୁ ଆକର୍ଷିତ କରିବା ଲାଗି ରାଜସ୍ଥାନରୁ ମହିଳା ଘୁମର ନୃତ୍ୟଦଳକୁ ଡକାଯାଇଥିଲା। ହେଲେ ଏହି ନୃତ୍ୟ ହିଁ ରସିଦ୍‌ଙ୍କୁ ଅଡୁଆରେ ପକାଇ ଦେଇଥିଲା। ତାଙ୍କ ସମ୍ପ୍ରଦାୟର ଲୋକେ ଏହି ନୃତ୍ୟକୁ ସହଜରେ ଗ୍ରହଣ କରି ନ ଥିଲେ। ତେଣୁ ମହମ୍ମଦଙ୍କ ପରିବାର ଉପରେ ସେମାନେ ସାମାଜିକ କଟକଣା ଲଗାଇବାର ନିଷ୍ପତ୍ତି ନେଇଥିଲେ। ପରେ ତାଙ୍କ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ରସିଦ୍‌ଙ୍କ ପରିବାର ଉପରେ ସାମାଜିକ ପ୍ରତିବନ୍ଧକ ସହ ଏକ ଲକ୍ଷ ଟଙ୍କାର ଜରିମାନା ଲଗାଇଥିଲେ। ମାତ୍ର ମହମ୍ମଦ ଏହି କଟକଣା ମାନିବାକୁ ଆଦୌ ପ୍ରସ୍ତୁତ ନ ଥିଲେ। କୌଣସି ଅପରାଧ ନ କରି ଦଣ୍ଡ ଭୋଗିବାକୁ କେହି ବି ଗ୍ରହଣ କରିପାରନ୍ତି ନାହିଁ। ସେହି ଦୃଷ୍ଟିରୁ ମହମ୍ମଦ ଗାଁ ଲୋକଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରି ପଚରାଉଚରା ଜାରି ରଖିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୭୫

- ରାଜ୍ୟ ମନ୍ତ୍ରିମଣ୍ଡଳରେ ମତଭେଦ କାରଣରୁ ରାଜସ୍ୱମନ୍ତ୍ରୀ ବାଙ୍କବିହାରୀ ଦାସଙ୍କ ଇସ୍ତଫା।
- ରାଜ୍ୟରେ ୨୨,୨୭୫ ଖୋଲା କୂପ ଖନନ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୫.୬୬ କୋଟି ଟଙ୍କା ମଞ୍ଜୁର।

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍‌କଣ ଅଳକା ରଖିଛି ସାଇତି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କଳାପୀ କଳାପେ
କଜ୍ଜଳ ରେଖା ଦିଗ୍‌ବଳୟେ ତ ଲିଭିନାହିଁ ଏତେକ୍ଷଣ
ବିବାହର ତିଥି ବାକି ନାହିଁ ମୋର ସରିନାହିଁ
ଯଉବନ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିଠିଲେଖା କମୁଛି

ମହାଶୟ,

ଡାକଘରେ ପୋଷ୍ଟକାର୍ଡ, ଅନ୍ତର୍ଦ୍ଦେଶୀୟ ପତ୍ର ଏବଂ ଲଫାପା ମିଳୁଛି। ଏ ସବୁ ଚିଠିପତ୍ର ଲେଖିବା ନିମନ୍ତେ ବ୍ୟବହାର କରାଯାଏ। ନିତିଦିନ ଏଗୁଡ଼ିକର ବ୍ୟବହାର କରାଯାଉ ନ ଥିବା କ୍ଷୋଭର ବିଷୟ। ସମ୍ପ୍ରତି ମୋବାଇଲ ଦ୍ୱାରା ମଣିଷ ମଣିଷ ମଧ୍ୟରେ ଉତ୍ତମ ବୁଝାମଣା ତଥା ସୁସମ୍ପର୍କ ରହିପାରୁନାହିଁ। ମୋବାଇଲରେ ପୁଣି ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସରକାରୀ ତଥା ବେସରକାରୀ ସ୍ତରରେ ଏହାର ପ୍ରଚଳନ ବାଧ୍ୟତାମୂଳକ ହୋଇଗଲାଣି। ଏହାକୁ ବାଧ୍ୟତାମୂଳକ କରାଯିବା ଉଚିତ ହେଉନାହିଁ। ଏଣିକି ଜନଜୀବନରେ ଡାକ ଯୋଗେ ଉତ୍ତମ ବୁଝାମଣା ତଥା ସୁସମ୍ପର୍କ ରହିବା ଦରକାର ହେଲାଣି। ଏଥିପ୍ରତି ଜନସାଧାରଣ ଦୃଷ୍ଟିଦେବେ ବୋଲି ଆଶା କରାଯାଉଛି।

**-ମନୋରଞ୍ଜନ ମହାରଣା, ରେମୁଣା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସେନାମୁଖ୍ୟଙ୍କ କାର୍ଯ୍ୟକାଳ ମାସେ ବଢ଼ିଲା

ନୂଆଦିଲ୍ଲୀ,୨୬।୫

କେନ୍ଦ୍ର ସରକାର ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି କରିଛନ୍ତି। ମେ' ୩୧ରେ ଜେନେରାଲ ପାଣ୍ଡେ ଅବସର ନେବାର ଥିଲା। ପରବର୍ତ୍ତୀ ସେନାମୁଖ୍ୟ ଏପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିବାରୁ ରବିବାର ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ପାଣ୍ଡେଙ୍କ କାର୍ଯ୍ୟକାଳ ମାସେ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି। ସେ ଜୁନ୍ ୩୦ ପର୍ଯ୍ୟନ୍ତ ସେନାମୁଖ୍ୟ ରହିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ବସ୍ ଉପରେ ଓଲଟିଲା ଟ୍ରକ୍, ୧୨ ଶ୍ରଦ୍ଧାଳୁ ମୃତ

ଶାହଜହାଁପୁର, ୨୬।୫

ଉତ୍ତରପ୍ରଦେଶର ଶାହଜହାଁପୁରରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ୧୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଶାହଜହାଁପୁରସ୍ଥିତ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଏକ ବସ୍ ୫୯ ଶ୍ରଦ୍ଧାଳୁଙ୍କୁ ନେଇ ସୀତାପୁରରୁ ଉତ୍ତରାଖଣ୍ଡର ପୂର୍ଣ୍ଣଗିରି ମନ୍ଦିରକୁ ଯାଉଥିଲା। ଖୁଟର ଥାନା ଅନ୍ତର୍ଗତ ହଜିଆପୁର ଗ୍ରାମ ନିକଟରେ ଏକ ଡମ୍ଫର ଟ୍ରକ ଭାରସାମ୍ୟ ହରାଇ ବସ୍ ଉପରେ ଓଲଟି ପଡ଼ିଥିଲା।

### ଦୁର୍ଘଟଣାରେ ପରିବାରର ୬ ମୃତ

ହାସନ, ୨୬।୫

କର୍ଣ୍ଣାଟକର ହାସନ ଜିଲା ଇଚନ୍‌ହଲ୍ଲୀ ଗ୍ରାମ ନିକଟରେ ରବିବାର ବିପରୀତ ଦିଗରୁ ଆସୁଥିବା ଗୋଟିଏ ଟ୍ରକ ସହ ଏକ କାର୍ ଧକ୍କା ହେବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ସମସ୍ତ ମୃତକ ବେଙ୍ଗାଲୁର ଗ୍ରାମୀଣ ଜିଲା ଦେବନାହାଲ୍ଲୀ ଗ୍ରାମର ବାସିନ୍ଦା ହୋଇଥିବାବେଳେ ସେମାନେ ଚିକିତ୍ସା ପାଇଁ ମାଙ୍ଗାଲୋରକୁ ଯାଇଥିଲେ। ସେଠାରୁ ଏକ କାର୍ ଯୋଗେ ବେଙ୍ଗାଲୁରୁକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ପୋଲିସ ସୂଚନା ଦେଇଛି।

# ମୋଦି ପୁଣି ମୁଖ୍ୟମନ୍ତ୍ରୀ ହୁଅନ୍ତୁ: ନୀତୀଶ


ନୀତୀଶ କୁମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ପାଟନାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ଅବସରରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କାମନା କରିଛନ୍ତି। ୭୩ ବର୍ଷୀୟ ନୀତୀଶ କହିଥିଲେ, ମୁଁ ଚାହେଁ ସାରା ଦେଶରେ ଶାସକ ଏନ୍‌ଡିଏ ୪୦୦ରୁ ଅଧିକ ଆସନରେ ବିଜୟୀ ହେଉ ଏବଂ ଆଦରଣୀୟ ନରେନ୍ଦ୍ର ମୋଦିଜୀ ପୁଣି ମୁଖ୍ୟମନ୍ତ୍ରୀ ହୁଅନ୍ତୁ। ଦେଶର ବିକାଶ ହେଉ ଏବଂ ବିହାରର ବିକାଶ ହେଉ ବୋଲି ସେ କହିଥିଲେ। ତାଙ୍କ ଭୁଲ୍ ସମ୍ପର୍କରେ ମଞ୍ଚରେ ବସିଥିବା ଅନ୍ୟମାନେ ଜଣାଇବା ପରେ ନୀତୀଶ ତାହାକୁ ସୁଧାରି ନେଇ ମୋଦିଜୀ ପୁଣି ପ୍ରଧାନମନ୍ତ୍ରୀ ହେବେ ଓ ଆଗକୁ ବଢ଼ିଚାଲିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ନୀତୀଶ ଏକ ସଭାରେ ଚିରାଗ ପାଶ୍ୱାନଙ୍କ ସ୍ଥାନରେ ତାଙ୍କ ବାପା ତଥା ଦିବଂଗତ ନେତା ରାମବିଳାସ ପାଶ୍ୱାନଙ୍କ ପାଇଁ ଭୋଟ ମାଗିଥିଲେ।

# ଟର୍ବୁଲେନ୍ସରେ କାତାର ବିମାନ: ୧୨ ଯାତ୍ରୀ ଆହତ




ଲଣ୍ଡନରୁ ସିଙ୍ଗାପୁର ଯାଉଥିବା ସିଙ୍ଗାପୁର ଏୟାରଲାଇନ୍ସର ଏକ ବିମାନ ଟର୍ବୁଲେନ୍ସର ସମ୍ମୁଖୀନ ହେବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଏହାର ୫ ଦିନ ପରେ କାତାର ଏୟାରୱେଜ୍‌ର ଏକ ବିମାନ ଟର୍ବୁଲେନ୍ସର ସମ୍ମୁଖୀନ ହେବାରୁ ଏହାର ୬ କର୍ମଚାରୀ ଓ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଦୋହାରୁ ଡବ୍‌ଲିନ ଯାଉଥିବା ଉକ୍ତ ବିମାନଟି ତୁର୍କୀ ଉପରେ ଉଡୁଥିବାବେଳେ ଏଭଳି ଅଘଟଣର ସମ୍ମୁଖୀନ ହୋଇଥିଲା। ରବିବାର ଅପରାହ୍ନ ୧ଟା ପୂର୍ବରୁ ଡବ୍‌ଲିନ ଏୟାରପୋର୍ଟରେ ଅବତରଣ ପରେ ବିମାନକୁ ଜରୁରୀ ସେବା ଯୋଗାଇଦିଆଯାଇଥିଲା। ଏଥିସହ ଯାତ୍ରୀମାନଙ୍କୁ ବିମାନବନ୍ଦର କର୍ମଚାରୀ ଆବଶ୍ୟକ ସହାୟତା ଯୋଗାଇଥିଲେ।

# ଇସ୍ରାଏଲ୍‌କୁ ରକେଟ ଛାଡ଼ିଲା ହମାସ୍

ଗାଜା ଷ୍ଟ୍ରିପ୍, ୨୬।୫

ରାଫାହରେ ଯୁଦ୍ଧବିରତି ପାଇଁ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ ଜାରି ରହିଛି। ଏହାର ପ୍ରତିବାଦରେ ଗାଜାର ସଶସ୍ତ୍ର ଶାସକ ହମାସ୍ ଇସ୍ରାଏଲ୍ ଉପରେ ପୁଣି ଥରେ ବଡ଼ ଟାର୍ଗେଟ କରିଛି। ଇହୁଦୀମାନଙ୍କ ନାଗରିକ ଗଣହତ୍ୟା ବିରୋଧରେ ଇସ୍ରାଏଲ୍ ଉପରେ ରବିବାର ରକେଟ ମାଡ଼ କରାଯାଇଥିବା ହମାସ୍ ପକ୍ଷରୁ କୁହାଯାଇଛି।

ହମାସ୍ ସଶସ୍ତ୍ର ବାହିନୀ ଅଲ୍-କାସମ୍ ବ୍ରିଗେଡ୍ ଏନେଇ ନିଜ ଟେଲିଗ୍ରାମ୍ ଚ୍ୟାନେଲରେ ଏକ ବିବୃତି କରିଛି। ତେଲ୍ ଆଭିଭ୍ ଉପରେ ବଡ଼ ମିଶାଇଲ୍ ଆକ୍ରମଣ କରାଯାଇଥିବା ବିଷୟ ଏଥିରେ କୁହାଯାଇଛି।

ଏହି ସମସ୍ତ ରକେଟ୍ ଗାଜା ଷ୍ଟ୍ରିପ୍‌ରୁ ଛଡ଼ାଯାଇଥିବା ହମାସ୍ ଅଲ୍-ଅକ୍ସା ଟିଭି କହିଛି। ଗତ ୪ ମାସ ହେଲା ତେଲ୍ ଆଭିଭ୍‌ରେ ରକେଟ୍ ସାଇରନ୍ ଶୁଣିବାକୁ ମିଳି ନ ଥିଲା। କିନ୍ତୁ ରବିବାର ହଠାତ୍ ସାଇରନ୍ ବାଜିବାର କାରଣ ସମ୍ପର୍କରେ ଇସ୍ରାଏଲ୍ କିଛି କହିନାହିଁ। ଏହି ଆକ୍ରମଣରେ କେହି ମୃତାହତ ହୋଇ ନ ଥିବା ଇସ୍ରାଏଲୀ ଏମର୍ଜେନ୍ସି ମେଡିକାଲ ସର୍ଭିସେସ୍ ସୂଚନା ଦେଇଛି। ଇସ୍ରାଏଲ୍ ସେନା କହିଛି, ରାଫାହରୁ ଛଡ଼ାଯାଇଥିବା ୮ ପ୍ରୋଜେକ୍ଟାଇଲ୍ ଇସ୍ରାଏଲ୍‌କୁ ଅତିକ୍ରମ କରିଛି। ଅନ୍ୟ ମିଶାଇଲଗୁଡ଼ିକୁ ଇଣ୍ଟରସେପ୍ଟ କରାଯାଇଛି।

ଏହା ପୂର୍ବରୁ ଅନ୍ତର୍ଜାତୀୟ ସହାୟତା ପ୍ରଦାନ ପାଇଁ ରାଫାହକୁ ଯାଉଥିବା ଟ୍ରକ୍‌ଗୁଡ଼ିକ ଇଜିପ୍ଟ ଦେଇ ଅତିକ୍ରମ କରିଥିଲା। କିନ୍ତୁ ସେଠାରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌ଗୁଡ଼ିକ ପହଞ୍ଚିପାରିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷେ ରାଫାହ ପ୍ରବେଶପଥର ନିୟନ୍ତ୍ରଣ ପାଲେଷ୍ଟିନୀୟଙ୍କୁ ଦିଆ ନ ଯିବା ଯାଏ ନିଜ ସୀମା ପୁଣି ଖୋଲିବାକୁ ଇଜିପ୍ଟ ମନା କରିଦେଇଛି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୭ରେ ହମାସ୍ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଏଥିରେ ୧୨୦୦ ଇସ୍ରାଏଲୀ ନିହତ ହୋଇଥିଲେ। ହମାସ୍ ସେତେବେଳେ ୨୫୦ ଜଣଙ୍କୁ ପଣବନ୍ଦୀ କରିଥିଲା। ସେମାନଙ୍କ ମଧ୍ୟରୁ ଶତାଧିକ ଏବେ ବି ହମାସ୍ କବ୍‌ଜାରେ ଅଛନ୍ତି। ପଣବନ୍ଦୀମାନଙ୍କୁ ମୁକ୍ତ କରାଇ ଆଣିବାରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଫଳ ହୋଇଥିବା ଦର୍ଶାଇ ଇସ୍ରାଏଲ୍‌ରେ ଦିନକୁ ଦିନ ବିକ୍ଷୋଭ ବଢ଼ିବାରେ ଲାଗିଛି। ରବିବାର ତେଲ୍ ଆଭିଭ୍‌ରେ ଅନେକ ହଜାର ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇ ସରକାର ବିରୋଧୀ ସ୍ଲୋଗାନ ଦେଉଥିବାବେଳେ ପୋଲିସ ସହ ସେମାନଙ୍କ ସଂଘର୍ଷ ହୋଇଛି।

## ତେଲ୍ ଆଭିଭ୍‌ରେ ନେତାନ୍ୟାହୁ ବିରୋଧୀ ବିକ୍ଷୋଭ



### ହିନ୍ଦୁଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ କରିବାକୁ ଚାହୁଁଛି ଇଣ୍ଡିଆ: ମୋଦି

ଦେଓରିଆ, ୨୬।୫

ଦେଶର ସଂଖ୍ୟାବହୁଳ ହିନ୍ଦୁମାନଙ୍କୁ ଇଣ୍ଡିଆ ବ୍ଲକ୍ ଦ୍ୱିତୀୟ ଶ୍ରେଣୀ ନାଗରିକରେ ପରିଣତ କରିବା ପାଇଁ ଚାହୁଁଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଉତ୍ତରପ୍ରଦେଶର ଦେଓରିଆରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଉପଲକ୍ଷେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ପାକିସ୍ତାନ ସୀମାର ଜିହାଦିମାନେ ସମାଜବାଦୀ ପାର୍ଟି ଓ କଂଗ୍ରେସକୁ ସମର୍ଥନ କରୁଛନ୍ତି। ବିରୋଧୀ ଦଳଗୁଡ଼ିକ ଧର୍ମ ଆଧାରରେ ସଂରକ୍ଷଣ ପ୍ରଦାନ ପାଇଁ ସମ୍ବିଧାନର ପୁନଃଲିଖନ ଯୋଜନା ଚଳାଇଛନ୍ତି। ପାକିସ୍ତାନରେ ଏହି ଦଳଗୁଡ଼ିକ ପାଇଁ ପୂଜାର୍ଚ୍ଚନା ଚାଲିଛି। ପ୍ରକାଶ ଯେ, ଜୁନ୍ ୧ରେ ସପ୍ତମ ପର୍ଯ୍ୟାୟରେ ଉତ୍ତରପ୍ରଦେଶର ବାରାଣସୀ ସମେତ ଅବଶିଷ୍ଟ ୧୩ ଲୋକ ସଭା ଆସନରେ ଭୋଟ ଗ୍ରହଣ କରାଯିବ।

### ଚାରଧାମ ଯାତ୍ରା: ୧୬ ଦିନରେ ୫୮ ମୃତ

ଡେରାଡୁନ, ୨୬।୫

ଚଳିତ ବର୍ଷ ଚାରଧାମ ଯାତ୍ରାର ୧୬ ଦିନ ମଧ୍ୟରେ ୫୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୪୭ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି। ଯାତ୍ରା ସମୟରେ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଓ ଶ୍ୱାସରୋଗୀ ପାଖରେ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି।

## ବାଂଲାଦେଶ ଏମ୍‌ପି ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ ଆଣିବା ପାଇଁ ଇଣ୍ଟରପୋଲ୍ ସହାୟତା ନିଆଯିବ


ଅନୱରୁଲ ଅଜିମ ଅନାର

**ଢାକା,୨୬।୫:** ବାଂଲାଦେଶ ଏମ୍‌ପି ଅନୱରୁଲ ଅଜିମ ଅନାରଙ୍କୁ କୋଲକାତାରେ ବୀଭତ୍ସ ହତ୍ୟା ଘଟଣାର ପଳାତକ ମାଷ୍ଟରମାଇଣ୍ଡଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ବାଂଲା ସରକାର ଇଣ୍ଟରପୋଲ୍‌ର ସହାୟତା ନେବେ। ଢାକା ପୋଲିସର ଗୋଇନ୍ଦା ବିଭାଗ ମୁଖ୍ୟ ମହମ୍ମଦ ହରୁନ-ଅର୍-ରଶିଦ ଗଣମାଧ୍ୟମକୁ ଏହା କହିଛନ୍ତି। ଆୱାମୀ ଲିଗ୍‌ର କାଳିଗଞ୍ଜ ଉପଜିଲା ଶାଖା ମୁଖ୍ୟ ଥିବା ଅନାର ଚିକିତ୍ସା ପାଇଁ ଗତ ୧୨ ତାରିଖରେ କୋଲକାତା ଆସି ନିଖୋଜ ହୋଇଯାଇଥିଲେ। ସୁପାରି ଦିଆଯାଇ ତାଙ୍କୁ ହତ୍ୟା କରାଯିବା ପରେ ଶରୀରକୁ ଖଣ୍ଡ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଦିଆଯାଇଥିଲା। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଅନାରଙ୍କ ପିଲାଦିନର ବନ୍ଧୁ ଅଖତରୁଜମନ ଶାହିନ ପଳାତକ ଥିବାରୁ ତାଙ୍କୁ ଫେରାଇ ଆଣିବାକୁ ଇଣ୍ଟରପୋଲ୍‌ର ସହାୟତା ନିଆଯିବ ବୋଲି ହରୁନ୍ କହିଛନ୍ତି।

## ଅନ୍ତର୍ଜାତୀୟ ସନ୍ଦିଗ୍ଧ କଲ୍ ବ୍ଲକ୍ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୬।୫

ଭାରତୀୟ ନମ୍ବର ଦେଖାଉଥିବା ଅନ୍ତର୍ଜାତୀୟ ସନ୍ଦିଗ୍ଧ ଫୋନ୍‌କଲ୍‌ଗୁଡ଼ିକୁ ବ୍ଲକ୍ କରିବା ନିମନ୍ତେ କେନ୍ଦ୍ର ସରକାର ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଠକମାନେ ଅନ୍ତର୍ଜାତୀୟ ନମ୍ବରରୁ କଲ୍ କରୁଥିଲେ ମଧ୍ୟ କଲ୍ ଗ୍ରହଣକାରୀଙ୍କ ଫୋନ୍ ସ୍କ୍ରିନ୍‌ରେ ତାହା ଭାରତୀୟ ନାଗରିକଙ୍କ ନମ୍ବର ଦେଖାଉଥିବା ଟେଲିକମ୍ ବିଭାଗ ଜାଣିବାକୁ ପାଇଛି। ଏଭଳି କଲ୍ ଜରିଆରେ ସାଇବର ଅପରାଧ ଓ ଟଙ୍କା ଜାଲିଆତି କରାଯାଉଛି। ଏହି କଲ୍‌ର ମୂଳ ଭାରତରେ ହୋଇଥିବାବେଳେ ସାଇବର ଅପରାଧୀମାନେ ବିଦେଶରୁ କଲିଂ ଲାଇନ ଆଇଡେଣ୍ଟିଟି (ସିଏଲ୍‌ଆଇ)ରେ ଜାଲିଆତି କରି ଏଭଳି କରୁଛନ୍ତି। ନିକଟରେ ଜାଲ୍ ଡିଜିଟାଲ ଆରେଷ୍ଟ, ଫେଡ୍‌ଏକ୍ସ ଦୁର୍ନୀତି, ଡ୍ରଗ୍ସ କୋରିଅର ନାଁରେ ସାଇବର ଠକେଇ ପାଇଁ ସିଏଲ୍‌ଆଇ ଜାଲିଆତି କରାଯାଇଥିଲା।


ପୂର୍ବ ଦିଲ୍ଲୀସ୍ଥିତ ନ୍ୟୁ ବର୍ନ ବେବି କେୟାର ହସ୍ପିଟାଲ୍‌ରେ ନିଆଁ ଲାଗି ୭ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଫରେନ୍‌ସିକ ଟିମ୍ ନମୁନା ସଂଗ୍ରହ କରୁଛି।

# ବେଆଇନ ଭାବେ ଚାଲିଥିଲା ଗେମିଂ ଜୋନ୍

ରାଜକୋଟ,୨୬।୫

- ମୃତଦେହ ଚିହ୍ନଟ ପାଇଁ ଡିଏନ୍‌ଏ ପରୀକ୍ଷା ହେବ
- ନିଜଆଡୁ ମାମଲା ବିଚାର ପାଇଁ ଗ୍ରହଣ କଲେ ହାଇକୋର୍ଟ

ଗୁଜରାଟର ରାଜକୋଟରେ ଥିବା ଟିଆର୍‌ପି ଗେମିଂ ଜୋନ୍‌ରେ ଶନିବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୯ ପିଲାଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ଘଟଣା ଏହାର ନିରାପତ୍ତା ମାନକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଉକ୍ତ ମନୋରଞ୍ଜନ କେନ୍ଦ୍ର ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ବିନା ବେଆଇନ ଭାବେ ଚାଲୁଥିଲା ଏବଂ ଏହାର ମାତ୍ର ଗୋଟିଏ ପ୍ରସ୍ଥାନ ଦ୍ୱାର ଥିଲା। ସପ୍ତାହାନ୍ତ ପାଇଁ ଟିଆର୍‌ପି କର୍ତ୍ତୃପକ୍ଷ ଟିକେଟ ଦର ୯୯ ଟଙ୍କାକୁ ହ୍ରାସ କରିଥିବାରୁ ରିହାତିର ସୁଯୋଗ ନେବାକୁ ପ୍ରବଳ ଗହଳି ହୋଇଥିଲା। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୁଭାଷ ତ୍ରିବେଦୀଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇ) ଘଟଣାର ତଦନ୍ତ କରିବାକୁ ଥିବାବେଳେ ରବିବାର ଭୋର ସମୟରେ ରାଜକୋଟରେ ସ୍ଥାନୀୟ ପ୍ରଶାସନ ସହ ଉକ୍ତ ଟିମ୍ ବୈଠକ କରିଥିଲା।

ମୃତଦେହଗୁଡ଼ିକ ଏଭଳି ପୋଡ଼ିଯାଇଛି ଯେ, ସେଗୁଡ଼ିକୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ତେଣୁ ମୃତକଙ୍କୁ ଚିହ୍ନଟ କରିବା ପାଇଁ ସେମାନଙ୍କ ସମ୍ପର୍କୀୟ ଏବଂ ମୃତଦେହର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଉଛି। ଗେମିଂ ଜୋନ୍‌ର ମାଲିକ ଓ ମ୍ୟାନେଜରଙ୍କୁ ଗିରଫ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୁରକ୍ଷା ପଦକ୍ଷେପ ନେବାରେ ଅବହେଳା ପାଇଁ ଅଗ୍ନିକାଣ୍ଡ ଘଟିଥିବାରୁ ଟିଆର୍‌ପି ଗେମିଂ ଜୋନ୍‌ର ମାଲିକଙ୍କୁ ଦାୟୀ କରାଯାଇ ତାଙ୍କ ବିରୋଧରେ ରାଜକୋଟ ତାଲୁକା ପୋଲିସ ଏତଲା ଦାଏର କରିଛି। ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବା ଜାଣି ମଧ୍ୟ ମାଲିକ ସୁରକ୍ଷା ପ୍ରତି ଅବହେଳା କରି ଗେମିଂ ଜୋନ୍ ଚଳାଇ ଆସୁଥିଲେ ବୋଲି ଏଥିରେ ଅଭିଯୋଗ ହୋଇଛି। ଏତଲାରେ ଗେମିଂ ଜୋନ୍‌ର ମାଲିକ ଧଭାଲ ଥାକ୍କର, ରେସ୍‌ୱେ ଏଣ୍ଟରପ୍ରାଇଜ୍‌ର ଅଂଶୀଦାର ଅଶୋକ ସିଂ ଜାଡେଜା, କିରୀଟ ସିଂ ଜାଡେଜା, ପ୍ରକାଶ ହିରନ, ଯୁବରାଜ ସିଂ ସୋଲାଙ୍କି ଏବଂ ରାହୁଲ ରାଠୋରଙ୍କୁ ଅଭିଯୁକ୍ତ କରାଯାଇଛି।

ଗେମିଂ ଜୋନ୍‌ରେ ଲୋକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନ ଥିବାରୁ ଅଗ୍ନିକାଣ୍ଡରେ ୨୮ ଜଣଙ୍କ ଜୀବନ ଗଲା। ଗୁଜରାଟ ହାଇକୋର୍ଟ ଏହାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ରବିବାର ସକାଳେ ବିଚାରପତି ବୀରେନ ବୈଷ୍ଣବ ଏବଂ ଦେବନ ଦେସାଇଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଅଗ୍ନିକାଣ୍ଡ ସମ୍ପର୍କରେ ରାଜ୍ୟ ସରକାର ଏବଂ ପୌର ନିଗମକୁ ରିପୋର୍ଟ ମାଗିଛନ୍ତି। ଆଇନର କେଉଁ ବ୍ୟବସ୍ଥା ଆଧାରରେ ଏଭଳି ଗେମିଂ ଜୋନ୍ ଏବଂ ଅବସର ବିନୋଦନ କେନ୍ଦ୍ରଗୁଡ଼ିକୁ ଚାଲିବା ପାଇଁ ଅନୁମତି ଦିଆଯାଇଛି, ତାହା ଜଣାଇବା ପାଇଁ ଖଣ୍ଡପୀଠ କହିଛନ୍ତି।

## ଫୁରସତ୍

# ଗ୍ରାଣ୍ଡପ୍ରିକ୍ସ ପୁରସ୍କାର ଜିତିଲେ ପାୟଲ କପାଡ଼ିଆ

କାନ୍ସ


'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ୍'ର ଅଭିନେତ୍ରୀମାନଙ୍କ ଗହଣରେ ନିର୍ଦ୍ଦେଶିକା ପାୟଲ କପାଡ଼ିଆ ।

କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତୀୟ ଫିଲ୍ମ ନିର୍ମାତା ପାୟଲ କପାଡ଼ିଆ ଇତିହାସ ରଚିଛନ୍ତି। ସେ ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବେ ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ ସମ୍ମାନଜନକ ଗ୍ରାଣ୍ଡପ୍ରିକ୍ସ ପୁରସ୍କାର ଜିତିଛନ୍ତି। ତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ୍' କାନ୍ସ ଫିଲ୍ମ ଫେଷ୍ଟିଭାଲର ଦ୍ୱିତୀୟ ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ଗ୍ରାଣ୍ଡପ୍ରିକ୍ସକୁ ଜିତିବାରେ ସଫଳ ହୋଇଛି। ପ୍ରଥମ ଥର ପାଇଁ କୌଣସି ଭାରତୀୟ ଚଳଚ୍ଚିତ୍ର ଏହି ପୁରସ୍କାର ଜିତିପାରିଛି। ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ ଅବସରରେ ଶନିବାର ପାୟଲ କପାଡ଼ିଆଙ୍କ ନିର୍ଦ୍ଦେଶିତ 'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ୍' ପ୍ରଦର୍ଶିତ କରାଯାଇଥିଲା। ଏହାପରେ ଏହି ଫିଲ୍ମ ଗ୍ରାଣ୍ଡପ୍ରିକ୍ସ ପୁରସ୍କାର ଜିତିଥିବା ନେଇ ଘୋଷଣା କରାଯାଇଥିଲା। ମାଲୟାଲମ ଓ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମର କାହାଣୀ ଖୋଦ୍ ପାୟଲ ଲେଖିଥିବାବେଳେ ଏଥିରେ କାନି କୁସ୍ରୁତି, ଦିବ୍ୟା ପ୍ରଭା, ଛାୟା କଦମ

**କାନ୍ସ ଫିଲ୍ମ ଫେଷ୍ଟିଭାଲ**

ଏବଂ ହୃଦୁ ହାରୁନ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମରେ ୨ ମାଲାୟଲୀ ନର୍ସ ମୁମ୍ବାଇରେ ନିଜ ପରିବାରଠାରୁ ଦୀର୍ଘଦିନ ଧରି ଅଲଗା ରହି କାର୍ଯ୍ୟ କରୁଥିବାବେଳେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇଛି। ପାୟଲଙ୍କ ଏହି ସଫଳତା ପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଐତିହାସିକ ସଫଳତା ହାସଲ କରି ପାୟଲ ଭାରତକୁ ଗର୍ବିତ କରିବା ସହ ଆଗାମୀ ପିଢ଼ିର ଫିଲ୍ମ ନିର୍ମାତାଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ୬ ଫୁଟ୍ ୫ଇଞ୍ଚ ଉଚ୍ଚତାର ଷଣ୍ଢ

ୱାଶିଂଟନ

**ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ**



ଆମେରିକାର ଓରେଗନ ପ୍ରଦେଶରେ ରୋମିଓ ନାମକ ଏକ ବୃହତାକାୟ ଷଣ୍ଢ ରହିଛି। ଏହି ଷଣ୍ଢଟି ବିଶାଳ ଏବଂ ଲମ୍ବା ହୋଇଥିବାରୁ ଏହାର ସମ୍ମୁଖକୁ ଆସିବାକୁ ଲୋକମାନେ ଭୟ କରିଥାନ୍ତି। ରୋମିଓ କୌଣସି ସାଧାରଣ ଷଣ୍ଢ ହୋଇ ନ ଥିବା ବେଳେ ଏହା ନିଜର ଉଚ୍ଚତା ପାଇଁ ବେଶ୍ ଚର୍ଚ୍ଚିତ। ବର୍ତ୍ତମାନ ରୋମିଓ ବିଶ୍ୱର ସବୁଠାରୁ ଉଚ୍ଚ ଷଣ୍ଢ ହୋଇପାରିଛି ଏବଂ ଏହାର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ପଞ୍ଜୀକୃତ ହୋଇଛି। ରିପୋର୍ଟ ଅନୁଯାୟୀ, ଏହି ଷଣ୍ଢର ଉଚ୍ଚତା ୧୯୪ ସେଣ୍ଟିମିଟର ଅର୍ଥାତ ୬ ଫୁଟ ୪.୫ ଇଞ୍ଚ ରହିଛି। ପୂର୍ବରୁ ଏହି ରେକର୍ଡ ଟମି ନାମକ ଏକ ଷଣ୍ଢ ନିକଟରେ ରହିଥିଲା, ଯାହାର ଉଚ୍ଚତା ୬ ଫୁଟ୍ ୧ ଇଞ୍ଚ ଥିଲା। ଏବେ ଏହି ରେକର୍ଡକୁ ରୋମିଓ ଭାଙ୍ଗିଛି।

ରୋମିଓକୁ ଏବେ ୬ ବର୍ଷ ବୟସ ହୋଇଥିବା ବେଳେ ସେ ତାଙ୍କ ମାଲିକାଣୀ ମିଷ୍ଟି ମୋର୍‌ଙ୍କ ସହ ୱେଲ୍‌କମ୍ ହୋମ୍ ପ୍ରାଣୀ ଅଭୟାରଣ୍ୟରେ ରହୁଛି। ରୋମିଓକୁ ସେଓ ଏବଂ କଦଳୀ ଖାଇବାକୁ ବେଶି ପସନ୍ଦ ଥିବା ମିଷ୍ଟି କହିଛନ୍ତି। ସେ ଅତିରିକ୍ତ ଶସ୍ୟ ସହ ପ୍ରତିଦିନ ପ୍ରାୟ ୧୦୦ ପାଉଣ୍ଡ (୪୫ କିଲୋଗ୍ରାମ)ର ଘାସ ଖାଇଥାଏ। ରୋମିଓର ଆରାମକୁ ନିଶ୍ଚିତ କରିବାକୁ ଅଭୟାରଣ୍ୟରେ ସ୍ୱତନ୍ତ୍ର ଏବଂ ଉଚ୍ଚ ଆଶ୍ରୟସ୍ଥଳ ରହିଥିବା ମିଷ୍ଟି କହିଛନ୍ତି। ସେ ଆହୁରି ମଧ୍ୟ କୁହନ୍ତି, ରୋମିଓ ବହୁତ ସରଳ ଏବଂ ସେ କାହାରିକୁ ହଇରାଣ କରେ ନାହିଁ । ୬ ବର୍ଷ ତଳେ ରୋମିଓକୁ ଏକ ଦୁଗ୍ଧ ଫାର୍ମରୁ ଉଦ୍ଧାର କରାଯାଇଥିଲା। ସେବେଠାରୁ ରୋମିଓ ତାଙ୍କ ସହ ରହିଥିବା ମିଷ୍ଟି କହିଛନ୍ତି। ୱେଲ୍‌କମ୍ ହୋମ ପ୍ରାଣୀ ଅଭୟାରଣ୍ୟରେ ଗତ ୬ ବର୍ଷ ଧରି ରୋମିଓକୁ ଏକ ନିରାପତ୍ତା ଜୀବନ ପ୍ରଦାନ କରାଯାଇଛି। ଅଭୟାରଣ୍ୟ କର୍ମଚାରୀଙ୍କ କରୁଣା ଏବଂ ଅଦମ୍ୟ ସ୍ନେହରେ ରୋମିଓ ବଢ଼ିଥିବା ମିଷ୍ଟି କହିଛନ୍ତି। ମଣିଷ ଏବଂ ପଶୁଙ୍କ ମଧ୍ୟରେ କେତେ ଭଲ ସମ୍ପର୍କ ରହିଛି, ତାହା ରୋମିଓ ଏବଂ ଅଭୟାରଣ୍ୟର ପ୍ରତିଟି କର୍ମଚାରୀଙ୍କ ମଧ୍ୟରେ ଥିବା ସମ୍ପର୍କରୁ ପ୍ରମାଣିତ ହେଉଛି ବୋଲି ସେ କହିଛନ୍ତି।

**ଆଜିର ମନ୍ତବ୍ୟ**
ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ବିରୋଧରେ ଥିବା ମାମଲାଗୁଡ଼ିକର ଓକିଲ ଫିଜ୍ ପୈଠ ପାଇଁ ପଞ୍ଜାବକୁ ଦୁର୍ନୀତିର ଏଟିଏମ୍‌ରେ ପରିଣତ କରିଛନ୍ତି। -ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ୬ଷ୍ଠ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ବିଶିଷ୍ଟ କବି ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ
- କଳାବିକାଶ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟନ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା ୪୫।
- ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ଖିଲାଫତ ଦିବସ, ସ୍ଥାନ: ଅହମ୍ମଦୀୟା ମୁସ୍‌ଲିମ୍ ମିଶନ ସଭାଗୃହ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୭ଟା।
- ଜମାତ୍ ଅହମ୍ମଦୀୟ ଖିଲାଫତ ଦିବସ ପାଳନ, ସ୍ଥାନ: ଜମାତ୍ ଅହମ୍ମଦୀୟ ଜାମା ମସ୍‌ଜିଦ ପଙ୍କାଲ,ସମୟ: ସନ୍ଧ୍ୟା ୭ଟା

## ପୁରୀ
- ପ୍ରଭୁ ଶ୍ରୀ କପିଳେଶ୍ୱରଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା ଓ ରାତ୍ରି ଚାପ ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ସିନ୍ଦୋଳ ତାରିଣୀ ପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୪ଟା ୫୦।
- ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ', ସ୍ଥାନ: ଭଦ୍ରକ ସହର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମା' ରାମଚଣ୍ଡୀ ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଶିବ ମନ୍ଦିରରେ ରୁଦ୍ରାଭିଷେକ ପାଠ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ହରିହର ନଗର, ସମୟ: ସକାଳ ୮ଟା।

## ଗଞ୍ଜାମ
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବିଜେଡିର ନିର୍ବାଚନୀ ସଭା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲାଗସ୍ତ, ସ୍ଥାନ: ବାରୋ ପଡିଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରକ୍ତକୁଣ୍ଡଳେଶ୍ୱର ପୀଠ ପରିସରରେ ଯଜ୍ଞ ମହୋତ୍ସବ, ସ୍ଥାନ: ତେଲିଆକଣ, ବୈକୁଣ୍ଠପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଗିରିନାଥ ଆଶ୍ରମରେ ବିଶ୍ୱଶାନ୍ତି ଜାଗରଣ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍ ତରାପୁର ଡୁବୁରୀସ୍ଥିତ ଶ୍ରୀମାଙ୍କ ଆଶ୍ରମ ପରିସର, ସମୟ: ସକାଳ ୮ଟା।

## ରାୟଗଡ଼ା
- ଭୋଟ ଗଣତି ପାଇଁ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ତାଲିମ, ସ୍ଥାନ: ରାୟଗଡ଼ା ସ୍ୱୟଂ ଶାସିତ ମହା ବିଦ୍ୟାଳୟ, ସମୟ: ସକାଳ ୭ଟା।

## କୋରାପୁଟ
- ଭୋଟ ଗଣତି ନେଇ ଅଧିକାରୀ, କର୍ମଚାରୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: କୋରାପୁଟ ସରକାରୀ ମହାବିଦ୍ୟାଳୟ,ଲାଣ୍ଡିଗୁଡା.ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଜିଲା ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ ସମୟ: ପୂର୍ବାହ୍ନ ୧୦ ଟା।
- ଅଗ୍ନି ଗଙ୍ଗା ମା'ଙ୍କ ନବ ଦିନାତ୍ମକ ଘଟଯାତ୍ରା, ସ୍ଥାନ:ସେମିଳିଗୁଡା, ସମୟ: ସନ୍ଧ୍ୟା: ୭ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଗ୍ରୀଷ୍ମକାଳିନ ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ : ଡା.ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା ।

## ବଲାଙ୍ଗୀର
- ରବି ଧାନ ମଣ୍ଡି ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜୁରିଆସ୍ଥିତ ଲୁହାସିଂହା ପ୍ୟାକ୍ସ ପରିସର, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୮ ଟା।
- ରକ୍ତଦାନ ଶିବିର, ସ୍ଥାନ: ଜରାସିଂହାସ୍ଥିତ ସାଇବିହାର, ଦେଓଗାଁ ବ୍ଲକ, ସମୟ: ସକାଳ: ୮ଟା।

## ସୁବର୍ଣ୍ଣପୁର
- କେପିଏଲ ଧମାକାର ଦ୍ୱିତୀୟ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା , ସମୟ:ସକାଳ ୭ଟା।
- ନବାହ୍ନ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ:ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ନଗର ସଙ୍କୀର୍ତ୍ତନ,ସ୍ଥାନ: ସିଭିଲଟାଉନସିପ ସମୟ: ସକାଳ ୫ଟା୩୦।
- ଗୋପବନ୍ଧୁ ପାଠାଗାରରେ ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଗେନ୍ଦ୍ରନାଥପୁର, ପାଇକମାଳ, ସମୟ: ସକାଳ ୮ଟା।
- ବୁଢ଼ାରଜା ମନ୍ଦିର ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ବଣ୍ଡାମୁଣ୍ଡା, ଝାରବନ୍ଧ ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ୍।

## କଳାହାଣ୍ଡି
- ନୁନ୍‌ମାଠ ଗ୍ରାମପଞ୍ଚାୟତ ସଚେତନ ନାଗରିକ ମଞ୍ଚର ସାଧାରଣ ସଭା, ସ୍ଥାନ: କେସିଙ୍ଗା ବ୍ଲକର ଅମାଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ସିନାପାଲି ସହର ରାବଣ ଛକ, ସମୟ: ସକାଳ ୭ଟା ୩୫।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ପାଣ୍ଡେଲବାହାଲି, ସମୟ: ସକାଳ ୮ଟା ୩୦।
- ଗୋ ପୂଜା, ସୂର୍ଯ୍ୟ ପୂଜା, ବୃଷଭ ପ୍ରତିଷ୍ଠା, ଦ୍ୱାରପାଳ ପୂଜା ଓ ଲିଙ୍ଗ ପ୍ରତିଷ୍ଠା, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସକାଳ ୮ଟା ୪୩ ।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ସିଆଲଜଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୯ ଟା ୩୦।
- ଅସ୍ତଉଦୟ ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୬ଟା ୩୩।

## ବୌଦ୍ଧ
- ରାଜିଙ୍ଗ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରାଜିଙ୍ଗ ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ଶିବ ମନ୍ଦିରରେ ଆଳତୀ ଓ ପୂଜା ଅର୍ଚ୍ଚନା, ସ୍ଥାନ: ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ ସକାଳ ୬ଟା।
- ଅଷ୍ଟପ୍ରହର ନମାଯଜ୍ଞ ଆରମ୍ଭ, ସ୍ଥାନ: ସହରସ୍ଥିତ ପୁରୁଣା ବସ୍ତି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସାହସିକ ପଦକ୍ଷେପ ନେବା କାରଣରୁ ପ୍ରତିବନ୍ଧକ ଦୂରେଇ ଯିବ। ଯେଉଁ ବନ୍ଧୁମାନେ ପାଖ ମାଡ଼ୁ ନ ଥିଲେ ଆଜି ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ। ସ୍ୱାସ୍ଥ୍ୟରେ ଅବନତି ସାଙ୍ଗକୁ ଦୁର୍ବଳତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, କଳା,ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ଥିତିକୁ ଦୃଢ କରିବାରେ ସମର୍ଥ ହେବେ।

**ବୃଷ**
କର୍ମକ୍ଷେତ୍ରରେ କାମର ଚାପ ବୃଦ୍ଧି ପାଇବା କାରଣରୁ ଆଜି ବେଶି ବ୍ୟସ୍ତ ରହିବେ। ଚେଷ୍ଟା କରୁଥିବା ବ୍ୟବସାୟିକ କାମରେ ବିଶେଷ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ପିଲାଙ୍କ କଥାକୁ ନେଇ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ଆର୍ଥିକ ଅସୁବିଧାକୁ ସୁଧାରିବା ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିବେ।

**ମିଥୁନ**
ଆଜି ଯେତିକି ପାଇବେ ପରିସ୍ଥିତି ଅନୁଯାୟୀ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ ହେବେ। ଈର୍ଷାନ୍ୱିତ ହୋଇ ନିଜର ଲୋକମାନେ ଅସୁବିଧାରେ ପକାଇବାକୁ ମସୁଧା କରିପାରନ୍ତି। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜଖବର ଆଜି ସନ୍ଧ୍ୟାରେ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିବାର ଆଶା ରହିଛି।

**କର୍କଟ**
ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢିବା ଲାଗି ଚେଷ୍ଟା ଅବ୍ୟାହତ ରଖିବେ। ଯେମିତି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ କରିପାରନ୍ତି। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଶିଳ୍ପ, ପରିବହନ, ବ୍ୟବସାୟ,ସଂଗଠନ,ଗବେଷଣା ଓ ଆଇନ ଅଦାଲତ କ୍ଷେତ୍ରରେ ଟେମ୍ପର ଦେଖାଦେବ।

**ସିଂହ**
ରବି ଓ ଚନ୍ଦ୍ରଙ୍କ ସ୍ଥିତିରୁ ଅର୍ଥନୈତିକ ଦିଗ, ବନ୍ଧୁ ସମ୍ପର୍କ, ଯୋଗାଯୋଗ କ୍ଷେତ୍ରରେ ସୁଫଳ ପାଇବେ। ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ। କାମ ହାସଲରେ ପ୍ରିୟଜନଙ୍କ ସହଯୋଗ ରହିବ। ନୂତନ ଘର, ଗାଡି, କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇପାରନ୍ତି।

**କନ୍ୟା**
ଆଜିର ଗ୍ରହସ୍ଥିତି ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ନ ଥିବାରୁ ଜଗିରଖି ଚଳିବା ଭଲ। ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବାରେ ଅସୁବିଧା ହେବନାହିଁ। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପାରିବାରିକ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା**
ରାହୁମଙ୍ଗଳଙ୍କ ଯୋଗୁ ଲକ୍ଷ୍ମୀ ଯୋଗ ସୃଷ୍ଟି ହେଉଥିବାରୁ ଆର୍ଥିକ ସ୍ଥିତି, ଭୂମି ସମ୍ବନ୍ଧୀୟ କାର୍ଯ୍ୟ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଅଦଳବଦଳ ହୋଇଯିବାର ଆଶଙ୍କା ରହିଛି। ନୂତନ ଯାନ କିମ୍ବା ଦ୍ରବ୍ୟଲାଭରୁ ଖୁସି ହେବେ। ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା**
ଗୁରୁକ୍ଷେତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ଦେହ ଭଲ ରହିବ ଏବଂ ମାନସିକ ସ୍ତରରେ ଖୁସି ରହିବେ। ନିଜର ଅବହେଳାଜନିତ କାମଗୁଡ଼ିକୁ ଠିକ୍ ସମୟରେ ସମ୍ପନ୍ନ କରିପାରିବେ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ସମ୍ମାନ ଲଭିବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ଆପଣଙ୍କ ଭଲ ପରିସ୍ଥିତିରେ ଶୁଭେଚ୍ଛୁଙ୍କ ଅପେକ୍ଷା ଅସହିଷ୍ଣୁଙ୍କ ସଂଖ୍ୟା ଅଧିକ ରହିପାରେ। ନୂତନ ଯୋଜନା, ଅବହେଳିତ କାମ, ଆଲୋଚନା ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ ଆତ୍ମୀୟ ସ୍ୱଜନଙ୍କ ଅସହଯୋଗରୁ ଚିନ୍ତିତ ହେବେ।

**ମକର**
ଆଜି ବନ୍ଧୁଙ୍କ ସହ ମିତ୍ରତା ସ୍ଥାପନ କରି କାମ ହାତେଇବେ। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ରୁଗ୍‌ଣ ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ।

**କୁମ୍ଭ**
କର୍ମକ୍ଷେତ୍ର ସକାଶେ ଗ୍ରହ ସମ୍ପର୍କ ଅନୁକୂଳ ରହିଥିବାରୁ ପ୍ରତିବନ୍ଧକ ରହିବ ନାହିଁ। ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ, ଏଥିପାଇଁ କଷ୍ଟ ସ୍ୱୀକାର କରିପାରନ୍ତି। ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ**
କର୍ମସ୍ଥ ଚନ୍ଦ୍ର ଯୋଗୁ ଭଲ ମନ ଓ ମହତ୍ ଉଦ୍ଦେଶ୍ୟ ନେଇ କଥାବାର୍ତ୍ତା କଲେ ମଧ୍ୟ ବନ୍ଧୁଙ୍କ ବିରାଗଭାଜନ ହୋଇପାରନ୍ତି। ପରିବାରରେ ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ମନକୁ ବାଧିପାରେ। ରାଜନୀତି, ପ୍ରଶାସନ, ଆଇନ ଅଦାଲତ, ସଭାସମିତ, ଶିଳ୍ପ ଓ ବାଣିଜ୍ୟ ଦିଗରୁ ଦିନଟି ଭଲ ରହିବ। କୌଣସି ପାରିବାରିକ ସମସ୍ୟାରେ ଚିନ୍ତିତ ରହିପାରନ୍ତି।

ଆଜି ମେ' ୨୭ ତାରିଖ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ସୋମବାର, ରାଶିନକ୍ଷତ୍ର- ଦିବା ଘ.୧୦।୧୩ ମି. ଗତେ, ଉତ୍ତରାଷାଢା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୦ ଗତେ, ଘ.୧୦।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୪୯ ମି. ଗତେ, ଘ.୦୮/୨୭, ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

## ମାଟ୍ରିକ ପରୀକ୍ଷାଫଳ...
୯୬.୧୬, ବାଲେଶ୍ୱରରେ ୯୬.୧, ଯାଜପୁରରେ ୯୫.୯୨, କଳାହାଣ୍ଡିରେ ୯୫.୮୬, କେନ୍ଦ୍ରାପଡ଼ାରେ ୯୫.୭୭, ମୟୂରଭଞ୍ଜରେ ୯୫.୭, ବୌଦ୍ଧରେ ୯୫.୪୯, ଢେଙ୍କାନାଳରେ ୯୫.୧୨, ମାଲକାନଗିରିରେ ୯୫.୦୪, ନବରଙ୍ଗପୁରରେ ୯୪.୮୮, କୋରାପୁଟରେ ୯୪.୮୨, କେନ୍ଦୁଝରରେ ୯୪.୮ ଓ ବଲାଙ୍ଗୀର ଜିଲାରେ ପାସ୍ ହାର ୯୪.୩୯% ରହିଛି। ରାଜ୍ୟର ୨୬୪୪ଟି ହାଇସ୍କୁଲରେ ପାସ୍ ହାର ଶତ ପ୍ରତିଶତ ହୋଇଛି। ଏଥିସହ କୌଣସି ହାଇସ୍କୁଲରେ ପରୀକ୍ଷାଫଳ ଶୂନ ହୋଇନାହିଁ। କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟଠାରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ପୂର୍ବାହ୍ନ ୧୦ଟା ୪୫ରେ ମାଟ୍ରିକ ପରୀକ୍ଷାଫଳ ଘୋଷଣା କରିବା ପରେ ପୂର୍ବାହ୍ନ ୧୧ଟା ୩୦ରେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଫଳ ଉପଲବ୍ଧ ହୋଇଛି। ଏଥିସହ ମୋବାଇଲ ଏସ୍‌ଏମ୍‌ଏସ୍ ସହିତ ପ୍ରଥମଥର ପାଇଁ ହ୍ୱାଟ୍ସଆପ୍ ଜରିଆରେ ପରୀକ୍ଷାଫଳ ଜାଣିବା ବ୍ୟବସ୍ଥା ହୋଇଛି। ପ୍ରଥମଥର ପାଇଁ ପରୀକ୍ଷାର୍ଥୀ ଡିଜିଟାଇଜଡ୍ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବା ନିମନ୍ତେ ଅପରାହ୍ନ ୪ଟାରୁ ବ୍ୟବସ୍ଥା କରାଯାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବା ବ୍ୟବସ୍ଥା ହୋଇଛି। ଏଥିସହ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ରେ ବୋର୍ଡର ମୋବାଇଲ୍ ନଂ. ୭୭୧୦୦୫୮୧୯୨କୁ ସେଭ୍ କରିବା ପରେ ହ୍ୱାଟ୍ସଆପ୍‌ରେ BSE କିମ୍ବା HI ଲେଖି ମେସେଜ୍ କରିବେ। ଏହାପରେ ସେଥିରେ ଆସୁଥିବା ନିର୍ଦ୍ଦେଶକୁ ଅନୁସରଣ କରିବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ଏହି ଅବସରରେ ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଟେମଲାଲ ଦୁବେ, କଟକ ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ମଧ୍ୟମା ପାସ୍ ହାର ୯୮.୧୨%
ଚଳିତ ବର୍ଷ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାସ୍ ହାର ୯୮.୧୨% ରହିଛି। ଏଥର ୩,୨୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୧୯୧ ଜଣ ପାସ୍ କରିଥିବାବେଳେ ୩ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

### ରାଜ୍ୟ ମୁକ୍ତ ବିଦ୍ୟାଳୟ ପାସ୍ ହାର ୫୯.୮୮%
ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୫୯.୮୮% ରହିଛି। ମୋଟ ୬,୪୫୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୮୪୪ ଜଣ ପାସ୍ କରିଛନ୍ତି। ମାତ୍ର ୬,୪୨୦ ଜଣ ୫ଟି ବିଷୟରେ ପାସ୍ କରିଥିବା ବେଳେ ୧୧ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

### ୨୯ରୁ ମାର୍କ ଆଡିଶନ୍ ଚେକିଂ ଆବେଦନ
ମୂଲ୍ୟାୟନରେ ତ୍ରୁଟି ଥିଲେ ପରୀକ୍ଷାର୍ଥୀମାନେ ମାର୍କ ଆଡିଶନ୍ ଚେକିଂ ପାଇଁ ମେ' ୨୯ରୁ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ମାଟ୍ରିକ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ଅଫ୍‌ଲାଇନ୍ ମାଧ୍ୟମରେ ବୋର୍ଡର ବିଭିନ୍ନ ଜୋନ୍ ଅଫିସରେ ଆବେଦନ ଦାଖଲ କରିବେ।

### ଜୁନ୍ ୧୦ରୁ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମପୂରଣ
ବୋର୍ଡ ପକ୍ଷରୁ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପାଇଁ ତାରିଖ ଘୋଷଣା କରାଯାଇଛି। ଅକୃତକାର୍ଯ୍ୟ ହୋଇଥିବା ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଆସନ୍ତା ଜୁନ୍ ୧୦ ତାରିଖରୁ ଅନ୍‌ଲାଇନ୍‌ରେ ଫର୍ମପୂରଣ କରିବେ।

## ଯୁକ୍ତ୨ ପାସ୍ ହାର ...
୧,୩୦,୭୭୧ଜଣ ଛାତ୍ରୀଙ୍କ ମଧ୍ୟରୁ ୧,୧୪,୫୧୬ ଜଣ ପାସ୍ କରିଥିବାବେଳେ ୧,୦୪,୪୪୭ ଜଣ ଛାତ୍ରଙ୍କ ମଧ୍ୟରୁ ୭୫,୯୧୩ଜଣ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୫୬% ଓ ଛାତ୍ରଙ୍କ ପାସ୍ ହାର ୭୨.୬୮% ରହିଛି। ବାଣିଜ୍ୟରେ ୨୫,୮୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲାବେଳେ ୨୧,୩୦୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରୀ ସଂଖ୍ୟା ୮,୦୬୯ ଥିବାବେଳେ ଛାତ୍ର ସଂଖ୍ୟା ୧୩,୨୩୯ ରହିଛି। ଛାତ୍ରୀଙ୍କ ପାସ୍ ହାର ୮୫.୫୫% ଓ ଛାତ୍ରଙ୍କ ପାସ୍ ହାର ୮୦.୪୦% ରହିଛି। ବିଜ୍ଞାନରେ ୧,୧୫,୮୯୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧,୦୦,୭୫୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ୪୮,୧୯୦ଜଣ ଛାତ୍ରୀ ଓ ୫୨,୫୬୭ଜଣ ଛାତ୍ର ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୭୪% ଥିବା ବେଳେ ଛାତ୍ରଙ୍କ ୮୬.୨୧% ରହିଛି। ସେହିଭଳି ଧନ୍ଦାମୂଳକ ଶିକ୍ଷାରେ ୫,୬୩୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୮୩୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ଛାତ୍ରୀଙ୍କ ପାସ୍ ହାର ୭୧.୪୦% ରହିଥିବା ବେଳେ ଛାତ୍ରଙ୍କର ୬୪.୬୭% ରହିଛି। ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ଅଧକ୍ଷ ତଥା ଅତିରିକ୍ତ ଶାସନ ସଚିବ ଅଶ୍ୱିନୀ କୁମାର ମିଶ୍ର ପରୀକ୍ଷାଫଳ ଘୋଷଣା କରିବା ସହିତ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷାର ଉପଯୁକ୍ତ ପରିଚାଳନା ଏବଂ ଉଚିତ ସମୟ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ନିମନ୍ତେ ସିଏଚ୍‌ଏସ୍‌ଇ କର୍ମକର୍ତ୍ତା ଓ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ପରୀକ୍ଷାର୍ଥୀମାନେ www.orissaresults.nic.in ଏବଂ https://results.digilocker.gov.inରେ ପରୀକ୍ଷାଫଳ ଜାଣିବା ସହ ମାର୍କଶିଟ୍ ଡାଉନ୍‌ଲୋଡ୍ କରିପାରିବେ। ଏହି ଫଳାଫଳ ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ସ ଇ-ସ୍ପେସ୍‌ରେ ମଧ ଉପଲବ୍ଧ ହେଉଛି। ଏଥିସହିତ ହେଲ୍ପ ଲାଇନ୍ ନଂ.୯୯୩୭୯୪୧୧୪୮, ୯୭୭୬୨୧୬୬୨୪, ୯୮୬୧୦୯୭୭୩୮ ଏବଂ ୯୯୩୭୩୯୦୮୭୮ରୁ ଆବଶ୍ୟକ ସୂଚନା ପାଇପାରିବେ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ଏହି ଅବସରରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶୁଭଶ୍ରୀ ନନ୍ଦ, ସିଏଚ୍‌ଏସ୍‌ଇ ନିର୍ଦ୍ଦେଶକ ରଘୁରାମ୍ ଆର୍. ଆୟାର, ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ, ଉପପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା, ସିଏଚ୍‌ଏସ୍‌ଇ ସଚିବ ଶୁଭ୍ରା ବେହେରାଙ୍କ ସମେତ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ଜୁନ୍ ଶେଷ ସପ୍ତାହରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା
ଜୁନ୍ ୧ ସୁଦ୍ଧା ପୁନଃମୂଲ୍ୟାୟନ ଏବଂ ଖାତା ଯାଞ୍ଚ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଡିଜିଲକର୍ ମାଧ୍ୟମରେ ମାର୍କଶିଟ ଏବଂ ସାର୍ଟିଫିକେଟ ଆଦି ଡିଜିଟାଲ ଏକାଡେମିକ ଡକ୍ୟୁମେଣ୍ଟ ପ୍ରଦାନ କରାଯିବ। ଛାତ୍ରୀଛାତ୍ର ନିଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରୁ ସିଏଚ୍‌ଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସାର୍ଟିଫିକେଟ ଏବଂ ମାର୍କଶିଟର ହାର୍ଡ କପି ମଧ ପାଇପାରିବେ। ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବାର୍ଷିକ ଇନ୍‌ଷ୍ଟାଣ୍ଟ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୪ ଜୁନ ଶେଷ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀ ହସ୍ପିଟାଲରେ ...
ସିଲିଣ୍ଡରଗୁଡ଼ିକ ବିସ୍ଫୋରଣ ହେବାରୁ ପାଖରେ ଥିବା କେତେକ ଅଟ୍ଟାଳିକା କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡ ପରେ ଫେରାର ଥିବା ହସ୍ପିଟାଲର ମାଲିକ ଡ. ନବୀନ କିଚିଙ୍କୁ ରବିବାର ଗିରଫ କରାଯାଇଛି। ସେ ଦିଲ୍ଲୀରେ ଅନ୍ୟ କେତେକ ହସ୍ପିଟାଲ ଚଳାଉଥିବା ପୋଲିସ କହିଛି। ଚିକିତ୍ସାରେ ଅବହେଳା ଏବଂ ରୋଗୀ ପ୍ରତି କ୍ଷତି ଘଟାଇବା ନେଇ ପୂର୍ବରୁ କିଚିଙ୍କ ବିରୋଧରେ ମାମଲା ରହିଛି। ୨୦୨୧ରେ ତାଙ୍କ ହସ୍ପିଟାଲର ପଞ୍ଜୀକରଣକୁ ବାତିଲ କରାଯିବା ସହ ଜରିମାନା କରାଯାଇଥିଲା। ଏପରି କି ଉକ୍ତ ହସ୍ପିଟାଲରେ ନିୟୋଜିତ ଡାକ୍ତରମାନେ ଶିଶୁ ଚିକିତ୍ସା ପାଇଁ ଯୋଗ୍ୟତା ହାସଲ କରି ନ ଥିଲେ। ହସ୍ପିଟାଲରୁ ୧୨ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୫ ଶିଶୁଙ୍କୁ ଅନ୍ୟତ୍ର ଚିକିତ୍ସା କରାଯାଉଛି। ହସ୍ପିଟାଲ ବିଲ୍ଡିଂର ସମ୍ଭବତଃ ଏନ୍‌ଓସି (ଆପତ୍ତିବିହୀନ ପ୍ରମାଣପତ୍ର) ନ ଥିଲା ବୋଲି ଅଗ୍ନିଶମ ବିଭାଗ ନିର୍ଦ୍ଦେଶକ ଅତୁଲ ଗର୍ଗ କହିଛନ୍ତି। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ଲାଗି ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ସେନା ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ତଦନ୍ତ ଲାଗି କମିଟି ଗଠନ କରିବାକୁ କହିଥିବାବେଳେ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ତୁରନ୍ତ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବା ଲାଗି ଭରଦ୍ୱାଜ ସ୍ୱାସ୍ଥ୍ୟ ସଚିବ ଓ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘଟଣାକୁ ହୃଦୟ ବିଦାରକ ବୋଲି କହିବା ସହ ଅବହେଳା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ଏନ୍‌ସିପିସିଆର୍(ଜାତୀୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ) ମଧ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଏକ ଟିମ୍‌କୁ ନିୟୋଜିତ କରିଛି।

## ଯୁକ୍ତ୨: ବଢ଼ିଲା ପାସ୍ ହାର
ଭୁବନେଶ୍ୱର, ୨୬।୫(ଅସମାପିକା ସାହୁ)- ଯୁକ୍ତ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ ଶିକ୍ଷା ଆଦି ସବୁ ବିଭାଗରେ ପାସ୍ ହାର ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି। କଳାରେ ଗତବର୍ଷ ପାସ୍ ହାର ୭୮.୮୮% ଥିବାବେଳେ ଏଥର ୮୦.୯୫% ରହିଛି। ବାଣିଜ୍ୟରେ ୮୧.୧୨% ଥିବାବେଳେ ଏବର୍ଷ ପାସ୍ ହାର ୮୨.୨୭% ରହିଛି। ସେହିପରି ବିଜ୍ଞାନରେ ଗତବର୍ଷ ପାସ୍‌ହାର ୮୪.୯୩% ରହିଥିଲା। ତେବେ ଚଳିତବର୍ଷ ଏହା ୮୬.୯୩% ରହିଛି। ଧନ୍ଦାମୂଳକ ଶିକ୍ଷାରେ ଗତବର୍ଷ ପାସ୍‌ହାର ୬୭.୪୮% ଥିବାବେଳେ ଏବର୍ଷ ୬୮.୦୨% ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତବର୍ଷ ମେ' ୩୧ରେ ବାଣିଜ୍ୟ ଏବଂ ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇଥିବାବେଳେ ଜୁନ୍ ୮ରେ କଳା ଏବଂ ଧନ୍ଦାମୂଳକ ଶିକ୍ଷାର ଫଳ ପ୍ରକାଶ ପାଇଥିଲା।

### କଳାରେ ବରଗଡ଼, ବିଜ୍ଞାନରେ ନୟାଗଡ଼, ବାଣିଜ୍ୟରେ କଳାହାଣ୍ଡି ଆଗରେ
ଯୁକ୍ତ୨ କଳାରେ ବରଗଡ଼ ଜିଲାର ପାସ୍ ହାର ସର୍ବାଧିକ ୮୮.୬୧% ରହିଛି। ଏହି ଜିଲାରେ ମୋଟ ୧୦,୦୬୬ଜଣ ପରୀକ୍ଷା ଦେଇଥିବା ବେଳେ ୮,୯୨୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ନବରଙ୍ଗପୁର ଜିଲାର ପାସହାର ସର୍ବନିମ୍ନ ୭୦.୯୮% ରହିଛି। ସେହିପରି ବିଜ୍ଞାନରେ ନୟାଗଡ଼ ଜିଲାର ପାସ୍ ହାର ସର୍ବାଧିକ ୯୬.୭୭% ରହିଛି। ଏହି ଜିଲାରେ ମୋଟ ୩,୦୭୧ଜଣ ପରୀକ୍ଷା ଦେଇଥିବାବେଳେ ୨,୯୭୨ଜଣ ପାସ୍ ହୋଇଛନ୍ତି। ବିଜ୍ଞାନରେ ବୌଦ୍ଧ ଜିଲାରେ ପାସ୍ ହାର ସର୍ବନିମ୍ନ ୫୯.୮୯% ରହିଛି। ବାଣିଜ୍ୟରେ କଳାହାଣ୍ଡି ଜିଲାରେ ପାସ୍ ହାର ସର୍ବାଧିକ ୯୩.୨୩% ରହିଥିବାବେଳେ ପରୀକ୍ଷା ଦେଇଥିବା ମୋଟ ୪୧୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଏହି ବିଭାଗରେ ବୌଦ୍ଧ ଜିଲାରେ ସର୍ବନିମ୍ନ ୩୫% ପାସ୍ ହାର ରହିଛି। ଧନ୍ଦାମୂଳକ ଶିକ୍ଷାରେ ଝାରସୁଗୁଡ଼ାରେ ପାସ୍ ହାର ଶତପ୍ରତିଶତ ରହିଥିବା ବେଳେ ଗଜପତି ଜିଲାରେ ସର୍ବନିମ୍ନ ୩୯.୮୪% ରହିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ବାଗୁ ଓ ମହୁମୁହାଣରୁ ବିପୁଳ ବିସ୍ଫୋରକ ଜବତ
ସୋର,୨୬।୫(ଜନ୍ମେଜୟ ମିଶ୍ର)- ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରୁ ପୋଲିସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ (ଜିଲୋଟିନ୍) ଜବତ କରିଛି। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱର ଏକ ଟିମ୍ ବାଗୁସ୍ଥିତ ଏକ ନିଛାଟିଆ ସ୍ଥାନରେ ଚଢ଼ାଉ କରି ୧୫୦୦ କେଜି ଓ ମହୁମୁହାଣ ନିକଟସ୍ଥ ପରିତ୍ୟକ୍ତ ପଥର ଖାଦାନରୁ ୬୦୦ କେଜି ଜିଲୋଟିନ ଜବତ କରିଛି। ଥାନାରେ ଏକ ମାମଲା(ନଂ.୪୭୬/୨୪)ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଖଞ୍ଜାମାହଲ ପାହାଡ଼ରେ ଥିବା କେତେକ ବେଆଇନ ପଥର ଖାଦାନରେ ବିସ୍ଫୋରଣ କରାଯାଇ ନିୟମିତ ଚୋରା ପଥର ଚାଲାଣ କରାଯାଉଛି।

# ୪୭ ମାଓବାଦୀଙ୍କ ଆତ୍ମସମର୍ପଣ
ମାଲକାନଗିରି,୨୬।୫ (ଦୁର୍ଯ୍ୟୋଧନ ପାତ୍ର)
ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ରବିବାର ୩୩ ଓ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମାରାଜୁ ଜିଲା ପେଦାବାଇଲୁ ଦଳର ୧୩, ସେହିପରି ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ଜିଆରଡ଼ି ମିଲିସିଆ ସଦସ୍ୟ ଏଭଳି ୪୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।
ବିଜାପୁର ଏସ୍‌ପି. ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି, ଛତିଶଗଡକୁ ମାଓବାଦୀ ମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ଚାଲୁଥିବା ଅଭିଯାନରେ ୩୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ରାଜୁ ହେମଲା ଓ ସାମୋ କର୍ମା ପିଏଲଜିଏ ସଦସ୍ୟ ଥିବା ବେଳେ ଏହି ଦୁଇଜଣଙ୍କ ଉପରେ ସରକାର ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରିଥିଲେ। ସେହିପରି ସୁଦ୍ଧୁ ପୁନେମ ଓ ଜନ୍ତାନା ସରକାରଙ୍କ ଉପରେ ମଧ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେହିପରି ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ଜିଆରଡ଼ି ମିଲିସିଆ ସଦସ୍ୟ ପଡିଆମ ଗଙ୍ଗା ଓରଫ ଡୋଲୁ ଆତ୍ମସମର୍ପଣ କରିଛନ୍ତି। ସେ ସୁକ୍‌ମା ମାଓବାଦୀ ଅପରେଶନ କାର୍ଯ୍ୟାଳୟ ଅତିରିକ୍ତ ପୋଲିସ ଅଧୀକ୍ଷକ ସପନ ଚୌଧୁରୀ, ସୁକ୍‌ମା ଡିଆର୍‌ଜି ପୋଲିସ ନିରୀକ୍ଷକ ଶେଷଗିରିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଗୁଳି ବିନିମୟ: ୨ ମହିଳା ମାଓବାଦୀ ନିହତ
ମାଲକାନଗିରି, ୨୬।୫(ଦୁର୍ଯ୍ୟୋଧନ ପାତ୍ର)
ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ଘଟି ରବିବାର ୨ ମହିଳା ମାଓବାଦୀ ନିହତ ହୋଇଛନ୍ତି। ମୃତାଦ୍ୱୟ ହେଲେ ବିଜେ ତାତି ଭେରମଗଡ଼ ଏରିଆ କମିଟି ସଦସ୍ୟା, ଅନ୍ୟ ଜଣେ ନୀଲା ଫରସା, ଗାଙ୍ଗାଲୁର ଏରିଆ କମିଟି ସଦସ୍ୟା। ଉଭୟଙ୍କ ନାମରେ ସରକାର ୫ ଲକ୍ଷର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଦୁଇଜଣଙ୍କ ମୃତଦେହ, ୨ ବନ୍ଧୁକ ସହ ବହୁ ସାମଗ୍ରୀ ପୋଲିସ ଜବତ କରିଛି। ବିଜାପୁର ଜିଲା ମିରତୁର ଓ ଗାଙ୍ଗାଲୁର ଥାନା ଅଞ୍ଚଳ ଜସେମାରକା ଓ କମକାବାର ଜଙ୍ଗଲରେ ପଶ୍ଚିମ ବସ୍ତର ଡିଭିଜନ କମାଣ୍ଡର ପାଣ୍ଡୁରୁ, ଭେରମଗଡ଼ ଏରିଆ କମିଟି ଏସିଏମ୍ ଜଗା, ସୋନୁ, ରାକେଶ କଡତିଙ୍କ ସମେତ ୧୫ରୁ ୨୦ ମାଓବାଦୀ କ୍ୟାମ୍ପ କରିଥିବା ଖବର ପାଇ ବିଜାପୁର ପୋଲିସ ସହ ଏସ୍‌ଟିଏଫ୍ ଓ ଡିଆର୍‌ଜି ଯବାନ କୋମ୍ବିଂ କରିଥିଲେ। ପୋଲିସ ଉପରକୁ ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚଳାଇଥିଲା। ଫଳରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ ମହିଳା ମାଓବାଦୀଙ୍କ ମୃତଦେହ ଠାବ କରିଥିଲା।

# ଜିଲାରେ ପାସ୍ ହାର ୯୬.୭୩%

## ମାଟ୍ରିକ୍ ପରୀକ୍ଷାଫଳ
### ଏ-୧ରେ ୯୯ ଉତ୍ତୀର୍ଣ୍ଣ

ଭଦ୍ରକ,୨୬।୫(ସନାତନ ରାଉତ)

ମାଟ୍ରିକ୍ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଭଦ୍ରକ ଜିଲାରେ ୯୬.୭୩ ପ୍ରତିଶତ ପାସ୍‌ହାର ହୋଇଥିବା ବେଳେ ଏ-୧ରେ ୯୯ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଜିଲାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଭଲ ନମ୍ବର ରଖିଛନ୍ତି। ୩୧୮ ହାଇସ୍କୁଲ ମଧ୍ୟରୁ ୧୫୯ଟିରେ ଶତପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ଜିଲାରେ ୭ଟି ବ୍ଲକର ୨୩ଜଣ ପରୀକ୍ଷାର୍ଥୀ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକରେ ସର୍ବାଧିକ ୩୩, ଭଦ୍ରକରେ ୨୪, ଭଣ୍ଡାରିପୋଖରୀରେ ୧୨, ବନ୍ତରେ ୫, ଚାନ୍ଦବାଲିରେ ୭, ଧାମନଗରରେ ୮ ଏବଂ ତିହିଡ଼ିରେ ୧୦ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ଭଦ୍ରକ ବ୍ଲକର ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୂର୍ଯ୍ୟସ୍ନାତ ସ୍ୱାଇଁ ୫୭୭ ନମ୍ବର ରଖି ଜିଲା ଟପ୍ପର ହୋଇଥିବା ବେଳେ ରଶ୍ମିପ୍ରଭା ସାହୁ ୫୬୮ ନମ୍ବର ରଖି ତୃତୀୟ ସ୍ଥାନରେ ଅଛନ୍ତି। ବ୍ଲକର ଆଶୁତୋଷ ମାଝୀ ୫୬୫ ନମ୍ବର ରଖିଛନ୍ତି। ବାସୁଦେବପୁର ବ୍ଲକର ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଓମ୍‌କାର ସାମଲ ଓ ଇରମ ହାଇସ୍କୁଲର କ୍ରୀଷ୍ଣା କୁମାରୀ ମହାରଣା ୫୬୯ ନମ୍ବର ରଖି ଯୁଗ୍ମ ଭାବେ ଜିଲାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବ୍ଲକର ଟପ୍ପର ହୋଇଛନ୍ତି। ସେହିପରି ଇରମ ହାଇସ୍କୁଲର ହିମାଂଶୁ ଶେଖର ମହାରଣା ୫୬୨ ନମ୍ବର ରଖିଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ପ୍ରଭାକର ମହାନ୍ତି ହାଇସ୍କୁଲ, ପିରିପୁରର ୪ ଛାତ୍ରୀ ପ୍ରିୟଙ୍କା ଜେନା, ସାଇ ଆରାଧନା ନନ୍ଦ, ସୁଚିସ୍ମିତା ଜେନା ଓ ଲକ୍ଷ୍ମୀପ୍ରିୟା ରାୟ ୫୫୨ ନମ୍ବର ରଖି ବ୍ଲକର ଟପ୍ପର ହୋଇଛନ୍ତି। ବନ୍ତ ବ୍ଲକ କାଦବରାଙ୍ଗ ନୋଡାଲ ହାଇସ୍କୁଲର ପୂର୍ଣ୍ଣିମା ବେହେରା ୫୫୩, ଟିଲୋ ମେନକାରାଣୀ ହାଇସ୍କୁଲର ଛାତ୍ରୀ ପି. କେ. ରିଶିତା ବେହେରା ୫୫୨ ଓ ଅଣିଜୋ ସିନ୍ଧୁକେଶ୍ୱର ନୋଡାଲ ହାଇସ୍କୁଲର ମହେଶ୍ୱର ଭୋଳ ୫୪୦ ନମ୍ବର ରଖିଛନ୍ତି।

ଚାନ୍ଦବାଲି ବ୍ଲକ ଦାଖା ସରକାରୀ ହାଇସ୍କୁଲର ସୂର୍ଯ୍ୟାଂଶୁ ନାୟକ ୫୫୮, ଶିବଦୁର୍ଗା ହାଇସ୍କୁଲର ଛାତ୍ରୀ ଲିଜା ବେହେରା ୫୫୨ ଓ ଆଖଣ୍ଡଳମଣି ନୋଡାଲ ହାଇସ୍କୁଲର ଅରୋ ଅନିନ୍ଦ୍ୟ ଦାସ ୫୪୭ ନମ୍ବର ରଖିଛନ୍ତି। ଧାମନଗର ବ୍ଲକର ଅସୁରାଳି ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଅରୂପ ନାରାୟଣ ପାଢ଼ୀ ୫୫୩, ବିଶିଗଡ଼ିଆ ଇନ୍ଦ୍ରମଣି ସରକାରୀ ହାଇସ୍କୁଲର ଛାତ୍ରୀ ସାଇବିନିତା ବେହେରା ୫୫୨, ଜଗନ୍ନାଥ ବିଦ୍ୟାମନ୍ଦିରର ଛାତ୍ର କମଳାକାନ୍ତ ରଣା ଓ ଅସୁରାଳି ଶ୍ରୀବୈରାଗୀ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀ ପ୍ରିୟଙ୍କା ନାୟକ ୫୫୦ ନମ୍ବର ରଖିଛନ୍ତି। ସେହିପରି ତିହିଡ଼ି ବ୍ଲକ ଅଟକ ହାଇସ୍କୁଲର ଛାତ୍ର ଗିରିଜା ନନ୍ଦନ ସାହୁ ୫୫୮, କାଣ୍ଡରଗଡ଼ିଆ ମୀନାମୁନୀ ହାଇସ୍କୁଲର ସମୀର ବେହେରା ୫୫୨ ଓ ସୌମ୍ୟ ରଞ୍ଜନ ବିଶ୍ୱାଳ ୫୪୮ ନମ୍ବର ରଖିଛନ୍ତି। ପ୍ରକାଶଥାଉ କି, ଜିଲାରେ ମୋଟ ୩୧୮ଟି ହାଇସ୍କୁଲର ୨୧,୬୫୬ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ସୂର୍ଯ୍ୟସ୍ନାତ ଜିଲା ଟପ୍ପର

ଭଦ୍ରକ,୨୬।୫(ସନାତନ ରାଉତ)



ଭଦ୍ରକ ସହର ନୂଆବଜାରସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୂର୍ଯ୍ୟସ୍ନାତ ସ୍ୱାଇଁ ୫୭୭ ନମ୍ବର (୯୬.୧୬ ପ୍ରତିଶତ) ରଖି ଜିଲା ଟପ୍ପର ହୋଇଛନ୍ତି। ସୂର୍ଯ୍ୟସ୍ନାତ ହେଉଛନ୍ତି ଭଦ୍ରକ ପୌରାଞ୍ଚଳ କୁଆଁସ ଗ୍ରାମର ବ୍ୟବସାୟୀ ଦୀପକ ସ୍ୱାଇଁ ଓ ସୁସନ୍ଧ୍ୟା ପ୍ରିୟଦର୍ଶିନୀ ମଲ୍ଲିକଙ୍କ ବଡ଼ପୁଅ। ସେ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବେ ବୋଲି କହିଛନ୍ତି। ମାଟ୍ରିକ୍ ପରୀକ୍ଷା ପାଇଁ ସ୍କୁଲ, ଟ୍ୟୁଶନ ବ୍ୟତୀତ ଦିନକୁ ଅତିରିକ୍ତ ୩-୪ ଘଣ୍ଟା ପାଠପଢ଼ାରେ ସମୟ ଦେଉଥିଲେ। ଏହି ସଫଳତା ପାଇଁ ସେ ତାଙ୍କ ବିଦ୍ୟାଳୟର ଗୁରୁମା ଗୁରୁଜୀ, ମା' ବାପା ଓ ପରିବାରକୁ ଶ୍ରେୟ ଦେଇଛନ୍ତି। ମୋବାଇଲଠାରୁ ଯଥାସମ୍ଭବ ନିଜକୁ ଦୂରେଇ ରଖି ପାଠପଢ଼ାରେ ମନ ଦେବାକୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ ବାର୍ତ୍ତା ଦେଇଛନ୍ତି।

# ଜ୍ୟୋତିର୍ମୟୀ, ମନୋରଞ୍ଜନ, ଅନୁସ୍ମିତା କଲେଜ ଟପ୍ପର

### ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷାଫଳ: ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା



ଜ୍ୟୋତିର୍ମୟୀ ସାହୁ



ମନୋରଞ୍ଜନ ରାଉତ



ଏ.ଅନୁସ୍ମିତା ତ୍ରିପାଠୀ

ଭଦ୍ରକ,୨୬।୫(ରବିନାରାୟଣ ଖ୍ୱଲାର)

ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଭଦ୍ରକର ଆବାସିକ ମହାବିଦ୍ୟାଳୟ ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। କର୍ତ୍ତୃପକ୍ଷଙ୍କ ସୂଚନା ଆନୁଯାୟୀ, ଯୁକ୍ତ ୨ ବିଜ୍ଞାନରେ ମୋଟ ୨୮୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୨୧ଜଣ ପ୍ରଥମ, ୫୯ ଦ୍ୱିତୀୟ ଓ ୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୪୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୫ଜଣ ପ୍ରଥମ, ୬ଜଣ ଦ୍ୱିତୀୟ ଓ ୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ମୋଟ ୪୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୧ଜଣ ପ୍ରଥମ, ୧୧ ଦ୍ୱିତୀୟ ଓ ୩ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଜ୍ୟୋତିର୍ମୟୀ ସାହୁ ୮୮.୧ ପ୍ରତିଶତ (୫୨୯), ବାଣିଜ୍ୟରେ ମନୋରଞ୍ଜନ ରାଉତ ୮୬ ପ୍ରତିଶତ (୫୧୬) ଏବଂ କଳାରେ ଏ ଅନୁସ୍ମିତା ତ୍ରିପାଠୀ ୮୭.୩୩ ପ୍ରତିଶତ (୫୨୪) ରଖି କଲେଜ ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଓ ଜୀବନାନନ୍ଦ ପାଣିଗ୍ରାହୀ କଲେଜର ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢ଼ୀ, ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କଳା, ବିଜ୍ଞାନରେ ବଢ଼ିଛି ପାସ୍ ହାର

### ଯୁକ୍ତ ୨ ପରୀକ୍ଷାଫଳ

ଭଦ୍ରକ,୨୬।୫(ସନାତନ ରାଉତ)

ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଭଦ୍ରକ ଜିଲାରେ କଳାରେ ୮୩.୬୧ ପ୍ରତିଶତ, ବାଣିଜ୍ୟରେ ୮୯.୩୯, ବିଜ୍ଞାନରେ ୯୫.୩୨ ଓ ଧନ୍ଦାମୂଳକ ଶିକ୍ଷାରେ ୮୧.୨୧ ପ୍ରତିଶତ ପାସ୍‌ହାର ରହିଛି। ତେବେ ପୂର୍ବବର୍ଷ ଅପେକ୍ଷା ଏଥର କଳା ଓ ବିଜ୍ଞାନରେ ପାସ୍‌ହାର ବଢ଼ିଥିବା ଜଣାଯାଇଛି। କଳାରେ ମୋଟ ୮୦୭୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୯୯୩ଜଣ ପରୀକ୍ଷା ଦେଇଥିବା ବେଳେ ୬୬୮୩ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୪୬୫, ଦ୍ୱିତୀୟ ଶ୍ରେଣୀରେ ୧୨୧୮ ଓ ତୃତୀୟ ଶ୍ରେଣୀରେ ୩୯୯୩ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ୧୪ଜଣ କମ୍ପାଟମେଣ୍ଟାଲ ଓ ଜଣେ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୧୨୭୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୭୩ଜଣ ପରୀକ୍ଷା ଦେଇଥିବା ବେଳେ ୧୧୩୮ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୩୮୫, ଦ୍ୱିତୀୟ ଶ୍ରେଣୀରେ ୨୯୬ ଓ ତୃତୀୟ ଶ୍ରେଣୀରେ ୪୫୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫ଜଣ କମ୍ପାଟମେଣ୍ଟାଲ ଓ ଜଣେ ମାଲପ୍ରାକ୍ଟିସ ହୋଇଛନ୍ତି। ବିଜ୍ଞାନରେ ମୋଟ ୨୮୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୪୨ଜଣ ପରୀକ୍ଷା ଦେଇଥିବା ବେଳେ ୨୭୦୯ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୫୬୮, ଦ୍ୱିତୀୟ ଶ୍ରେଣୀରେ ୮୫୬ ଓ ତୃତୀୟ ଶ୍ରେଣୀରେ ୨୬୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୪ଜଣ କମ୍ପାଟମେଣ୍ଟାଲ ଓ ଜଣେ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ମୋଟ ୩୧୮ଜଣଙ୍କ ମଧ୍ୟରୁ ୩୧୪ ପରୀକ୍ଷା ଦେଇଥିବା ବେଳେ ୨୫୫ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୪୩, ଦ୍ୱିତୀୟରେ ୧୩୨ ଓ ତୃତୀୟ ଶ୍ରେଣୀରେ ୭୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୩ଜଣ କମ୍ପାଟମେଣ୍ଟାଲ ହୋଇଛନ୍ତି।

# ଭାଜପା ପ୍ରଚାରରେ ପ୍ରବାସୀ ଓଡ଼ିଆ



ପ୍ରଚାରରେ ସାମିଲ ହୋଇଥିବା ପ୍ରବାସୀ ଓଡ଼ିଆ ସଙ୍ଗଠନର ସଦସ୍ୟମାନେ।

ଧାମନଗର ,୨୬।୫(ଦେବେନ୍ଦ୍ର ଆନ୍ଦିଆ)

ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରବାସୀ ଓଡ଼ିଆ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରବାସୀ ଓଡ଼ିଆ ଯୁବକମାନେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଧୁଷୁରୀ, ଶହୀଦନଗର, ଧାମନଗର, ବେତାଳିଗାଁ, କୋଠାର, ଚୁଡ଼ାକୁଟି, ଧାମନଗର ସହର, ଦୋବଲ, ଆନନ୍ଦପୁର, ଖଡ଼ିପଦା ଆଦି ପଞ୍ଚାୟତର ବିଭିନ୍ନ ସ୍ଥାନକୁ ଯାଇ ଭାଜପା ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଯୁବ ସାମାଜିକ କର୍ମୀ ସରୋଜ କୁମାର ପରିଡ଼ାଙ୍କ ନେତୃତ୍ୱରେ ପ୍ରବାସୀ ଓଡ଼ିଆ ସଙ୍ଗଠନର କର୍ମକର୍ତ୍ତା ବିଭିନ୍ନ ଅଞ୍ଚଳରେ ପ୍ରଚାର ଅଭିଯାନ ଚଳାଇଛନ୍ତି। ବରିଷ୍ଠ ସଦସ୍ୟ ବଳରାମ ମହାଳିକ, ଅସିତ କୁମାର ସାହୁ, ଅଶୋକ କୁମାର ଜେନା, ବିକାଶ ଦାସ, ମାନସ ମଣ୍ଟୁ, ପ୍ରଶାନ୍ତ କୁମାର ସୂତାର, କୁନୁ ପରିଡ଼ା, ମାନସ ଜେନା, ବିକାଶ ରାଉତ, ଶ୍ରୀଧର ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ରାମ ଜେନା, ପିଣ୍ଟୁ ପରିଡ଼ା, ଅବିନାଶ ସାହୁ, ଦିଲୀପ ପରିଡ଼ା, ଧନେଶ୍ୱର ପରିଡ଼ା ପ୍ରମୁଖ ଏଥିରେ ସାମିଲ ଥିଲେ।

# ପୂର୍ବତନ ଶିକ୍ଷକଙ୍କ ସ୍ମୃତିଚାରଣ

ଧାମନଗର, ୨୬।୫(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଅଧୀନ ଖଡ଼ିପଦା ପଞ୍ଚାୟତ କୋରକଦା ଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀଧର ତ୍ରିପାଠୀଙ୍କ ଦ୍ୱାଦଶାହ ଅବସରରେ ସ୍ମୃତିସଭା କୃତିବାସ ତ୍ରିପାଠୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହାଇକୋର୍ଟ ଅଧିବକ୍ତା ଦେବାଶିଷ ସାମଲ, ଯାଜପୁର ଜିଲା ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ଜେନା, ପୂର୍ବତନ ସରପଞ୍ଚ ପ୍ରିୟବ୍ରତ ବିଶ୍ୱାଳ, ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ନାୟକ, ଅକ୍ଷୟ ନାୟକ, ପୂର୍ବତନ ଛାତ୍ର ସଞ୍ଜୟ ବେହୁରିଆ, ଖବରଦାତା ଜୟପ୍ରକାଶ ନାୟକ, ଶିକ୍ଷାବିତ୍ ହୃଦାନନ୍ଦ କର, ସରପଞ୍ଚ ଅଶୋକ ପଣ୍ଡା, ଯୁବନେତା ଶ୍ରୀନିବାସ ପତି, ବିଜୟ ଶଙ୍କର ନାୟକ, ପ୍ରତାପ ସାମଲ, ରଣଜିତ ମହାନ୍ତି, ଶିକ୍ଷା କର୍ମଚାରୀ ଗୋଲକ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ଛାତ୍ରବତ୍ସଳ, ଅମାୟିକ ସରଳ, ଭଦ୍ର ସ୍ୱଭାବ ବ୍ୟକ୍ତି ଥିଲେ। ସେ ତାଙ୍କ କାର୍ଯ୍ୟକାଳ ସମୟରେ ଜୟଚଣ୍ଡୀ ବିଦ୍ୟାଳୟକୁ ନନ୍ଦନକାନନ ପରି ସଜାଇଥିଲେ। ସେ ଏକାଧାରରେ ଜଣେ ନାଟ୍ୟକାର, ଗାଳ୍ପିକ ଓ ସଂସ୍କୃତ ଶିକ୍ଷକ ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସୁବ୍ରତ ତ୍ରିପାଠୀ କୃତଜ୍ଞତା ଜ୍ଞାପନ କରିଥିଲେ।



ପୂର୍ବତନ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସ୍ମୃତିସଭାରେ ଅତିଥି ଓ ଅନ୍ୟମାନେ।

# ଶକ୍ତିପୀଠରେ ସାମୂହିକ ଜପ



ଶକ୍ତିପୀଠରେ ଗାୟତ୍ରୀ ମନ୍ତ୍ର ଜପ କରାଯାଉଛି।

ଅସୁରାଳି,୨୬।୫(ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକର ଧୁଷୁରୀ ଶକ୍ତିପୀଠରେ ରବିବାର ଅଖଣ୍ଡ ଗାୟତ୍ରୀ ମହାମନ୍ତ୍ର ଜପ ନିରାଡ଼ମ୍ବର ଭାବେ ସମାପନ ହୋଇଛି। ଭଦ୍ରକ ଜିଲା ଗାୟତ୍ରୀ ପରିବାର ସମନ୍ୱୟ ସମିତିର ସମନ୍ୱୟକ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ପ୍ରଫୁଲ୍ଲ ରାଉତ ବ୍ଲକ ସମନ୍ୱୟ ସମିତି ପୁନର୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ସମନ୍ୱୟକ ଭାବେ ବିଶ୍ୱନାଥ ରାଉତ, ସହ ସମନ୍ୱୟକ ପ୍ରଦୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ନୃସିଂହ ତରେଇ, ପ୍ରଶିକ୍ଷକ ମିହିର ସାହୁ, ମିଡିଆ ସଙ୍ଗଠକ ପ୍ରଦୀପ ବାରିକ ଓ ନାରୀ ଜାଗରଣ ପ୍ରମିଳା ସାହୁ ମନୋନୀତ ହୋଇଛନ୍ତି। ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ଅଖିଳ ବାରିକଙ୍କ ସମେତ ପରମାନନ୍ଦ ନାୟକ, ପ୍ରଦୀପ୍ତ ନାୟକ, ନୃସିଂହ ତରେଇ, ଶାନ୍ତିଲତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦଳରେ କୋଣଠେସା କରି ରଖାଯାଇଥିଲା'

ଚାନ୍ଦବାଲି,୨୬।୫(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ସୁନୀତା ମହାପାତ୍ର ଓ ପ୍ରତିନିଧି ତାଙ୍କ ସ୍ୱାମୀ ସୁଶାନ୍ତ ମହାପାତ୍ର ଗତ ୨୨ତାରିଖରେ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ବିଜେଡି ଛାଡ଼ିବା ନେଇ ରବିବାର ପଞ୍ଚାୟତଠାରେ ଏକ ଖବରଦାତା ସମ୍ମିଳନୀରେ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ସୂଚନା ଦେଇଛନ୍ତି। ୧୯୮୭ରୁ ପ୍ରଥମେ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ ସେ ରାଜନୀତି କରିଆସୁଥିଲେ ମଧ୍ୟ ଦଳ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଲା ନାହିଁ। ଦୀର୍ଘ ୩୫ ବର୍ଷ ଦଳ ପାଇଁ ଲଢ଼େଇ କରିଆସୁଥିଲେ। ହେଲେ ତାଙ୍କୁ ଅଣଦେଖା କରାଗଲା। ପଞ୍ଚାୟତରେ ତାଙ୍କୁ ନ ପଚାରି ବାହାର ଲୋକଙ୍କ ଅନଧିକାର ମୁଣ୍ଡ ପୂରାଇବା ଘଟଣା ତାଙ୍କୁ ଅଣଃନିଶ୍ୱାସୀ କରିଥିଲା। ନଦୀ ନାଳ ଘେରା ଏହି ପଞ୍ଚାୟତରେ ସୁନାର ପୋଖରୀ, ବିଶ୍ୱନାଥପୁର ଆଦି କେନାଲ ଯାଉଥିଲେ ସୁଦ୍ଧା ତାହାର ସୁଫଳ ପଞ୍ଚାୟତର ଲୋକେ ପାଉନାହାନ୍ତି। ସେ ଏନେଇ ବାରମ୍ବାର ଅଭିଯୋଗ କରି ମଧ୍ୟ କିଛି ଲାଭ ମିଳିନାହିଁ। ୨୦୧୯ରେ ବିଜେଡି ଛାଡ଼ି ଅନେକ ନେତା ଭାଜପାକୁ ଯାଇଥିଲେ। ସେତେବେଳେ ତାଙ୍କୁ ଯଶିପୁର ପଞ୍ଚାୟତର ବିଜେଡି ସଙ୍ଗଠନ ଦାୟିତ୍ୱ ଦେଇଥିଲା। ଚାନ୍ଦବାଲିରେ ବିଜେଡିର ବିଜୟ ପଛରେ ପ୍ରମୁଖ ଭୂମିକା ତୁଲାଇଥିବା ବେଳେ କିଛିଦିନ ହେଲା ଦଳରେ ତାଙ୍କୁ କୋଣଠେସା କରି ରଖାଯାଇଥିଲା। ବାଧ୍ୟହୋଇ ସେ ଦଳ ଛାଡ଼ିଥିବା ପ୍ରକାଶ କରିଛନ୍ତି। ତେବେ ନୂଆଗାଁର ବିକାଶ ପାଇଁ ସଦାସର୍ବଦା କାମ କରିବେ ବୋଲି ସେ କହିଛନ୍ତି।

# ୨୮ରେ ଚାନ୍ଦବାଲି ଆସିବେ ଅମିତ ଶାହା



ହେଲିପ୍ୟାଡ୍ ନିକଟରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଚାନ୍ଦବାଲି,୨୬।୫ (କିଷାନ ପାତ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖରେ ଭାଜପା ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲଙ୍କ ପାଇଁ ପ୍ରଚାର କରିବାକୁ ଚାନ୍ଦବାଲି ଆସୁଛନ୍ତି। ଏହାକୁ ନେଇ ଉଭୟ ଭାଜପା ଓ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି କରାଯାଇଛି। ରବିବାର ଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ଅଧିକାରୀମାନଙ୍କ ସହ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ, ବିଡିଓ ଅସିତ କୁମାର ମହାନ୍ତି, ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଓ ଆଇଆଇସି ପଞ୍ଚାନନ ମହାନ୍ତି ହେଲିପ୍ୟାଡ୍ ବୁଲି ଦେଖିଛନ୍ତି। ଚାନ୍ଦବାଲି ଏନ୍‌ଏସି ଦୁର୍ଗାପଡ଼ିଆରେ ହେବାକୁ ଥିବା ବିଜୟ ସଂକଳ୍ପ ସମାବେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଯୋଗଦେଇ ତୃଣମୂଳ ସ୍ତରରେ କର୍ମୀ ଓ ନେତାଙ୍କୁ ବିଜୟ ମନ୍ତ୍ର ଦେବେ। ମଙ୍ଗଳବାର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟା ବେଳେ ଭୁବନେଶ୍ୱରରୁ ବାହାରି ଚାନ୍ଦବାଲି କଲେଜ ପାଖ ପଡ଼ିଆରେ ପହଞ୍ଚିବେ। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ଆସି ଦୁର୍ଗାପଡ଼ିଆରେ ଆୟୋଜିତ ସମାବେଶରେ ଯୋଗଦେବେ। ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାୟ ୩୫ରୁ ୪୦ ହଜାର ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ମନମୋହନଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ନେତା ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏନ୍‌ଏସ୍, ଜି କମାଣ୍ଡୋ, ଡଗ୍ ସ୍କ୍ୱାଡ୍, ବମ୍ ଡିଟେକ୍ଟର ସହ କେନ୍ଦ୍ରୀୟ ଫୋର୍ସ ଚାନ୍ଦବାଲିରେ ମୁତୟନ କରାଯାଇଛି।

# ବର୍ଷାରେ ଭିଜିଲା ଭଦ୍ରକ

ଭଦ୍ରକ,୨୬।୫(ସନାତନ ରାଉତ)

ବାତ୍ୟା 'ରେମାଲ' ପ୍ରଭାବରେ ରବିବାର ଭଦ୍ରକ ଜିଲାରେ ଦିନତମାମ ବର୍ଷା ଲାଗି ରହିଥିଲା। ଚାନ୍ଦବାଲି ଓ ବାସୁଦେବପୁର ବ୍ଲକରେ ବର୍ଷାର ପରିମାଣ ଅଧିକ ହୋଇଥିବା ବେଳେ ଭଣ୍ଡାରିପୋଖରୀ, ବନ୍ତରେ ଝିପିଝିପି ବର୍ଷା ଲାଗି ରହିଥିଲା। ଭଦ୍ରକ ସହରରେ ବର୍ଷା ଲାଗି ରହିବାରୁ ସହରର ଦୋକାନ ବଜାର ବନ୍ଦ ରହିବା ସହ ଲୋକଙ୍କ ସମାଗମ କମ୍ ରହିଥିଲା।

ସକାଳ ୭ଟାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ମଧ୍ୟାହ୍ନରେ କିଛି ସମୟ ବର୍ଷା ବନ୍ଦ ରହିଥିବା ବେଳେ ଅପରାହ୍ନଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ଏହି ବର୍ଷାରେ ପ୍ରାଚୀନଗର, ସାମରାଇପୁର, ମହତାବ ନଗର ଆଦି ଅଞ୍ଚଳରେ ରାସ୍ତା ଜଳମଗ୍ନ ହୋଇଛି।



ମହତାବନଗରରେ ରାସ୍ତା ଜଳମଗ୍ନ।

## କୁକୁର କାମୁଡ଼ାରେ ୧୩ରୁ ଊର୍ଦ୍ଧ୍ୱ ଆହତ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରରେ କୁକୁର କାମୁଡ଼ାରେ ୧୩ ଜଣ ଆହତ ହେଲେଣି। ଶନିବାର ରାତିରେ ମାଗୁରଗାଡିଆର ଏମ୍‌ଡି ସାହାବାଜ, ବବଲୁ, ସଂଜିଲ, ଜଣେ ସ୍ୱିଗି ଡେଲିଭରୀ ବୟ, ଜଣେ ବଙ୍ଗାଳି ମିସ୍ତ୍ରୀ, ଅରିଫଙ୍କ ମା', ରାଜନଙ୍କ ଭଉଣୀ ସମେତ ୧୩ରୁ ଊର୍ଦ୍ଧ୍ୱ ଲୋକଙ୍କୁ କୁକୁର କାମୁଡ଼ି ଥିବା ଜଣାପଡିଛି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଧିବାସୀ ଏମ୍‌ଡି ନୁର ଆଲାମ କହିଛନ୍ତି।

**କେନ୍ଦୁଝର**

# ରାଜପଥ କଡ଼ରୁ ହଟୁନି ଟ୍ରକ୍

କେନ୍ଦୁଝର,୨୬ା୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

■ସମସ୍ୟା ବଢ଼ାଉଛନ୍ତି ପରିବହନ ଠିକାସଂସ୍ଥା
■ରାସ୍ତାରେ ଅଟକାଇ ଚାଲାଣ, ତେଲ ସ୍ଲିପ୍ ଦେଉଛନ୍ତି

ବିଗତ ଦିନରେ କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଅନେକ ଦୁର୍ଘଟଣା ଘଟି ବହୁ ଧନଜୀବନହାନି ହୋଇଛି। ବାରମ୍ବାର ଦୁର୍ଘଟଣା ପରେ ମଧ୍ୟ ଜାତୀୟ ରାଜପଥ କଡ଼ରୁ ଟ୍ରକ୍‌ର ଲମ୍ୱାଧାଡ଼ି ହଟୁନାହିଁ। ତଦାରଖ ଅଭାବରୁ ଖଣିଜ ବୋଝେଇ ଟ୍ରକ୍ ଏଣେ ତେଣେ ପାର୍କିଂ କରାଯାଉଛି। ରାସ୍ତା କଡ଼ରେ ଟ୍ରକ୍ ଛିଡ଼ା ହେଉଥିବାରୁ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଘଟି ମୃତାହତ ହେଲେ ପ୍ରଶାସନ ପକ୍ଷରୁ ଧରପଗଡ଼ ହୋଇଥାଏ। ଅନ୍ୟ ସମୟରେ ଦେଖା ମିଳେନାହିଁ ବୋଲି ସାମାଜିକକର୍ମୀମାନେ କହିଛନ୍ତି।

ପ୍ରକାଶ ଯେ, ଖଣିରୁ ଟ୍ରକ୍ ଲୋଡ ବେଳେ ସେମାନେ ପରମିଟ୍ ନେଉଛନ୍ତି। ବାଟରେ ବିଭିନ୍ନ ପରିବହନ ଠିକାସଂସ୍ଥା ସେମାନଙ୍କ ସୁବିଧା ସ୍ଥାନରେ ଚାଲାଣ ଦେବା ବ୍ୟବସ୍ଥା କରୁଛନ୍ତି। ଫଳରେ ଚାଳକ ରାସ୍ତା କଡ଼ରେ ଗାଡ଼ି ଅଟକାଇ ଚାଲାଣ ଓ ତେଲ ସ୍ଲିପ୍ ନେବାକୁ ବହୁ ସମୟ ଅପେକ୍ଷା କରିଥାନ୍ତି। ଅନ୍ୟ ଗାଡ଼ି ଚଳାଚଳରେ ସମସ୍ୟା ଉପୁଜିଛି। ଅନେକ ସମୟରେ ରାସ୍ତା ଜାମ୍ ମଧ୍ୟ ଏହି କାରଣରୁ ହୋଇଥାଏ। ବିଶେଷ କରି ପାଟଣା ବ୍ଲକ୍ ଖିରେଇଟାଙ୍ଗିରି ଟୋଲଗେଟ୍ ନିକଟରେ ଏଭଳି ପରିବହନ ଠିକାସଂସ୍ଥା ଚାଲାଣ ଓ ତେଲ ସ୍ଲିପ୍ ଦେଉଥିବାରୁ ଗାଡି ଚାଳକମାନେ ରାସ୍ତାରେ ଟ୍ରକ୍ ଅଟକାଇ ସଂଗ୍ରହ କରୁଛନ୍ତି। ଏଥି ପାଇଁ ଦୀର୍ଘ ଘଣ୍ଟା ଧରି ଟ୍ରକ୍‌ଗୁଡ଼ିକ ଲମ୍ୱା ଲାଇନରେ ଅଟକି ରହିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବାଉଁଶୁଳି ଘାଟି ପର୍ଯ୍ୟନ୍ତ ଲମ୍ୱି ରହୁଥିବାରୁ ଘାଟି ରାସ୍ତା ଅଧିକ ବିପଦପୂର୍ଣ୍ଣ ହୋଇପଡୁଛି। ସେହିପରି ଏନ୍‌ଏଚ୍ ୨୦ରେ ସିଲିସୁଆଁ, ପୁଟୁଳିଆ ତଥା ଅନ୍ୟାନ୍ୟ ସ୍ଥାନରେ ସମାନ ଅବସ୍ଥା ଲାଗିରହିଛି। ଅନ୍ୟପକ୍ଷରେ ପରିବହନ ଠିକାସଂସ୍ଥା ଅଧିକ ଲାଭ ପାଇଁ ନିଜର ବା ନିଜ ଯୋଗାଯୋଗରେ ଥିବା ପେଟ୍ରୋଲ ପମ୍ପରୁ ତେଲ ନେବାକୁ ସ୍ଲିପ୍ ଦେଇଥାନ୍ତି। ଫଳରେ ଅନେକ ସମୟରେ ପେଟ୍ରୋଲ ପମ୍ପରେ ତେଲ ପାଇଁ ଏନ୍‌ଏଚ୍ ଉପରେ ଟ୍ରକ୍ ଲାଇନରେ ଛିଡ଼ା ହେଉଛି। ତେଲ ନ ଥିଲେ ଦୀର୍ଘ ଘଣ୍ଟା ରାସ୍ତାରେ ଟ୍ରକ୍ ପାର୍କିଂ କରି ଅପେକ୍ଷା କରିଥାନ୍ତି। ଅନେକ ସମୟରେ ରଙ୍ଗ୍‌ରୁଟ୍‌ରେ ଟ୍ରକ୍ ଆସିବାକୁ ବାଧ ହୋଇଥାନ୍ତି। ସେହିପରି ଏନ୍‌ଏଚ୍ ୪୯ ଅଞ୍ଜର (ପୁଟୁଲୁପାଣି) ନିକଟରେ ଲୋଡିଂ ପାଇଁ ଟ୍ରକ୍ ଲମ୍ୱାଧାଡ଼ି ଯୋଗୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥାଏ। ଅନେକ ଟ୍ରକ୍ ଚାଳକ ବେଆଇନ ଭାବରେ ରାସ୍ତା ଡିଭାଇଡର ଅତିକ୍ରମ କରି ଲୋଡିଂ ପାଇଁ ଯାଉଥିବାରୁ ଡିଭାଇଡର ଭାଙ୍ଗି ସମସ୍ୟା ଦେଖାଦେଇଥାଏ। ଜାତୀୟ ରାଜପଥ ପ୍ରାଧିକରଣ ବିଭିନ୍ନ ସ୍ଥାନରେ ରାସ୍ତା କଡ଼୍‌ରେ ପାର୍କିଂ ବ୍ୟବସ୍ଥା କରିଛି। ଏଣୁ ଅନ୍ୟ ସ୍ଥାନରେ ଗାଡି ପାର୍କିଂ କରିବା କେତେଦୂର ଆଇନସଙ୍ଗତ ବୋଲି ସାମାଜିକ କର୍ମୀ ଗୁଲାବ ଅଖତର ରାଇନ କହିଛନ୍ତି।



ପରିବହନ ଠିକାସଂସ୍ଥାଗୁଡ଼ିକ ବହୁ ଲାଭ କରୁଛନ୍ତି। ମାତ୍ର ଲୋଡିଂ ସ୍ଥାନରେ ଚାଲାଣ ବା ତେଲ ସ୍ଲିପ ଦେବା ବ୍ୟବସ୍ଥା ନ କରି ରାସ୍ତା କଡ଼ରେ ଦେଉଛନ୍ତି। ସେମାନଙ୍କ ପାଇଁ ସାଧାରଣ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏ ନେଇ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ଦିଲୀପ ସାହୁଙ୍କ ସମେତ ବିଭିନ୍ନ ମହଲରେ ଦାବି ହେଉଛି। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ କହିଛନ୍ତି, ପରିବହନ ଠିକାସଂସ୍ଥା ପକ୍ଷରୁ ରାସ୍ତାରେ ଟ୍ରକ୍ ଛିଡ଼ା କରି ଚାଲାଣ ବଣ୍ଟାଯାଉଛି। ସେମାନଙ୍କୁ ନୋଟିସ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୨୨ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା

କେନ୍ଦୁଝର,୨୬ା୫(ଦୀପକ ମିଶ୍ର)

ଚଳିତ ୨୦୨୪ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କେନ୍ଦୁଝର ଜିଲାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ସଫଳତା ୯୯.୫୩ ଶତକଡ଼ା ହୋଇଛି। ଜିଲାରେ ଏହି ବିଭାଗର ୩୧ଟି ବିଦ୍ୟାଳୟର ମୋଟ ୧୯୧୪ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୯୦୫ ଜଣ ଛାତ୍ରୀଛାତ୍ର ପାସ କରିଥିବାବେଳେ ୯ ଫେଲ ହୋଇଛନ୍ତି। ୨୨ଟି ଉଚ୍ଚ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଥିବା ଜଣାପଡ଼ିଛି। ଅସନପାଟ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ, ବକ୍ସିବାରିଗାଁ ଉଚ୍ଚ ବିଦ୍ୟାଳୟ, ଭଗାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ଚିଲିଦା ବାଳିକା ଉଚ୍ଚ ବିଦ୍ୟାଳୟ, ଗୋନାସିକା ଏଜୁକେସନାଲ କମ୍ପ୍ଲେକ୍ସ ବାଳିକା ଉଚ୍ଚ ବିଦ୍ୟାଳୟ, ଜଡ଼ିପଦା ଉଚ୍ଚ ବିଦ୍ୟାଳୟ, କୃଷ୍ଣପୁର ବାଳିକା ଉଚ୍ଚ ବିଦ୍ୟାଳୟ, କୁସୁମିତା ବାଳିକା ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଉଚ୍ଚ ବିଦ୍ୟାଳୟ, ମୁରୁସୁଆଁ ବାଳିକା ଉଚ୍ଚ ବିଦ୍ୟାଳୟ, ନରଣପୁର ଉଚ୍ଚ ବିଦ୍ୟାଳୟ, ନିଶାଗଡ଼ିଆ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇଡ଼ିହା ବାଳିକା ଉଚ୍ଚ ବିଦ୍ୟାଳୟ, ରାଇଗୋଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ରାଇସୁଆଁ ଉଚ୍ଚ ବିଦ୍ୟାଳୟ, ରାମଲା ଉଚ୍ଚ ବିଦ୍ୟାଳୟ, ରେବଣାପଳାଶପାଳ ବାଳିକା ଉଚ୍ଚ ବିଦ୍ୟାଳୟ, ସାହାରପୁର ଉଚ୍ଚ ବିଦ୍ୟାଳୟ, ଶୁଆକାଟୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶୁଆକାଟୀ ଉଚ୍ଚ ବିଦ୍ୟାଳୟ, ଉପରକୁସୁମିତା ଏଜୁକେସନାଲ କମ୍ପ୍ଲେକ୍ସ ବାଳିକା ଉଚ୍ଚ ବିଦ୍ୟାଳୟର ପାସହାର ଶତ ପ୍ରତିଶତ ହୋଇଛି। ଏହି ବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ଏ-୨ ଗ୍ରେଡ୍‌ରେ ୧୬ଜଣ, ବି-୧ ଗ୍ରେଡ୍‌ରେ ୧୦୫, ବି-୨ ଗ୍ରେଡ୍‌ରେ ୨୪୫, ସି ଗ୍ରେଡ୍‌ରେ ୫୭୩, ଡି ଗ୍ରେଡରେ ୬୯୧, ଇ ଗ୍ରେଡରେ ୨୭୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ କୃତୀ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ସଫଳତା ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ରାତି ୧୦ ଟା ୩୦ ପର୍ଯ୍ୟନ୍ତ ଚାଲିଲା ମତଦାନ

ହାଟଡ଼ିହୀ,୨୬ା୫(ଶୁଭକାନ୍ତ ନାୟକ)/
ଆନନ୍ଦପୁର( ଉମେଶ ଚନ୍ଦ୍ର ପାଢ଼ୀ)

**ଆନନ୍ଦପୁର ବିଧାନସଭା କ୍ଷେତ୍ର**
**୭୪.୬୫ ପ୍ରତିଶତ ଭୋଟ ଗ୍ରହଣ**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୨୯୧ଟି ଭୋଟ କେନ୍ଦ୍ରରେ ଭୋଟଗ୍ରହଣ ହୋଇଥିଲା। ଶାନ୍ତି, ଶୃଙ୍ଖଳାର ସହ ଏଥର ଭୋଟ ଗ୍ରହଣ ହୋଇଥିବା ବେଳେ ଇଭିଏମରେ ତ୍ରୁଟି ଓ ପରିଚାଳନାରେ ବ୍ୟତିକ୍ରମ କାରଣରୁ ରାତି ୧୦ ଟା ୩୦ ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। କେତେକ ସ୍ଥାନରେ ଇଭିଏମ ଅଚଳ ହେବାରୁ ଭୋଟ ଗ୍ରହଣ ବନ୍ଦ ରହିଥିଲା। ଇଭିଏମ ସଜଡ଼ା ଯିବା ପରେ ଭୋଟ ଗ୍ରହଣ ସ୍ୱାଭାବିକ ହୋଇଥିଲା। ବିଭିନ୍ନ ଅବ୍ୟବସ୍ଥା କାରଣରୁ ରାତି ୧୦ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ଚଳିତ ଥର ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୭୪.୬୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଶାଳପଡ଼ାଠାରେ ଥିବା ମହିଳା ମହାବିଦ୍ୟାଳୟରେ କଡ଼ା ସୁରକ୍ଷା ବଳୟରେ ଇଭିଏମ ମେସିନ ରଖାଯାଇଛି। ଶାନ୍ତି, ଶୃଙ୍ଖଳା ଏବଂ ସୁରୁଖୁରୁରେ ନିର୍ବାଚନ ପର୍ବ ଅନୁଷ୍ଠିତ ହୋଇଥିବାରୁ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ, ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା ଏବଂ ହାଟଡ଼ିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ନନ୍ଦିପଦା ଆଇଆଇସି ରବୀନ୍ଦ୍ର ପାତ୍ର, ସୋସୋ ଆଇଆଇସି ବିଜୟ ବିହାରୀ ଏବଂ ଆନନ୍ଦପୁର ଆଇଆଇସି ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଏବଂ ଭୋଟରଙ୍କୁ କୃତଜ୍ଞତା ଏବଂ ଧନ୍ୟବାଦ ଜଣାଇଛନ୍ତି।

# ମାଟ୍ରିକ୍‌ରେ ମନୀଷା ମଞ୍ଜରୀ ବ୍ଲକ୍ ଟପ୍ପର

ପାଟଣା,୨୬ା୫(ବୀର କିଶୋର ଦାଶ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ପାଟଣା ବ୍ଲକ୍ ସାନଜାମୁପଶି ବୁଟା ସିଂ ହାଇସ୍କୁଲର ଛାତ୍ରୀ ମନୀଷା ମଞ୍ଜରୀ ମହାନ୍ତ ବ୍ଲକ୍‌ରେ ସର୍ବାଧିକ ୫୪୯(୯୧.୫୦ପ୍ରତିଶକ) ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ବାଘ ଦଫା ଗାଆଁରେ। ମନିଷାଙ୍କ ବାପା ପିତାମ୍ବର ମହାନ୍ତ ବୃତ୍ତିରେ ଶିକ୍ଷକ ଓ ମା' ନମିତା ମହାନ୍ତ ଗୃହିଣୀ। ମନିଷା ଭବିଷ୍ୟତରେ ଡାକ୍ତର ହେବେ ବୋଲି କହିଛନ୍ତି। ତୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦିପାଞ୍ଜଳି ସାହୁ ୫୪୩ ନମ୍ବର (୯୦.୫) ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସ୍ୱାମ ଶାସନର ଦିବ୍ୟ ପ୍ରସାଦ ତ୍ରିପାଠୀ ମୋଟ ୫୫୨ ନମ୍ବର ତଥା ୯୨ ପ୍ରତିଶତ ନମ୍ବର ରଖିଛନ୍ତି। ସେ ଘଟଗାଁ ବ୍ଲକ୍ ଲକ୍ଷ୍ମୀ ନାରାୟଣ ଉଚ୍ଚବିଦ୍ୟାଳୟ ଗୋବାରା ବେଡ଼ାରେ ଅଧ୍ୟୟନ କରୁଥିଲେ। ସେ ବ୍ଲକ୍ ଅନ୍ତର୍ଗତ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଗ୍ରାମର ସ୍ୱର୍ଗତ ଅଶିନୀ କୁମାର ତ୍ରିପାଠୀ ଓ ଜୟନ୍ତୀଙ୍କ ପୁତ୍ର। ସେ ଭବିଷ୍ୟତରେ ଡାକ୍ତର ହେବେ ବୋଲି କହିଛନ୍ତି। ସେହିପରି ସାହରପଡ଼ା ବ୍ଲକ୍ ରେଗଦଗଦି ଶିଶୁ ମନ୍ଦିରର ଛାତ୍ରୀ ତନ୍ମୟୀ ମହାନ୍ତ ବ୍ଲକ୍‌ରେ ସର୍ବାଧିକ ୫୫୨(୯୨) ପ୍ରତିଶତ ନମ୍ବର ରଖି ବ୍ଲକ୍ ଟପର ହୋଇଛନ୍ତି। ସେ ଉକ୍ତ ସେ ଉକ୍ତ ବ୍ଲକ ର କୃଷକ ଝାଡେଶ୍ୱର ମହାନ୍ତଙ୍କ ଝିଅ। ସେ ବି ଭବିଷ୍ୟତରେ ଡାକ୍ତର ହେବେ ବୋଲି କହିଛନ୍ତି। ତୁରୁମୁଙ୍ଗା ଶିଶୁ ମନ୍ଦିରରେ ୨୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ନରେ ଜଣେ, ଏ-୨ ରେ ୫, ବି-୧ରେ ୧୦, ବି-୨ରେ ୬, ସି ରେ ୪ ଓ ଡିରେ ୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପାଟଣା ଶିଶୁ ମନ୍ଦିରରେ ଏ-୧ ରେ ୨, ଏ-୨ରେ ୯, ବି-୧ ରେ ୧୯, ବି-୨ରେ ୭ ପାସ କରିଛନ୍ତି। ଗୋପୀନାଥ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟରେ ୮୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫ ପାସ କରିଥିବା ବେଳେ ଜଣେ ଫେଲ ହୋଇଛନ୍ତି। ସେହିଭଳି ମୁଖ୍ୟାଳୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ୪୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ଜଣେ ଫେଲ ହୋଇଛନ୍ତି। ଉଭୟ ସରକାରୀ ବିଦ୍ୟାଳୟରେ ଏ-୧ରେ କେହି ପାସ କରିନାହାନ୍ତି।




# ଯୁକ୍ତ ୨ ପରୀକ୍ଷାରେ ସିଟିଜିର ସଫଳତା

କେନ୍ଦୁଝର,୨୬ା୫(ଦୀପକ ମିଶ୍ର)

କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲର ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ୨୦୨୪ର ପରୀକ୍ଷା ଫଳ ବିଗତ ବର୍ଷ ପରି ପରୀକ୍ଷାର୍ଥୀ କଳା, ବିଜ୍ଞାନ ଓ ବାଣିଜ୍ୟରେ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସୁପ୍ରିୟା ସାହୁ ୯୦.୬୬ ପ୍ରତିଶତ, ବାଣିଜ୍ୟରେ ସ୍ୱଦେଶ୍ନା ସାହୁ ୯୨ ପ୍ରତିଶତ ଏବଂ ବିଜ୍ଞାନରେ ବିଶ୍ୱଜିତ ସାହୁ ୮୯ ପ୍ରତିଶତ ନମ୍ବର ରଖି କଲେଜର ସୁନାମ ବଢ଼ାଇଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟରେ ସମୁଦାୟ ୧୮୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୨ ଜଣ ପ୍ରଥମ ଶ୍ରେଣୀ, ୭୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତା ପାଇଁ ସିଟିଜିରେ ଆନନ୍ଦର ଲହରି ଖେଳିଯାଇଛି। କଲେଜର ଗଭର୍ଣ୍ଣିଂବଡି ଅଧ୍ୟାପିକା ଓ ଅଧ୍ୟାପିକାମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି। ସିଟିଜିର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ରୋଟାରିୟାନ ରାଜେନ୍ଦ୍ର କୁମାର ପଲେଇ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# କେନ୍ଦୁଝର ଲୋକ ସଭା କ୍ଷେତ୍ର: ୭୮.୯୭ ପ୍ରତିଶତ ଭୋଟ ଗ୍ରହଣ

କେନ୍ଦୁଝର,୨୬ା୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଲୋକ ସଭା କ୍ଷେତ୍ରରେ ଶନିବାର ତୃତୀୟ ପର୍ଯ୍ୟାୟ ମତଦାନ ସରିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିବା ବେଳେ ଚଳିତ ଥର କେନ୍ଦୁଝର ଜିଲାରେ ଭୋଟହାର ବଢ଼ିଥିବା ସୂଚନା ମିଳିଛି। କେନ୍ଦୁଝର ଲୋକସଭା କ୍ଷେତ୍ରରେ ମୋଟ ଭୋଟର ୧୫, ୮୮, ୧୭୯ ଥିବା ବେଳେ ୧୨, ୫୪, ୧୬୩ ଜଣ ମତ ସାବ୍ୟସ୍ତ କରିଛନ୍ତି। ସେଥି ମଧ୍ୟରୁ ପୁରୁଷ ୬୧, ୮୧୦୮, ମହିଳା ୬୩, ୬୦୪୦, ଅନ୍ୟ ୧୫ ଜଣ ରହିଛନ୍ତି। ଭୋଟହାର ୭୮.୯୭ ପ୍ରତିଶତ ରହିଛି। ପାଟଣା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୭୪.୭୭ ପ୍ରତିଶତ ଭୋଟ ଗ୍ରହଣ ହୋଇଥିବା ବେଳେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୭୪.୬୫ ପ୍ରତିଶତ, ଘସିପୁରାରେ ୭୪.୧୦, ଚମ୍ପୁଆରେ ୭୩.୫୩, ତେଲକୋଇରେ ୭୩.୨୩, କେନ୍ଦୁଝରରେ ୭୦.୫୦, କରଞ୍ଜିଆରେ ୭୨.୨୫ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ତେଲକୋଇ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧,୯୩,୬୮୮ ଜଣ ଭୋଟଦାନ କରିଛନ୍ତି। ସେଥିରୁ ୯୪,୯୭୮ ଜଣ ପୁରୁଷ, ୯୮୭୦୮ ଜଣ ମହିଳା ଓ ଅନ୍ୟ ୨ ଜଣ ଭୋଟଦାନ କରିଛନ୍ତି। ଘସିପୁରା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧,୮୭,୩୦୦ ଜଣ ଭୋଟଦାନ କରିଥିବା ବେଳେ ୯୨୭୬୮ ଜଣ ପୁରୁଷ ଓ ୯୪୫୨୭ ମହିଳା ଏବଂ ୫ ଜଣ ଅନ୍ୟ ରହିଛନ୍ତି। ପାଟଣାରେ ସମୁଦାୟ ୧, ୭୩, ୪୨୭ ଜଣ ଭୋଟ ଦେଇଥିବା ବେଳେ ସେଥିରୁ ୮୪୯୫୫ ପୁରୁଷ, ୮୮୪୭୧ ମହିଳା ଓ ଅନ୍ୟ ଜଣେ ଭୋଟଦାନ କରିଛନ୍ତି। କରଞ୍ଜିଆରେ ୧,୫୦,୦୦୮ ଭୋଟ ଦେଇଥିବା ବେଳେ ସେଥିରୁ ୭୩୦୬୩ ଜଣ ପୁରୁଷ ଓ ୭୬୯୪୫ ମହିଳା ଭୋଟଦାନ କରିଛନ୍ତି। ଆନନ୍ଦପୁରରେ ସମୁଦାୟ ୧୮,୧୦୨୩ ମତଦାନ କରିଛନ୍ତି। ସେଥିରୁ ପୁରୁଷ ୮୮୮୦୮, ମହିଳା ୯୨୨୧୩ ଓ ଅନ୍ୟ ୨ ଜଣ ରହିଛନ୍ତି। କେନ୍ଦୁଝର ସଦରରେ ୧୮,୬୫୩୩ ଭୋଟ ଦେଇଥିବା ବେଳେ ପୁରୁଷ ୯୨,୫୫୯, ମହିଳା ୯୩,୯୭୨, ଅନ୍ୟ ୨ ରହିଛନ୍ତି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୧୮,୨୧୮୪ମତଦାନ କରିଛନ୍ତି। ସେଥିରେ ପୁରୁଷ ୯୦୯୭୭, ମହିଳା ୯୧୨୦୪ ଓ ଅନ୍ୟ ୩ ଜଣ ରହିଛନ୍ତି।

# ବିଜେଡିରେ ମିଶିଲେ ଯୁବ ଓ ଛାତ୍ର ନେତା

ବାରିପଦା,୨୬ା୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ବିଜେଡିର ମହାମିଶ୍ରଣ କାର୍ଯ୍ୟକ୍ରମରେ ରବିବାର ଭାଜପା ଓ ଅନ୍ୟାନ୍ୟ ଦଳ ଛାଡ଼ି ଯୁବ ଓ ଛାତ୍ର ନେତା ବିଜେଡିରେ ଯୋଗଦାନ କରିଛନ୍ତି। ବିଜେଡି ପ୍ରତି ଆକୃଷ୍ଟ ହୋଇ ଯୁବ ଓ ଛାତ୍ର ନିଜର ସମର୍ଥନ ଜଣାଇଛନ୍ତି। ଭାଜପାର ଯୁବ ସଂଗଠକ ରବିନାରାୟଣ ସିଂ ବାବୁ ଓ ଯୁବ ସଂଗଠକ ଏମ୍‌ଡି ନାଜିରୁଲ ହକ ନିଜ ବହୁ ସଂଖ୍ୟକ ଯୁବ ସମର୍ଥକଙ୍କୁ ନେଇ ବିଜେଡ଼ିରେ ଯୋଗ ଦେଇଛନ୍ତି। ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କ ପ୍ରଚେଷ୍ଟାରେ ଗତ ପୌର ନିର୍ବାଚନରେ ୱାର୍ଡ ନମ୍ବର ୧୦ର କଂଗ୍ରେସ କାଉନ୍‌ସିଲର ପ୍ରାର୍ଥୀ ସୋନାଲୀ ସାହା ଓ ପୂର୍ବତନ କାଉନ୍‌ସିଲର ତଥା କଂଗ୍ରେସ ସଂଗଠକ ଅବଦୁଲ ରକିମ ନିଜର ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିବା ନେଇ କହିଛନ୍ତି। ମୟୂରଭଞ୍ଜ ଜିଲା ଲୋକସଭା ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କୁ ବିପୁଳ ସଂଖ୍ୟକ ଭୋଟରେ ବିଜୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ତ ନବାଗତାମାନଙ୍କୁ ଫୁଲହାର ଓ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରାଯାଇଥିଲା।


ବିଜେଡି ନେତା ଓ କର୍ମକର୍ତ୍ତାମାନେ।

ମିଶ୍ରଣ ପର୍ବରେ ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକଙ୍କ ସହିତ ଅନ୍ୟ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଲୋକସଭା ଏମ୍‌ପି ପ୍ରାର୍ଥୀ, ବାରିପଦା ବିଧାୟକ ପ୍ରାର୍ଥୀ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, କାଉନ୍‌ସିଲର ଅନନ୍ତ ଦାସ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସୁନୀଲ ନାୟକ, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଅରୁଣ ବରା ମଞ୍ଚାସିନ ଥିବା ବେଳେ ବିଜେଡି ନେତୃମଣ୍ଡଳୀ, କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶୀ ମଦ ଜବତ, ୨ ଗିରଫ

ବାହାନଗା,୨୬।୫(ଅରୂପ କୁମାର ଦାସ)- ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଗୋପାଳପୁର ଅବକାରୀ ଥାନା ପୋଲିସ ବାହାନଗା ବ୍ଲକର କୁଚିଆକୁଇଲି ଗ୍ରାମରେ ଚଢାଉ କରି ଚୋରା ମଦ ବେପାରୀ ପ୍ରହ୍ଲାଦ ଶିଅଳଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୫ ଲିଟର ବିଅର ଓ ସାଢେ ୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା(ନଂ. ୪୪/୨୪) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ବିଷ୍ଣୁପୁର ଗ୍ରାମର ରାଜୁ ମାଝୀ ଚୋରା ମଦ ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୫ ଲିଟର ବିଦେଶୀ ମଦ ଜବତ ହୋଇଛି। ଏନେଇ ଅନ୍ୟ ଏକ ମାମଲା(ନଂ.୪୫/୨୪) ରୁଜ ହୋଇଛି।

# ପାଟଣାରେ ୮୦.୯୯ ପ୍ରତିଶତ ମତଦାନ

ପାଟଣା,୨୬ା୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀରେ ଶନିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ହୋଇଥିଲା। ରାତି ୯ଟା ୩୦ରେ ମତଦାନ ସରିଥିଲା। ମୋଟ ୨ ଲକ୍ଷ ୧୧ହଜାର ୭୩୮ ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୭୩ ହଜାର ୪୨୭ ମତଦାତା ତଥା ମୋଟ ୮୦.୯୯ ପ୍ରତିଶତ ମତଦାନ କରିଛନ୍ତି। ଏହା ନିର୍ବାଚନ ମଣ୍ଡଳୀର ସର୍ବକାଳୀନ ରେକର୍ଡ ହୋଇଥିବା ବେଳେ ଜିଲା ଅନ୍ୟ ନିର୍ବାଚନ ମଣ୍ଡଳୀ ଅପେକ୍ଷା ସର୍ବାଧିକ ମତଦାନ ଭାବେ ରେକର୍ଡ ହୋଇଛି। ନିର୍ବାଚନ ମଣ୍ଡଳୀର ୩ଟି ସ୍ଥାନରେ ଗଣ୍ଡଗୋଳ ହୋଇଥିବା ବେଳେ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ। ପାଟଣା ନିର୍ବାଚନମଣ୍ଡଳୀ ସାହାରପଡ଼ା ବ୍ଲକ୍ ବାଇକଳା ବୁଥ୍‌ରେ ମତଦାନ ରାତି ୯ଟା ୩୦ରେ ସରିଥିବାବେଳେ ପାଟଣା ବ୍ଲକ୍ କଣ୍ଟିଆପଡ଼ା ବୁଥ୍‌ରେ ମତଦାନ ରାତି ୮ଟା ୫୫ରେ ସରିଥିବା ସୂଚନା ମିଳିଛି। ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ କଣ୍ଟିଆପଡ଼ାରେ ମତଦାନ ଚାଲିବା ସମ୍ପର୍କରେ ଏବିଡିଓ ଚିତ୍ତ ରଞ୍ଜନ ନାୟକ କହିଛନ୍ତି, ୧୫ ଶହରୁ ଊର୍ଦ୍ଧ୍ୱ ଭୋଟର ଥିବାରୁ ମତଦାନ ବିଳମ୍ବ ହୋଇଥିଲା।

# ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବଡ଼ସାହି,୨୬ା୫ (ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ସାହିର ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ପ୍ରଧାନଶିକ୍ଷକ ଅଜିତ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବକଙ୍କ ଆୟୋଜନରେ ପ୍ରାକ୍ତନ ତଥା ଅବସରପ୍ରାପ୍ତ ଶିକ୍ଷକ ରଣଜିତ କୁମାର ଦାସ, ସନ୍ତୋଷ ବେହେରା, ସୁଶୀଲ ଉପାଧ୍ୟାୟ, ପ୍ରାକ୍ତନ ସରପଞ୍ଚ ମହେଶ୍ୱର ସେନାପତି, ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବିଇଓ ସୁଦର୍ଶନ ପଣ୍ଡା, ତ୍ରିଲୋଚନ ବେହେରା, ପ୍ରଶାନ୍ତ ବେହେରା, ସମରେନ୍ଦ୍ର ବେହେରା, ହରିଶ୍ଚନ୍ଦ୍ର ନାୟକ, ବିଭୁଧେନ୍ଦ୍ର ଉପାଧ୍ୟାୟ, ସରୋଜ ବେହେରା, ମନୋରଞ୍ଜନ ବେହେରା, ଦେବେନ୍ଦ୍ର ବେହେରା, ନନ୍ଦ କିଶୋର ବେହେରା, ବାଲାଜୀ ବେହେରା, ଶୋଭାକର ରାଉତ, ମଳୟ ବିଶାଳ, ବ୍ରହ୍ମାନନ୍ଦ ବାରିକ, ସଂଯୁକ୍ତା ରାଉତ, ଅମିତା ରଣଜିତ ଓ ବର୍ତ୍ତମାନର ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏକ ଟ୍ରଷ୍ଟ ଗଠନ କରାଯାଇ ଆଗାମୀ ଦିନମାନଙ୍କରେ କାର୍ଯ୍ୟକ୍ରମମାନ ଆୟୋଜନ କରିବାର ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଶଚୀନ୍ଦ୍ର ବିଶ୍ୱାଳ ସଞ୍ଚାଳନ କରିଥିବା ବେଳେ ପୁରାତନ ଛାତ୍ର ସନ୍ତୋଷ ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭାଜପାର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବାଲେଶ୍ୱର,୨୬ା୫(ମାନସ ବିଶ୍ୱାଳ)

ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କ ନିମନ୍ତେ ପ୍ରଚାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ ତାରିଖରେ ବାଲେଶ୍ୱର ଆସିବେ। କାର୍ଯ୍ୟକ୍ରମ ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନରହରିପୁର ପଡ଼ିଆରେ ଆୟୋଜିତ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର ଭାଜପା ଲୋକସଭା ନିର୍ବାଚନୀ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ବାଲେଶ୍ୱର ଜିଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ଗଣମାଧ୍ୟମ ମାଧ୍ୟମରେ ଜନସାଧାରଣଙ୍କୁ ବିପୁଳ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅନୁରୋଧ କରିଥିଲେ। ବୈଠକରେ ଲୋକସଭାର କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର, ରେମୁଣା ନିର୍ବାଚନ ମଣ୍ଡଳୀ ପାଇଁ କେନ୍ଦ୍ରୀୟ ପ୍ରଭାରୀ ବୈଲେନ୍ଦ୍ର ଜୈନ, ରେମୁଣାର ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ସମେତ ଲୋକସଭା ସଞ୍ଚାଳନ ସମିତିର ସଦସ୍ୟବୃନ୍ଦ, ସମସ୍ତ ପ୍ରଭାରୀ ଓ ସଂଯୋଜକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆକର୍ଷିତ କଲା ସେଲ୍ଫି ପଏଣ୍ଟ

ସୋସୋ,୨୬ା୫(ସତ୍ୟବ୍ରତ ଜେନା): କେନ୍ଦୁଝର ଜିଲାରେ ଶନିବାର ମତଦାନ ହୋଇଛି। ଏହି ଅବସରରେ ବିଭିନ୍ନ ଭୋଟ କେନ୍ଦ୍ରରେ ହୋଇଥିବା ସେଲ୍ଫି ପଏଣ୍ଟ ନୂତନ ଭୋଟରଙ୍କୁ ଆକର୍ଷିତ କରିଥିଲା। ହାଟଡ଼ିହୀ ଆଦର୍ଶ ମତଦାନ କେନ୍ଦ୍ରରେ କରାଯାଇଥିବା ସେଲ୍ଫି ପଏଣ୍ଟରେ ନୂତନ ଭୋଟରମାନେ ବେଶ ଉତ୍ସାହର ସହ ଫଟୋ ଉଠାଉଥିବା ଦେଖାଯାଇଥିଲା। ଏଥିସହ ନୂତନ ଭୋଟର ମାନେ ପ୍ରଥମଥର ପାଇଁ ଭୋଟ ଦେଉଥିବାରୁ ବେଶ ଗର୍ବ ଅନୁଭବ କରିଥିଲେ।



# ବାଲେଶ୍ୱର ଜିଲାର ପାସ୍ ହାର ୯୬.୧୦ ପ୍ରତିଶତ

**ମାଟ୍ରିକ ପରୀକ୍ଷା**

ବାଲେଶ୍ୱର,୨୬।୫(ମାନସ ବିଶ୍ୱାଳ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତ ବର୍ଷ ବାଲେଶ୍ୱର ଜିଲାର ପାସ୍ ହାର ୯୬.୧୦ ପ୍ରତିଶତ ରହିଛି। ଜିଲାରେ ମୋଟ୍ ୩୦ ହଜାର ୧୦୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଏ-୧ ଗ୍ରେଡରେ ୨୬୧ ଜଣ, ଏ-୨ରେ ୧୮୬୮ ଜଣ, ବି-୧ରେ ୪୩୭୮ ଜଣ, ବି-୨ରେ ୬୩୬ ଜଣ, ସି'ରେ ୭୫୪୩ ଜଣ, ଡି'ରେ ୫୮୭୮ ଜଣ, ଇ'ରେ ୩୭୭୧ ଜଣ ଓ ଏଫ୍‌ରେ ୩୭୨ ଜଣ ପାସ୍ ହୋଇଛନ୍ତି। ସେହିପରି ମଧ୍ୟମାରେ ମୋଟ୍ ୭୯୧ଜଣ ପରୀକ୍ଷା ଦେଇଥିବା ବେଳେ ୭୫୨ ଜଣ ପାସ୍ କରିଛନ୍ତି। ୩୯ଜଣ ଫେଲ୍ ହୋଇଛନ୍ତି।

# ସୁବାସିନୀଙ୍କ ପାଇଁ ପ୍ରଚାର କଲେ ଅର୍ଚ୍ଚିତା ଓ ସବ୍ୟସାଚୀ

ଖଇରା୨୬।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପାଇଁ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ଓ ଅଭିନେତା ସବ୍ୟସାଚୀ ପ୍ରଚାର କରିଛନ୍ତି। ଶନିବାର ସନ୍ଧ୍ୟାରେ ପ୍ରଥମେ ସିମୁଳିଆରେ ପ୍ରଚାର ପରେ ଖଇରା ପଞ୍ଚାୟତର ବଣପାରିଆ ଓ ନଟାପଡା ଗାଁ ଏବଂ କୁପାରୀ ବଜାର ପରିକ୍ରମା କରିଥିଲେ। ବିଧାୟକ ପ୍ରାର୍ଥିନୀ ସାହୁ ଓ ଭଦ୍ରକ ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କ ପାଇଁ ପ୍ରଚାର କରିଥିଲେ। ବିଧାୟକ ପ୍ରାର୍ଥିନୀଙ୍କ ସ୍ୱାମୀ ଶଶିକୁମାର ସାହୁ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ୍ୟ ସାମିଲ ଥିଲେ। ଖୋଲାଜିପ୍‌ରେ ପ୍ରଚାର କରୁଥିବା ସମୟରେ ତାଙ୍କୁ ଦେଖିବାକୁ ଲୋକେ ଭିଡ଼ ଜମାଇଥିଲେ ।



## ଭାଜପାର ବିଜୟ ସଂକଳ୍ପ ସମାବେଶ

ଖଇରା୨୬।୫(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା, ମାଖନପୁର, ଡାଲଙ୍ଗ-୨, ନନ୍ଦୁର, ଅଚ୍ୟୁତପୁର ଏବଂ ମହତୀପୁର ପଞ୍ଚାୟତରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହତୀପୁର ପଞ୍ଚାୟତର ବଟେଶ୍ୱର ପଡ଼ିଆରେ ଆୟୋଜିତ କର୍ମୀ ସମାବେଶରେ ଖଇରା ମଣ୍ଡଳର ସାଧାରଣ ସମ୍ପାଦକ ନିଳାମ୍ବର ପଣ୍ଡା ପୌରହିତ୍ୟ କରିଥିଲେ। ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ଯୁବନେତା ନିଳମାଧବ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମାଝୀ, ଯୁବନେତା ଜଗଦିଶ ପଣ୍ଡା, ବରିଷ୍ଠ ନେତା ରବିନ୍ଦ୍ର ନାୟକ, ପୂର୍ବତନ ସମିତି ସଭ୍ୟ କୈଳାସ ମାଝୀ, ସୁଣ୍ଡିରା ସରପଞ୍ଚଙ୍କ ପ୍ରତିନିଧି ହରିଶ ପରିଡା, ପଞ୍ଚାୟତ ପ୍ରମୁଖ ଦେବାଶିଷ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥର ସିମୁଳିଆରେ ପଦ୍ମ ଫୁଟିବା ସହ ଓଡ଼ିଶାରେ ମଧ ଭାଜପା ଶାସନ କରିବ ବୋଲି ଉପରୋକ୍ତ ବକ୍ତାମାନେ ପ୍ରକାଶ କରିଥିଲେ।

# ଲକ୍ଷ୍ମଣଖୁଣ୍ଟାରେ ମୋଦି ମହୋତ୍ସବ



ବିଧାୟକ ପ୍ରାର୍ଥୀଙ୍କ ସହ ମଞ୍ଚାସୀନ ନେତୃବୃନ୍ଦ।

ରୂପ୍‌ସା,୨୬।୫(ବାଞ୍ଛାନିଧି ଦେ)

ବସ୍ତା ନିର୍ବାଚନ ମଣ୍ଡଳୀ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମଣଖୁଣ୍ଟା ଦରଖୁଲି ପଡ଼ିଆରେ ରବିବାର ଭାଜପା ପକ୍ଷରୁ ମୋଦିମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର ଅଧ୍ୟକ୍ଷତା କରି ମୋଦି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗଦେଇ ରାଜ୍ୟ ଓ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ପ୍ରଚାର କମିଟି ଅଧକ୍ଷ ଶ୍ୟାମାପ୍ରସାଦ ବେହେରା, ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ସାହୁ, ପୂର୍ବତନ ସମିତି ସଭାପତି ହରେନ୍ଦ୍ର ଦାସ, ମିଡିଆ ସଂଯୋଜକ ଦିବାକର ରାଉତ, ପଞ୍ଚାୟତ ସଭାପତି ଅଞ୍ଜନ ବେହେରା, ମଣ୍ଡଳ ସାଧରଣ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, କୈଳାସ ଚନ୍ଦ୍ର ନାୟକ, ପ୍ରତାପ ସିଂ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ଭାଜପାକୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର କର୍ମୀ, ଶୁଭେଚ୍ଛୁ ଓ ସମର୍ଥକଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ରତାଇରେ ଭାଜପାର ମିଶ୍ରଣ ପର୍ବ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

କାଳିପଦା,୨୬।୫(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇଠାରେ ବରିଷ୍ଠ ନେତା ବିମଳ ସାହୁଙ୍କ ଅଧ୍ୟକ୍ଷତାରେ ରତାଇ ବାସୁଳୀମାତା ଗୋପାଳକୃଷ୍ଣଙ୍କ ବାସଭବନରେ ଶନିବାର ସନ୍ଧ୍ୟାରେ ଭାଜପାର ମୋଦି ମହୋତ୍ସବ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସଙ୍କଳ୍ପ ଯାତ୍ରା ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସହିତ ବସ୍ତା ନିର୍ବାଚନ ମଣ୍ଡଳୀରେ ଏହି ସଙ୍କଳ୍ପ ଯାତ୍ରା ୨୮ପଞ୍ଚାୟତରେ ଅନୁଷ୍ଠିତ ହେବାର ଯୋଜନା ରହିଛି ବୋଲି କହିଥିଲେ। ଏହି ଅବସରରେ ମୋଦି ସରକାରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ପଞ୍ଚାୟତର ଲୋକମାନେ ଭାଜପାରେ ସାମିଲ ହୋଇଥିଲେ। ବିଶେଷ କରି ଯୁବ ନୂଆ ଭୋଟରଙ୍କୁ ଏହି ମିଶ୍ରଣ ପର୍ବରେ ସାମିଲ ହେବା ଦେଖିବାକୁ ମିଳିଥିଲା। ସଭାରେ ମହେଶ୍ୱର ମହାନ୍ତି, କୀର୍ତ୍ତନ ଦାସ, ଭୀମସେନ ବେହେରା, ଶ୍ୟାମାପ୍ରସାଦ ବେହେରା, ସଞ୍ଜିବ ପାଢୀ, ମାନସ ଦାସ, ଗୌରବ ଅଣ୍ଡିଆ ପ୍ରମୁଖ ଭାଜପାର ବରିଷ୍ଠ କମକର୍ତ୍ତା ଯୋଗଦେଇଥିଲେ। ତରାଇ, ନୂଆଗାଁ, ପୁଣ୍ଡୁରିସାହିରୁ ପ୍ରାୟ ୫ ଶହରୁ ଅଧିକ ପରିବାର ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ କଂଗ୍ରେସର ସମାଲୋଚନା

ବାଲେଶ୍ୱର,୨୬।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସହରର ମିଶନ ପଡ଼ିଆ ନିକଟସ୍ଥ ଏକ ହୋଟେଲରେ ରବିବାର ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ସାହାନାବାଜ ଚୌଧୁରୀ ଯୋଗଦେଇ ରାଜ୍ୟ ବିଜେଡି ନବୀନ ପଟ୍ଟନାୟକ ସରକାର ଓ କେନ୍ଦ୍ର ମୋଦି ସରକାରଙ୍କ ବିଫଳତା ଏବଂ ମିଥ୍ୟା ପ୍ରତିଶ୍ରୁତିର କଡ଼ା ସମାଲୋଚନା କରିଥିଲେ। କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ବାଲେଶ୍ୱରରେ ଅଳ୍ପ ଦିନରେ ଯେଉଁ ଉନ୍ନତି ମୂଳକ ବହୁମୁଖୀ କାର୍ଯ୍ୟ ଯଥା ସିପେଟ, ଏମ୍ସ ହସ୍ପିଟାଲ, ନୋସି ପାର୍କ,





ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବାଲେଶ୍ୱର ଟ୍ରମା ସେଣ୍ଟର, ରେଲୱେ ଲେବଲ କ୍ରସିଂ ଉଡ଼ନ୍ତା ପୋଲ ପ୍ରଭୃତି ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିଛନ୍ତି, ୧୦ ବର୍ଷରେ ଭାଜପାର ମୋଦି ସରକାର କିଛି କରି ନାହାନ୍ତି। ଖାଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ନେଇ ଚାଲିଛନ୍ତି। ଓଡ଼ିଶା ପ୍ରାକୃତିକ ସମ୍ପଦର ଗନ୍ତାଘର ହୋଇଥିବାରୁ ଏହି ଦୁଇ ସରକାର ଓଡ଼ିଶାକୁ ଲୁଟି ଭାରତର ସବୁଠାରୁ ଗରିବ ରାଜ୍ୟରେ ପରିଣତ କରିଛନ୍ତି। ସେହିଭଳି ଓଡ଼ିଶାରେ ୨୫ବର୍ଷ ସରକାର ସମୟରେ ଯେଉଁ ଚିଟ୍‌ଫଣ୍ଡ ଦୁର୍ନୀତି ହୋଇଛି, ସେଥିରେ ଓଡ଼ିଶାର ବହୁ ପରିବାର ପ୍ରଭାବିତ ହୋଇଛନ୍ତି, କଂଗ୍ରେସ ସରକାରକୁ ଆସିଲେ ପ୍ରଭାବିତ ପରିବାରଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ। ସେହିପରି କେନ୍ଦ୍ର କଂଗ୍ରେସ ଓ ରାଜ୍ୟ କଂଗ୍ରେସ ଗ୍ୟାରେଣ୍ଟି ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ। ଏଣୁ ଏଥର ନିର୍ବାଚନରେ ବାଲେଶ୍ୱରର ବିକାଶ ପୁରୁଷ ଶ୍ରୀକାନ୍ତ ଜେନା ଏବଂ ସମସ୍ତ ବିଧାୟକ ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏଆଇସିସି ବାଲେଶ୍ୱର ପ୍ରଭାରୀ ଅଭୟ, ଜିଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧକ୍ଷ ବିକାଶ କୁମାର ଦାସ, ଜିଲା କଂଗ୍ରେସ ଉପ-ସଭାପତି ଗୋପିନାଥ ପାଢ଼ୀ ମଞ୍ଚାସୀନ ଥିଲେ।

## ମୟୂରଭଞ୍ଜ

# ରାଜ୍ୟରେ ଦ୍ୱିତୀୟ ପ୍ରିନ୍ସ କଲେଜ ଛାତ୍ର

ବାରିପଦା,୨୬।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଯୁକ୍ତ ୨ ବିଜ୍ଞାନ ଏବଂ କଳା ଫଳାଫଳରେ ଚଳିତବର୍ଷ ପ୍ରିନ୍ସ କଲେଜ ଶତପ୍ରତିଶତ ସଫଳତା ହାସଲ କରିଛି। ମୋଟ ୩୫୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୪୨ଜଣ ପ୍ରଥମ ଏବଂ ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୮ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ଏବଂ ୫୦ଜଣ ୫୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ତେବେ ପୁଣିଥରେ ପୂର୍ବବର୍ଷ ଭଳି ଏହି କଲେଜର ଛାତ୍ର ଅଭିଷେକ ଧଡା ସର୍ବାଧିକ ୫୭୨ ମାର୍କ ରଖି ରାଜ୍ୟରେ ଦ୍ୱିତୀୟ ଓ ଜିଲାରେ ପ୍ରଥମ ସ୍ଥାନ ହାସଲ କରି ଗୌରବ ଆଣିଛନ୍ତି। ସେହିପରି ବିକାଶ କୁମାର ଦାସ ୫୪୯ ମାର୍କ (୯୨%) ରଖି କଲେଜରେ ଦ୍ୱିତୀୟ ଓ ଉଜ୍ଜ୍ୱଳ କୁମାର ଗିରି ୫୪୭ ମାର୍କ (୯୧%) ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଲିନାରାଣୀ ଘୋଷ ୫୪୫ ମାର୍କ (୯୧%) ରଖି ଚତୁର୍ଥ, ଜିଜ୍ଞାସା ଧଳ ୫୪୪ ମାର୍କ (୯୧%) ରଖି ପଞ୍ଚମ, ଶୁଭଙ୍କର ମହାନ୍ତ ୫୪୪ ମାର୍କ(୯୧%) ରଖି ଷଷ୍ଠ, ଅନୁଶ୍ରୀ ସିଂ ୫୪୩ମାର୍କ(୯୧%) ରଖି ସପ୍ତମ ଏବଂ ଅଭିପ୍ସା ନାଏକ ୫୪୦ ମାର୍କ (୯୦%) ରଖି ଅଷ୍ଟମ ସ୍ଥାନ ହାସଲ କରିଛନ୍ତି।

କଳାରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଲିପ୍ସା ମହାନ୍ତ ୫୧୬ ମାର୍କ ରଖି ପ୍ରଥମ, ଗାୟତ୍ରୀ ମିଶ୍ର ୫୧୫ ମାର୍କ ରଖି ଦ୍ୱିତୀୟ ଓ ରାଜେଶ ପଲେଇ ୪୯୨ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଏହି ସଫଳତା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ଉଚ୍ଚକୋଟୀର ପାଠପଢ଼ା ଶୈଳୀକୁ ପ୍ରଶଂସା କରିଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। କଲେଜର ଅଧିକାଂଶ ଛାତ୍ରୀଛାତ୍ର ୧୦ମ ଶ୍ରେଣୀଠାରୁ ଯୁକ୍ତ ୨ରେ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ କହିଛନ୍ତି।





କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଯୁକ୍ତ ୨ ବିଜ୍ଞାନ, କଳାରେ ଶତପ୍ରତିଶତ ସଫଳତା**

# ସବାରି ଗାଡ଼ିକୁ ଧକ୍କା ଦେଲା ଟ୍ରକ୍: ଜଣେ ମୃତ, ୮ ଆହତ

ବାରିପଦା, ୨୬।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଅସନଯୋଡ଼ା ନିକଟ ୧୮ ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଯାତ୍ରୀବାହୀ ସବାରିକୁ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ସବାରୀ ଗାଡ଼ି କୁଚେଇରୁ ବାରିପଦା ଅଭିମୁଖେ ଯାତ୍ରୀଙ୍କୁ ନେଇ ଯାଉଥିଲା। ଅସନଯୋଡ଼ା ନିକଟରେ ଜାତୀୟ ରାଜପଥ ପାର୍ଶ୍ୱରେ ଛିଡ଼ା କରି ଯାତ୍ରୀ ଓହ୍ଲାଇବା ସମୟରେ ପଛରୁ ଏକ ମାଲବାହୀ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ସବାରିଟି ରାସ୍ତା କଡ଼କୁ ଖସି ପଡ଼ିଥିଲା। ଦୁର୍ଘଟଣା ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବାବେଳେ ୮ ଆହତଙ୍କ ପରିଚୟ ଜଣାପଡ଼ିଛି। ସମସ୍ତେ କୁଳିଅଣା ଓ ବାଙ୍ଗିରିପୋଷି ଥାନା ଅଞ୍ଚଳର ହୋଇଥିବା ପୋଲିସ ସୂଚନା ଦେଇଛି। ବାଙ୍ଗିରିପୋଷି ବିଜେଡି ବିଧାୟିକା ପ୍ରାର୍ଥିନୀ ରଞ୍ଜିତା ମାର୍ଣ୍ଡି ଡାକ୍ତରଖାନାରେ ପହଞ୍ଚି ସମସ୍ତଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଛନ୍ତି। ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଏ-୧ ଗ୍ରେଡ୍‌ରେ ମୋରଡ଼ାରୁ ୨

ମୋରଡ଼ା,୨୬।୫(ସ୍ମାରକ ମାଜୀ): ଦଶମ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଥିବା ବେଳେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ୍‌ର ୨ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଗଡ଼ିଆ ଚିନ୍ତାମଣି ନୋଡାଲ ବିଦ୍ୟାପୀଠର ଛାତ୍ରୀ ଦେବସ୍ମିତା ସି ୬୦୦ ରୁ ୫୫୨ ମାର୍କ ରଖି ମୋରଡ଼ା ବ୍ଲକ୍‌ରେ ପ୍ରଥମ ହୋଇଛନ୍ତି। ଦେବସ୍ମିତା ଭବିଷ୍ୟତରେ ଡାକ୍ତର ହେବାକୁ ଆଶା ରଖିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ବାପା, ମା', ଗୁରୁଜନ ଏବଂ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସେହିପରି ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଗଣପତି ମହାନ୍ତ ୫୪୨ ମାର୍କ ରଖି ଥିବା ବ୍ଲକ୍ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ସୂଚନା ଦେଇଛନ୍ତି। ଗଣପତି ଭବିଷ୍ୟତରେ ଆଇଆଇଟିରେ ପଢ଼ି ଭଲ ଇଞ୍ଜିନିୟର ହେବାକୁ ଆଶା ରଖିଥିବା କହିଛନ୍ତି। ମୋରଡ଼ା ବ୍ଲକ୍ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋଟ ୯୪ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ଏ-୧ ଗ୍ରେଡ୍‌ରେ ଜଣେ ଛାତ୍ର, ଏ-୨ ଗ୍ରେଡ୍‌ରେ ଜଣେ, ବି-୧ରେ ୫, ବି-୨ରେ ୧୩, ସି-୩୧, ଡି-୩୫, ଇରେ ୭ ଜଣ ଏବଂ ଜଣେ ମାତ୍ର ଫେଲ ହୋଇଥିବା ସୂଚନା ମିଳିଛି।

## ବାଙ୍ଗିରିପୋଷିର ୨ ଛାତ୍ର ଏ-୧ରେ କୃତକାର୍ଯ୍ୟ

ବାଙ୍ଗିରିପୋଷି,୨୬।୫(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ୍‌ର ୨ ଛାତ୍ର ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସତିଶ ଚନ୍ଦ୍ର ବିଦ୍ୟାପୀଠ ଶ୍ୟାମସୁନ୍ଦରପୁର ଛାତ୍ର ନୟନ ରଞ୍ଜନ ମହାରଣା ୫୫୪ (୯୨.୩୩ ପ୍ରତିଶତ) ରଖିଥିବା ବେଳେ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ଅଂଳାଗୁରାର ଛାତ୍ର ଆଦିତ୍ୟ କୁମାର ଗିରି ୫୪୦ (୯୦ ପ୍ରତିଶତ) ନମ୍ବର ରଖିଛନ୍ତି। ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସତିଶ ଚନ୍ଦ୍ର ବିଦ୍ୟାପୀଠ ଶ୍ୟାମସୁନ୍ଦରପୁର ପ୍ରଧାନ ଶିକ୍ଷକ ଛାତ୍ର ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ରାସଗୋବିନ୍ଦପୁର ରେଞ୍ଜ୍‌ରେ ହାତୀ ଉପଦ୍ରବ

ମୋରଡ଼ା,୨୬।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ହାତୀ ପଲକୁ ଘୋଉଡ଼ାଇବାକୁ ନେଇ ବନ ବିଭାଗ ଓ ଗ୍ରାମବାସୀ ନାକେଦମ ହୋଇସାରିଲେଣି। ସୂଚନା ଅନୁଯାୟୀ, ୧୯ ଝାଡ଼ଖଣ୍ଡୀ ହାତୀପଲ ଗତି ତିନି ଦିନ ଧରି ଶୁଖିଲାଖାଲି ଜଙ୍ଗଲରେ ରହିଛନ୍ତି। ଶନିବାର ରାତିରେ ଉକ୍ତ ଜଙ୍ଗଲରୁ ବାହାରି ୩, ୪ ଭାଗରେ ବିଭକ୍ତ ହୋଇଯାଇଛନ୍ତି। ଯାହା ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରାତି କାଟିଥିଲେ। କିଛି ହାତୀ ଚିତ୍ରଡ଼ା ଜଙ୍ଗଲ ଦେଇ ମାଗାତବନ୍ଧ ହୋଇ ଚିତ୍ରଡା-ମୋରଡା ମୁଖ୍ୟ ରାସ୍ତା ପାର ହୋଇଥିଲେ। ଅନ୍ୟ ପଲ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚିତ୍ରଡା ଜଙ୍ଗଲରେ ରହିଥିଲେ। ତେବେ ବହୁ ସମୟ ପରେ ହାତୀପଲକୁ ବନବିଭାଗ ଘୋଉଡ଼ାଇ ଫୁଲଝରୀ ଜଙ୍ଗଲକୁ ନେଇ ଯାଇଛି। ହାତୀପଲ କୌଣସି କ୍ଷତି ଘଟାଇ ନ ଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।

# ଯୁକ୍ତ ୨ ବିଜ୍ଞାନ ଓ କଳାରେ ସାଇ ବିଦ୍ୟାମନ୍ଦିରର ସଫଳତା

ବାରିପଦା, ୨୬।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ବିଜ୍ଞାନ ଓ କଳାରେ ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସଫଳତାର ଏକ ନୂତନ ପୃଷ୍ଠା ଯୋଡିଛନ୍ତି। ବିଜ୍ଞାନରେ ମୋଟ ୨୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମୟଙ୍କ ମୟମ କୁମାର ସର୍ବାଧିକ ୫୫୯ ନମ୍ବର ରଖି ଅନୁଷ୍ଠାନର ବିଜୟ ଧାରାକୁ ଅବ୍ୟାହତ ରଖିଛନ୍ତି। ଜଗନ୍ନାଥ ଧୀର ୫୪୯, ଶୁଭମ ଗିରି ୫୪୮, କିରଣ କର୍ଣ୍ଣାନୀ ୫୪୬, ଶୁଭଙ୍କର ସାହୁ ୫୪୬, ସତ୍ୟଶୁଭମ ଗୋଚ୍ଛାୟତ ୫୪୩, ବିଶ୍ୱଜିତ୍ ପାଇକିରା ୫୪୨ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ୫୦୦ ନମ୍ବରରୁ ଉର୍ଦ୍ଧ୍ୱ ୩୨ ଜଣ ଓ ୧୫୬ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି କଳାରେ ମୋଟ ୭୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମଧୁସ୍ମିତା ମହାନ୍ତ ସର୍ବାଧିକ ୫୪୫ ଏବଂ ଦିବ୍ୟଜ୍ୟୋତି ମଲ ୫୪୩ ନମ୍ବର ରଖି ଯଥାକ୍ରମେ ମୟୂରଭଞ୍ଜ ଜିଲାରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପୁଷ୍ପାଞ୍ଜଳି ବେହେରା ୫୩୯, ଶର୍ମିଷ୍ଠା ପରିଡ଼ା ୫୩୪, ପ୍ରାଚୀସ୍ମିତା ସାହୁ ୫୩୧, ମନିମା ଭୋଳ ୫୨୪, ପ୍ରଜ୍ଞାପରମିତା ଦଳେଇ ୫୨୪, ଚାନ୍ଦୁ ନାଏକ ୫୨୩, ମାନସୀ ସିଂ ୫୧୬, ଭବାନୀ ଶଙ୍କର ଦାସ ୫୧୫, ପ୍ରାଚୀ ମହାକୁଡ ୫୧୫, ପୂଜାଫୁଲ ମୁର୍ମୁ ୫୦୯, ଯଯାତି କେଶରୀ ନାଏକ ୫୦୪, ତନୁଶ୍ରୀ ନାଏକ ୫୦୧, ଶ୍ରୁତିରେଖା ଗିରି ୫୦୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ୬୦ ପ୍ରତିଶତରୁ ଅଧିକ ରଖି ୬୧ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବା ସାଇ ବିଦ୍ୟା ମନ୍ଦିର ବର୍ତ୍ତମାନ କୈଳାସଚନ୍ଦ୍ରପୁର କାଠପାଳଠାରେ ନୂତନ ଭାବେ ପ୍ରତିଷ୍ଠା ହୋଇଛି। ଏଠାକାର ଶାନ୍ତ ଓ ମନୋମୁଗ୍ଧକର ପରିବେଶ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଚେତନାର ବିକାଶରେ ସହାୟକ ହେବବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଉଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ ଖିଲାର, ସିଇଓ ପ୍ରତିଟୀ ରଞ୍ଜନ ରାଉତ ଏବଂ ଅଧାପିକା ଅଧାପକମାନେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ କୃତୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।





ଶିକ୍ଷାନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

# ସତର୍କ ରହିବାକୁ ମାର୍ଗଦର୍ଶିକା ଜାରି

## ଆୟକର ବିଭାଗ ନାଁରେ ଆସୁଛି ନକଲି ନୋଟିସ୍

ଭୁବନେଶ୍ୱର,୨୬।୫ (ଅନୁରାଧା ମହାରଣା)

ଆୟକର ବିଭାଗ ନାମରେ କର ପୈଠରେ ଖିଲାପ ନେଇ ନୋଟିସ ପାଇବା କ୍ଷଣି ସାଧାରଣ ଲୋକ ବିବ୍ରତ ହୋଇପଡ଼ନ୍ତି। କିଛି ବିଚାର ନକରି ତୁରନ୍ତ ମୋବାଇଲଏକୁ ମେସେଜ୍ ଆସିଥିବା ଲିଙ୍କ୍ ଉପରେ କ୍ଲିକ୍ କରି ଟଙ୍କା ପୈଠ କରିଦିଅନ୍ତି। ତେବେ ଅନେକ ସମୟରେ ଏହି କାରଣରୁ ଲୋକ ଠକାମୀରେ ପଡୁଥିବା ଜଣାପଡ଼ିବା ପରେ ଆୟକର ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆୟକର ବିଭାଗରୁ କୌଣସି ନୋଟିସ (ଆଇଟି ନୋଟିସ) ପାଇଲେ ଏହା ବାସ୍ତବରେ ବିଭାଗ ପକ୍ଷରୁ ପଠାଯାଇଛି କି ନାହିଁ ତାହାର ତର୍ଜମା କରିବା ନେଇ ଲୋକଙ୍କୁ ସତର୍କ କରାଯାଇଛି। ଆୟକର ବିଜ୍ଞପ୍ତି କ'ଣ ଏବଂ ମୋବାଇଲକୁ ଆସିଥିବା ନୋଟିସ୍ ଅସଲି କି ନକଲି ତାହା ବିଚାର କରିବାର ଆବଶ୍ୟକତା ରହିଛି। ନିକଟରେ ଏପରି ଅନେକ ମାମଲା ନଜରକୁ ଆସିଛି ଯେତେବେଳେ କିଛିଇ ଠକ ସର୍ବେକ୍ଷଣ ଟିକସ ଚାହିଦା ନାମରେ ଟିକସ ନୋଟିସ ପଠାଇ ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଠକୁଛନ୍ତି। ଆଇଟିଆର ଦାଖଲ ପାଇଁ ଆୟକର ବିଭାଗ ଲୋକଙ୍କୁ ଆୟକର ବିଜ୍ଞପ୍ତି ଜାରି କରିଥାଏ ମାତ୍ର ଏହାର ସୁଯୋଗ ନେଇ ସ୍କାମର୍ ନକଲି ଆୟକର ନୋଟିସ ମେଲ ଲୋକଙ୍କୁ ପଠାନ୍ତି ଏବଂ ସେହି ଲିଙ୍କରେ କ୍ଲିକ କରି ଜରିମାନା ଦେବାକୁ କୁହନ୍ତି। ଏଥିପାଇଁ ସେ ଏକ ଲିଙ୍କ ମଧ୍ୟ ପଠାନ୍ତି ଓ ଲୋକମାନେ ଏଥିରେ ଟଙ୍କା ଜମା କରି ଠକାମୀରେ ପଡ଼ିଥା'ନ୍ତି।

ସୂଚନା ଥାଉ କି, ୨୦୧୯ ଅକ୍ଟୋବର ୧ ଠାରୁ ଆୟକର ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଡିଆଇଏନ୍ ନମ୍ବର ରହିଥାଏ। ଏହା ଏକ ସ୍ୱତନ୍ତ୍ର ସଂଖ୍ୟା ହୋଇଥାଏ। କେନ୍ଦ୍ରୀୟ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ୨୦୧୯ ଅଗଷ୍ଟ ୧୪ରେ ଏହି ପ୍ରସଙ୍ଗରେ ଏକ ସର୍କୁଲାର ଜାରି କରି ସୂଚନା ଦେଇଥିଲା। ଆୟକର ବିଭାଗର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗ ଡିଆଇଏନ୍ ନମ୍ବର ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଜ୍ଞପ୍ତି ସଠିକ କି ନୁହେଁ ଯାଞ୍ଚ କରିବା ପାଇଁ କରଦାତା ଆୟକର ପୋର୍ଟାଲରେ ଯାଞ୍ଚ କରିପାରିବେ। @incometax.gov.inର ଅଫିସିଆଲ ୱେବସାଇଟ କ୍ଲିକ କରି ଯାଞ୍ଚ କରିପାରିବେ। ଆୟକର ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଧାରା ୧୩୧ ଏବଂ ୧୩୩ ଅଧୀନରେ ରହଛି। ଏହି ବିଜ୍ଞପ୍ତିରେ କୌଣସି ଦେୟ ପ୍ରଦାନ ନେଇ ଲିଙ୍କ ପଠାଯାଉନଥିବା ଦର୍ଶାଯାଇଛି। ଏପରି ପରିସ୍ଥିତିରେ, ନୋଟିସ ମେଲ ପାଇବା ପରେ ଆୟକର ବିଭାଗର ଇ-ଫାଇଲ ପୋର୍ଟାଲ https://www.incometax.gov.in/iec/foportal/ ପରିଦର୍ଶନ କରି ଆଇଟିଡି ଦ୍ୱାରା ପ୍ରାମାଣିକିକରଣ ବିଜ୍ଞପ୍ତି / ଅର୍ଡର ଇସ୍ୟୁ' ଅପ୍ସନ ଉପରେ କ୍ଲିକ କରିବାକୁ ହେବ। ନୂତନ ୱିଣ୍ଡୋରେ, କରଦାତା ନିଜର ଡିଆଇଏନ୍ ନମ୍ବର ଏବଂ ପାନ ନମ୍ବର ପ୍ରବେଶ କରିବା ପରେ ଆପଣଙ୍କ ମୋବାଇଲକୁ ଆସିଥିବା ଓଟିପି ଆସିବ। ଏହି ଓଟିପି ଦେବା ପରେ ଯଦି ବିଭାଗ ନୋଟିସ ପଠାଇ ନାହିଁ ତେବେ ଏହା ଅବୈଧ ବୋଲି ଦର୍ଶାଇବ। ଏଥିରୁ ଏହା ଏକ ନକଲି ବିଜ୍ଞପ୍ତି ବୋଲି କରଦାତା ଜାଣିପାରିବେ।

# ସୋନିର ନୂତନ ବ୍ରାଭିଆ ୨ସିରିଜ

ଭୁବନେଶ୍ୱର,୨୬।୫

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ରାଭିଆ ୨ସିରିଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏଥିରେ ୪କେ ଅଲଟ୍ରା ଏଚଡି ଏଲଇଡି ଡିସପ୍ଲେ ପ୍ରଯୁକ୍ତି ସାମିଲ ଥିଲାବେଳେ ଗୁଗଲ୍ ଟିଭି ସହିତ ଏହା ସଂଯୋଜିତ ହୋଇଛି। ସେହିଭଳି ଉପଭୋକ୍ତାମାନେ ସହଜରେ ବିଭିନ୍ନ ପ୍ରକାରର ଆପ୍, ଷ୍ଟ୍ରିମିଂ ସେବା ଏବଂ ଲାଇଭ୍ ଟିଭି ଚ୍ୟାନେଲ୍ ଏହା ଜରିଆରେ ପାଇପାରିବେ। ଏପରିକି ବ୍ରାଭିଆ ୨ସିରିଜର ଦୁଇଟି ଭିନ୍ନ ସଂସ୍କରଣ ରହିଥିଲାବେଳେ ଅତୁଳନୀୟ ଗେମିଂ କ୍ଷମତା ଥିବା ଏସ୨୫ ଏବଂ ଅନ୍ୟଟି ଏସ୨୦ ମଡେଲ,ଏହା ଗେମିଂ ବୃଦ୍ଧି ବିନା ଅନ୍ୟ ଉତ୍କୃଷ୍ଟ ବୈଶିଷ୍ଟ୍ୟଗୁଡ଼ିକୁ ପ୍ରାଥମିକତା ଦେଉଛି। ବ୍ରାଭିଆ-୨ ସିରିଜରେ ଓପନ୍ ବ୍ୟାକ୍ସ ଫାୟାରିଂ ଟ୍ୱିନ୍ ସ୍ପିକର ରହିଛି,ଯେଉଁଥିରେ ଡଲବି ଅଡିଓ ସହ ୨୦ୱାଟ୍ ଶକ୍ତିଶାଳୀ ଶବ୍ଦ ଉପଲବ୍ଧ ହେଉଛି।

# କଟକରେ ଲାଲଚାନ୍ଦର ୨ୟ ଶୋ'ରୁମ୍




ଭୁବନେଶ୍ୱର,୨୬।୫ (ଅଭୟ ଦାଶ)

ଲାଲଚାନ୍ଦ ଜୁଏଲର୍ସର ନୂତନ ତଥା ୨ୟ ଶୋ'ରୁମ ରବିବାର କଟକର ସିଡିଏସ୍ଥିତ ସେକ୍ଟର୬ଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଲଚନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର ଚେୟାର୍‌ମ୍ୟାନ୍ ସଂଜୟ ହଂସ, ଲାଲଚାନ୍ଦ୍ ଜେମ୍ସ୍‌ର ମୁଖ୍ୟ ଅନ୍‌ଭିତା ହଂସ, ଲାଲଚାନ୍ଦ୍ ଜୁଏଲର୍ସ ନର୍ଥ ଇଣ୍ଡିଆର ମୁଖ୍ୟ ପଲକ୍ ହଂସ ସେନ୍‌ଙ୍କ ସମେତ ବରିଷ୍ଠ ଚାର୍ଟାଡ୍ ଆକାଉଣ୍ଟାଟ୍ ଏ.କେ.ସାବତ୍ ଏବଂ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ପ୍ରମୁଖ ଉପସ୍ଥିତି ଥିଲେ।

ଏ ସମ୍ପର୍କରେ ଲାଲଚାନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସ କହିଥିଲେ, ଐତିହାସିକ ସହର କଟକରେ ଥିବା ଆମର ପ୍ରଥମ ଶୋ'ରୁମ୍ ପ୍ରତି ଲୋକଙ୍କ ଭଲପାଇବା ଏବଂ ବଢୁଥିବା ଗ୍ରାହକ ଚାହିଦାକୁ ଦୃଷ୍ଟିରେ ରଖି କଟକରେ ବ୍ରାଣ୍ଡର ଆଉ ଏକ ଶୋ'ରୁମ୍‌ର ପରିକଳ୍ପନା କରାଯାଇଥିଲା।

# ଭାରତୀ ଆକ୍ସାର ନୂତନ ଉତ୍ପାଦ

ଭୁବନେଶ୍ୱର,୨୬।୫

ପ୍ଲସ୍'ସ୍କିମ (ଯୋଜନା)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହା ହେଉଛି, ଏକ ୟୁନିଟ୍ ଲିଙ୍କଡ୍ ବୀମା ଯୋଜନା। ଯାହାକୁ ବଜାର ଲିଙ୍କ୍ ସହିତ ବାର୍ଷିକ ପ୍ରିମିୟମ୍‌ର ୧୦୦ଗୁଣା ପର୍ଯ୍ୟନ୍ତ ବୀମା ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହା ଗ୍ରାହକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ନିବେଶ ଲକ୍ଷ୍ୟ ଏବଂ ବଜାର ବିପଦ ଗ୍ରହଣ କରିବାର ଶକ୍ତି ଅନୁସାରେ ବିବିଧ ବିକଳ୍ପ ମଧ୍ୟରୁ ନିବେଶ ରଣନୀତି ଚୟନ କରିବାର ନମନୀୟତା ପ୍ରଦାନ କରୁଛି। ଏପରିକି ବଢୁଥିବା ଅଭିଳାଷ ଏବଂ ବ୍ୟକ୍ତିଗତ ଓ ବୃତ୍ତିଗତ ଲକ୍ଷ୍ୟ ହାସଲ ପାଇଁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ନିବେଶ ମାଧ୍ୟମରେ ଲୋକମାନଙ୍କୁ ସମ୍ପତ୍ତି ହାସଲ କରିବାରେ ସହାୟକ ହେବ। ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ମଧ୍ୟ ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛି, ଯେପରିକି ଚାର୍ଜ ଫେରସ୍ତ ଏବଂ ପାଣ୍ଠି ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଲୟାଲ୍‌ଟି ଲାଭ ଇତ୍ୟାଦି ସାମିଲ ରହିଛି। ଏହି ପ୍ଲାନ ଚୟନ କରିଥିବା ବ୍ୟକ୍ତିଙ୍କୁ ପ୍ରିମିୟମ ଆବଣ୍ଟନ ଚାର୍ଜର ଦୁଇ ଗୁଣ ଏବଂ ମୋର୍ଟାଲିଟି ଚାର୍ଜର ତିନି ଗୁଣ ପର୍ଯ୍ୟନ୍ତ ରିଟର୍ନ ମିଳିବ। ଏହାବ୍ୟତୀତ ଗ୍ରାହକମାନେ ଆୟକର ଆଇନ ୧୯୬୧ ଅଧୀନରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯାଇଥିବା ପ୍ରିମିୟମ ଉପରେ ଟିକସ ସୁବିଧା ମଧ୍ୟ ପାଇପାରିବେ। ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ମୁରଲୀ ଜାଲାନ କହିଛନ୍ତ, ଭାରତୀ ଆକ୍ସା ଲାଇଫ୍ ଗ୍ରୋଥ୍ ସିଲ୍ଡ ପ୍ଲସ୍ ସ୍କିମର ଶୁଭାରମ୍ଭ କରି ଆମେ ବେଶ ଉତ୍ସାହିତ ଅଛୁ। ଏହି ନୂତନ ପ୍ଲାନ୍ ହେଉଛି, ଆମର ଏକ ଅନନ୍ୟ ପ୍ରସ୍ତାବ, ଯାହା ଗ୍ରାହକମାନଙ୍କୁ ଟର୍ମ ପ୍ଲାନ୍ ଏବଂ ୟୁଲିପିର ମିଳିତ ଲାଭ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ନୂତନ ଉତ୍ପାଦ ଆରମ୍ଭ କରିବା ପଛରେ ଆମର ଉଦ୍ଦେଶ୍ୟ ହେଉଛି,ଲୋକମାନଙ୍କୁ ସେମାନଙ୍କ ପରିବାର ପାଇଁ ଆର୍ଥିକ ନିରାପତ୍ତା ସୃଷ୍ଟି କରିବାରେ ସକ୍ଷମ କରିବା ଏବଂ ସେମାନଙ୍କୁ ଦୀର୍ଘକାଳୀନ ଭାବେ ସମ୍ପତ୍ତି ବୃଦ୍ଧି କରିବାକୁ ସଶକ୍ତ କରିବା।

# ଟେଟ୍ରାହେଡ୍ରନ୍‌ର ଶତପ୍ରତିଶତ ସଫଳତା

## ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳାଫଳ

ଭୁବନେଶ୍ୱର/ମଙ୍ଗୁଳି,୨୬।୫ (ମାନସ ସାମଲ)




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକର ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ (ଟେଟ୍ରାହେଡ୍ରନ୍ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଟେଟ୍ରାହେଡ୍ରନ୍ ଓମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ)ର ଉଲ୍ଲେଖନୀୟ ସଫଳତା ସହ ଯୁକ୍ତ୨ ବିଜ୍ଞାନ ଫଳାଫଳରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ନୂଆ ମାଇଲଖୁଣ୍ଟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚଏସଇ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ, କଳା, ବାଣିଜ୍ୟ ବିଭାଗର ପରୀକ୍ଷା ଫଳାଫଳ ରବିବାର ଅପରାହ୍ନରେ ପ୍ରକାଶ ପାଇଛି। ଏହି ପରୀକ୍ଷା ଫଳାଫଳରେ ଟେଟ୍ରାହେଡ୍ରନ ଯୁକ୍ତ୨ ବିଜ୍ଞାନ କଲେଜର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ଲାଭ କରିଛନ୍ତି। ଅପରପକ୍ଷରେ ଶିକ୍ଷାନୁଷ୍ଠାନର ମୋଟ ୨୨ ଜଣ ବିଦ୍ୟାର୍ଥୀ ୯୦%ରୁ ଅଧିକ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ସେହିଭଳି ଟେଟ୍ରାହେଡ୍ରନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ସତ୍ୟଜିତ୍ ସ୍ୱାଇଁ ମୋଟ ୫୫୬ ନମ୍ବର ରଖି ଶିକ୍ଷାନୁଷ୍ଠାନର ବାଳକ ବିଭାଗରେ ଟପ୍ପର ହୋଇଥିବାବେଳେ ଟେଟ୍ରାହେଡ୍ରନ୍ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମନୀଷା ପଣ୍ଡା ୫୫୫ ନମ୍ବର ରଖି ଶିକ୍ଷାନୁଷ୍ଠାନର ବାଳିକା ବିଭାଗରେ ଟପ୍ପର ହୋଇଛନ୍ତି। ଏପରିକି ଭବିଷ୍ୟତରେ ଉଭୟ ଡାକ୍ତର ହେବାର ଇଚ୍ଛା ବ୍ୟକ୍ତ କରିଛନ୍ତି। କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ୍ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୁଭୋକୋ ଭିସ୍ତାସ୍‌ର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୨୬।୫

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହିତ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ମୋଟ ସିମେଣ୍ଟ ବିକ୍ରି ୧୮.୮ ଏମ୍‌ଏମ୍‌ଟି ରହିଥିଲାବେଳେ ଏହି ସମାନ ଅବଧି ମଧ୍ୟରେ କମ୍ପାନୀର ପରିଚାଳନାଗତ ମୋଟ ରାଜସ୍ୱ ୧୦,୭୩୩ କୋଟି ଟଙ୍କା ରହିଛି।

ସେହିପରି ମୋଟ ଏବିଟା ବାର୍ଷିକ ଆଧାରରେ ୩୫% ବୃଦ୍ଧି ହୋଇ ୧୬୫୭ କୋଟି ଟଙ୍କା ହୋଇଥିଲାବେଳେ କମ୍ପାନୀର ଶୁଦ୍ଧ ଋଣ ପରିମାଣ ବାର୍ଷିକ ଆଧାରରେ ୩୮୪ କୋଟି ଟଙ୍କା ହ୍ରାସ ହୋଇ ୪୦୩୦ କୋଟି ଟଙ୍କାରେ ରହିଛି, ଯାହାଫଳରେ ଶୁଦ୍ଧ ଋଣ ଏବିଟାର ୨.୪ ଗୁଣ ରହିଛି। ଚଳିତ ବର୍ଷ କମ୍ପାନୀର ହରିୟାଣାସ୍ଥିତ ସିମେଣ୍ଟ ପ୍ଲାଣ୍ଟରେ ଏକ ୧.୨ ଏମ୍‌ଏମ୍‌ଟିପିଏ ଗ୍ରାଇଣ୍ଡିଂ ୟୁନିଟ୍‌ର ସଫଳ କାର୍ଯ୍ୟକାରିତାକୁ ଚିହ୍ନିତ କରିଛି, ଯାହା ଏହାର ସମ୍ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଦର୍ଶାଉଛି। ଏହି ସିମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକାରିତା ଉତ୍ତର ଭାରତରେ କମ୍ପାନୀର ମୋଟ କ୍ଷମତାକୁ ୨୦%ରୁ ୨୪%କୁ ବୃଦ୍ଧି କରିଛି ଏବଂ ଏହା ସମ୍ପୃକ୍ତ ଅଞ୍ଚଳରେ କମ୍ପାନୀର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବ। ଏ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, କମ୍ପାନୀ ତା'ର ପରିଚାଳନା ଦକ୍ଷତାକୁ ଉନ୍ନତ କରିଥିଲାବେଳେ ୨୦୨୪ ଆର୍ଥିକ ବର୍ଷ ସମୟରେ ଅସ୍ଥିର ଚାହିଦା ସତ୍ତ୍ୱେ ଏବିଟା ଓ ପିଏଟିରେ ମଜଭୁତ ଅଭିବୃଦ୍ଧି ପ୍ରଦାନ ଏବଂ ସର୍ବୋଚ୍ଚ ଲାଭ ହାସଲ କରିଛି। ଏପରିକି ଆମର ପ୍ରଶଂସନୀୟ ପରିଚାଳନାଗତ ଫଳାଫଳ ପ୍ରିମିୟମାଇଜେଶନ ଓ କଷ୍ଟ ଅପ୍ଟିମାଇଜେଶନ ଉପରେ ଆମର ଗତିଶୀଳ ଓ ଦକ୍ଷ ରଣନୈତିକ ଗୁରୁତ୍ୱକୁ ପ୍ରତିଫଳନ କରୁଛି।

## ଅନ୍ୟାନ୍ୟ ଖବର

# ଅଫିମ ଫଳ ଚାଲାଣ: ଆନ୍ତଃରାଜ୍ୟ ର୍ୟାକେଟ ଠାବ

ରାଉରକେଲା,୨୬।୫(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ଶନିବାର ସନ୍ଧ୍ୟାରେ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଫିମ ଫଳ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଟ୍ରକ ଚାଳକଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ଜୟସେଲ୍‌ମେର୍ ଜିଲାର ମିଠୁ ଖାନ୍(୩୫) ଓ ଖଲାସୀ ରାକେଶ କୁମାର(୨୬)। ଏନେଇ ରବିବାର ସୀମାନ୍ତ ଟେବୋ ଥାନାରେ ଏକ ମାମଲା (୭/୨୪) ରୁଜୁ ହୋଇଛି। ଉକ୍ତ ଟ୍ରକରୁ ପୋଲିସ ୫ ଲକ୍ଷ ନଗଦ ଟଙ୍କା ମଧ୍ୟ ଜବତ କରିଛି। ଉକ୍ତ ଟ୍ରକ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ହୋଇ ରାଜସ୍ଥାନ ଯିବା ପାଇଁ ଯୋଜନା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶନିବାର ଚାଇଁବାସା ପୋଲିସ ପକ୍ଷରୁ ଯାଞ୍ଚ ସମୟରେ ଏକ ଟ୍ରକକୁ ସନ୍ଦେହ କରି ଅଟକା ଯାଇଥିଲା। ଟ୍ରକରୁ ୧୩୫ଟି ପ୍ଲାଷ୍ଟିକ ବୋରାରେ ପ୍ରାୟ ୨୦୯୬ କେଜି ଅଫିମ ଫଳ ଜବତ କରାଯାଇଥିଲା, ଯାହାର ବଜାର ଦର ୩ କୋଟି ୧୪ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

# ଆଇପିଏଲ୍: କେକେଆର୍ ଚାମ୍ପିୟନ

ଚେନ୍ନାଇ, ୨୬।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍-୨୦୨୪ରେ ବାଜି ମାରିଛି କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଏବଂ ଭେଙ୍କଟେଶ୍ ଆୟରଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏହି ଦଳ ରବିବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮ ୱିକେଟରେ ପରାସ୍ତ କରିଛି। ଫାଇନାଲ ପରି ଏକ ବଡ଼ ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସନ୍‌ରାଇଜର୍ସ ୧୮.୩ ଓଭରରେ ମାତ୍ର ୧୧୩ ରନ୍ କରି ଅଲ୍‌ଆଉଟ ହୋଇଥିଲା, ଯାହାକି ଆଇପିଏଲ୍ ଫାଇନାଲ ଇତିହାସରେ ସର୍ବନିମ୍ନ ସ୍କୋର। ୧୧୪ ରନ୍‌ର ବିଜୟ ଲକ୍ଷ୍ୟକୁ ନାଇଟ୍ ରାଇଡର୍ସ ୧୦.୩ ଓଭରରେ ୨ ୱିକେଟ ହରାଇ ହାସଲ କରି ନେଇଥିଲା। ବିପଜ୍ଜନକ ବ୍ୟାଟର ସୁନୀଲ ନାରିନ ମାତ୍ର ୬ ଓ ରମାନୁଲ୍ଲା ଗୁରବାଜ ୩୯ ରନ୍ କରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲକାରୀ ଭେଙ୍କଟେଶ୍ ୫୨ (୨୬ ବଲ୍, ୪ ଚୌକା, ୩ ଛକା) ଓ ଅଧିନାୟକ ଶ୍ରେୟସ ଆୟର ୬ ରନ୍‌ରେ ଅପରାଜିତ ରହିଥିଲେ। ୧୧ତମ ଓଭରର ୩ୟ ବଲ୍‌ରେ ଭେଙ୍କଟେଶ୍‌ଙ୍କ ବ୍ୟାଟ୍‌ରୁ ବିଜୟସୂଚକ ରନ୍ ବାହାରିବା ପରେ କୋଲ୍‌କାତା ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଏଥିରେ ସାମିଲ ହୋଇଥିଲେ ଦଳର ମାଲିକ ତଥା ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍। ପୂର୍ବରୁ ୨୦୧୨ ଓ ୨୦୧୪ରେ ଚାମ୍ପିୟନ କୋଲ୍‌କାତା ୧୦ ବର୍ଷ ବ୍ୟବଧାନରେ ତୃତୀୟଥର ପାଇଁ ଆଇପିଏଲ୍ ଟ୍ରଫି ହାସଲ କରିଛି। ୨୦୨୧ରେ ଦଳ ଫାଇନାଲ ଖେଳିଥିଲେ ହେଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରି ରନରଅପ୍ ହୋଇଥିଲା। ଅନ୍ୟପକ୍ଷରେ ୨୦୧୬ରେ ଚାମ୍ପିୟନ ସନ୍‌ରାଇଜର୍ସ ୨୦୧୮ ପରି ଏଥର ମଧ୍ୟ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।

ଟସ୍‌କୁ ଛାଡ଼ିଦେଲେ ଏହି ମ୍ୟାଚ୍‌ରେ ଆଉ କିଛି ସନ୍‌ରାଇଜର୍ସ ସପକ୍ଷରେ ଯାଇ ନ ଥିଲା। ବ୍ୟାଟିଂ ପାୱାର ପାଇଁ ଚଳିତ ଆଇପିଏଲ୍‌ରେ ବିଶେଷ ଚର୍ଚ୍ଚିତ ଥିବା ଏହି ଦଳ ସେହି ବ୍ୟାଟିଂ ବିଫଳତା ଯୋଗୁ ହିଁ ଲଜ୍ଜାଜନକ ସ୍ଥିତିରେ ସମ୍ମୁଖୀନ ହୋଇଥିଲା। ଟସ୍ ଜିତିଥିଲେ ପ୍ୟାଟ୍ କମିନ୍ସ। ବ୍ୟାଟିଂ ନେଇ କୋଲ୍‌କାତା ସମ୍ମୁଖରେ ଏକ ବଡ଼ସ୍କୋର ଛିଡ଼ା କରିବା ତାଙ୍କର ଲକ୍ଷ୍ୟ ଥିଲା। ମାତ୍ର ସେମିତି କିଛି ହୋଇ ନ ଥିଲା। ଆଇପିଏଲ୍ ରେକର୍ଡ ୨୪.୭୫ କୋଟି ଟଙ୍କାରେ କିଣା ହୋଇଥିବା ମିଚେଲ ଷ୍ଟାର୍କ ଫାଇନାଲ ପରି ଏକ ବଡ଼ ମ୍ୟାଚ୍‌ରେ ନିଜ କମାଲ ଦେଖାଇଥିଲେ। ସେ ନିଜ ପ୍ରଥମ ଓଭରରେ ବିପଜ୍ଜନକ ଅଭିଷେକ ଶର୍ମା ଏବଂ ଦ୍ୱିତୀୟ ଓଭରରେ ଫର୍ମରେ ଥିବା ରାହୁଲ ତ୍ରିପାଠୀଙ୍କୁ ଆଉଟ୍ କରିଥିବାବେଳେ ବୈଭବ ଆରୋରା ନିଜ ପ୍ରଥମ ତଥା ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ହାର୍ଡ ହିଟିଂ ବ୍ୟାଟର ଟ୍ରାଭିସ ହେଡ୍‌ଙ୍କୁ ପ୍ୟାଭିଲିୟନ ପଠାଇବାରୁ ହାଇଦ୍ରାବାଦ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ଚାପର ବଶବର୍ତ୍ତୀ ହୋଇ ଆଶ୍ଚର୍ଯ୍ୟଜନକ ଭାବେ କୌଣସି ବ୍ୟାଟର କ୍ରିଜ୍‌ରେ ତିଷ୍ଠିପାରି ନ ଥିଲେ। ବାର୍ଥ ଡେ' ବୟ ନୀତୀଶ୍ କୁମାର ରେଡ୍ଡୀ ୧୩, ଏଡେନ ମାରକ୍ରମ ୨୦, ଶାହାବାଜ ଅହମଦ ୮ ରନ୍ କରି ଆଉଟ୍ ହେବାରୁ ସନ୍‌ରାଇଜର୍ସ ବାଧ୍ୟହୋଇ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବେ ଅବ୍ଦୁଲ ସମଦଙ୍କୁ ସୁଯୋଗ ଦେଇଥିଲା। ମାତ୍ର ସେ ଇମ୍ପାକ୍ଟ ଦେଖାଇବା ପୂର୍ବରୁ ମାତ୍ର ୪ ରନ୍ କରି ଆଉଟ୍ ହୋଇଥିଲେ। ଶେଷଭାଗରେ ପ୍ୟାଟ୍ କମିନ୍ସ ସର୍ବାଧିକ ୨୪ ରନ୍ କରିଥିଲେ। ଫଳରେ ସନ୍‌ରାଇଜର୍ସ ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଆଇପିଏଲ୍ ଫାଇନାଲ ଇତିହାସରେ ଏହା ସର୍ବନିମ୍ନ ସ୍କୋର। ୨୦୧୩ରେ କୋଲକାତାଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ ୧୨୫/୯ ରନ୍ କରି ଏହି ଅଲୋଡ଼ା ରେକର୍ଡର ଅଧିକାରୀ ଥିଲା। କୋଲକାତାର ସମସ୍ତ ବୋଲର ପ୍ରଭାବୀ ବୋଲିଂ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଲୁହା କଅଁଳ ହେଲେ ବିରାଡ଼ି କାମୁଡ଼େ।**

ମଣିଷ ଆବଶ୍ୟକତାଠାରୁ ଅଧିକ ସରଳ ବା ସାଦାସିଧା ହେଲେ ତାଙ୍କୁ କେହି ସେତେ ଗୁରୁତ୍ୱ ଦେଇ ନ ଥାନ୍ତି। ଅଣଦେଖା କରିବା ସହ ହଇରାଣ ହରକତ କରିବାକୁ ପଛାଇ ନ ଥାନ୍ତି। ପରୋକ୍ଷରେ ଉପରିସ୍ଥ ଅଧିକାରୀ ବା ହାକିମ ଅପେକ୍ଷାକୃତ ନରମା ହେଲେ ଦୁଷ୍ଟ କର୍ମଚାରୀ ଫାଇଦା ଉଠାଇବାକୁ ସାହସ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଶଗଡ଼ ପଇ, ତଳ ଉପର।**

ଶଗଡ଼ ଚକର ପରିଧିରେ ଥିବା ଖଣ୍ଡବୃତ୍ତାକୃତି କାଠ ଖଣ୍ଡଗୁଡ଼ିକୁ ପଇ ବା ପହି କୁହାଯାଏ। ଶଗଡ଼ ଚାଲିଲା ବେଳେ ଚକର ପହି ଯେମିତି ତଳ ଉପର ହୋଇଥାଏ ସେହିପରି ମଣିଷ ଜୀବନରେ ଭଲ ମନ୍ଦ ଲାଗିରହିଥାଏ। ପରୋକ୍ଷରେ ମଣିଷର ଭାଗ୍ୟ ସଦା ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶ୍ରୀଫଳ ଭାଙ୍ଗିବା ବେଳେ ଧର୍ମପଦ ଉପସ୍ଥିତ ଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ବାସ୍ତବରେ ଏଗାରୁପଚିକ ଚୁମ୍ବକଶିଳା ମନ୍ଦିର ଶିଖରରେ ଖଞ୍ଜାଯାଇ ମୁଣ୍ଡି ମରାଗଲା ସିନା, ତାହାର ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ସେତେବେଳେ କିଛି ତମ୍ବାର କ୍ଲାମ୍ପ ତିଆରି କରିଥିଲେ ତମ୍ବାମିସ୍ତ୍ରି କାଶୀ ଓଝା। ଚୁମ୍ବକଶିଳା ଖଞ୍ଜାବେଳେ ତାହା ବ୍ୟବହାର ହୋଇଥିଲା। କିଛି ତମ୍ବା ବଳିଥିଲା। କାଶୀ ଓଝା ତାହାକୁ ରଖିଥିଲେ। ଧର୍ମପଦ କହିଲେ- ସେହି ତମ୍ବା ଆଣ, ଦରକାର ହେଉଛି ଚୁମ୍ବକ ପଥର ପାଇଁ। ସେ ମହାଭାସ୍କରଙ୍କ ବସିବା ବିଗ୍ରହ ନିର୍ମାଣବେଳେ ମନ୍ଦିର ଉପରକୁ ଚଢ଼ି ଚୁମ୍ବକଶିଳାର ସ୍ଥିତି ପରୀକ୍ଷା କରିଥିଲେ। ତେଣୁ କହିଲେ ସେ ତମ୍ବା ଆଣ, ଦରକାର ହେଉଛି।

କାଶୀ ଓଝା ନିଜ ଗାଁରେ ଶାଳ କରିଥିଲେ। ତାଙ୍କ ଗାଁ ହେଉଛି ବିଲପାଟଣା। ସେ ୬ଟି ତମ୍ବାତାର ଆଣିଲେ। ସେଇ ତାରରେ କ୍ଲାମ୍ପ ହେବା ପରେ ଧର୍ମପଦ ଉପରକୁ ଯାଇ ଲଗାଇଥିଲେ। ବସିବା ବିଗ୍ରହ



କୋଣାର୍କ ମନ୍ଦିରରେ ଥିବା ଓଡ଼ିଶୀ ଭାସ୍କର୍ଯ୍ୟର ଦର୍ପଣୀ ଅଳସକନ୍ୟା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ନିର୍ମାଣକାର୍ଯ୍ୟ ଶୁଣି ପୁଷ୍ୟାଭିଷେକ ପରେ ପରେ ରାଜଗୁରୁଙ୍କ ସହିତ ହାତୀରେ ବସି ଗଜପତି କୋଣାର୍କରେ ପଦାର୍ପଣ କରିଥିଲେ। ଆସିବା ଖବର 'ଛାମୁଚିଟାଉ' ଧରି ବୁଢ଼ା ଲେଙ୍କା ସାନ୍ତସାଇ ଆଗରୁ ଜଣାଇଥିଲେ। ଗଜପତିଙ୍କର ପୁଷ୍ୟାଭିଷେକ ୧୭ ଅଙ୍କରେ ସାରଙ୍ଗଗଡ଼ରେ ସମ୍ପନ୍ନ ହୋଇଥିଲା। ଗଜପତି ଆସି ସୂତ୍ରଧରଙ୍କ ଶିବିରରେ ମହାଭାସ୍କରଙ୍କ ନିକଟରେ ଶ୍ରୀଫଳଟିଏ ଭାଙ୍ଗି ଫେରିଯାଇଥିଲେ। ସେତେବେଳେ ସୂତ୍ରଧରଙ୍କ ଶିବିରରେ ଧର୍ମପଦ ଉପସ୍ଥିତ ଥାନ୍ତି। ବିଗ୍ରହ ନିର୍ମାଣ ସମାପ୍ତ ହୋଇ ନ ଥାଏ। ଏଣେ ଅଳସକନ୍ୟା ନିର୍ମାଣ ଆରମ୍ଭ ହୋଇଯାଇଥିଲା। ସମୁଦାୟ ୩୦ଟି ଅଳସକନ୍ୟା ଶ୍ରୀପଦ୍ମକେଶର ମନ୍ଦିରରେ ସ୍ଥାନିତ ହୋଇଥିଲା। ନରସିଂହ ମହାପାତ୍ର ପ୍ରସ୍ତାବ ଦେଇଥିଲେ ହଂସପଟାରେ ଜାଲିବାଡ଼ କରିବା ପାଇଁ। ଏହି ଜାଲିବାଡ଼ ପୁରୀର ପୁରୁଷୋତ୍ତମ ରଥ ଅର୍ଥାତ୍ ନନ୍ଦିଘୋଷ ରଥରେ ନିର୍ମାଣ ହେଲା ପରି ହେଉ। ସୂତ୍ରଧର ପ୍ରସ୍ତାବକୁ ଗ୍ରହଣ ନ କରି ଦୁଇହାତ ଉଚ୍ଚର ଅଳସକନ୍ୟା ସେଠାରେ ରହିବା ଉଚିତ ବୋଲି ମତ ଦେଇଥିଲେ। ଦାୟିତ୍ୱ ଦେଲେ ଦାମୋଦର ମହାପାତ୍ର, ନରସିଂହ ମହାପାତ୍ର ଓ ଗଦାଧର ମହାପାତ୍ରଙ୍କୁ।

ଓଡ଼ିଶାର ଭାସ୍କର୍ଯ୍ୟ ଜାତୀୟ ଭାସ୍କର୍ଯ୍ୟଠାରୁ ଅନେକ କ୍ଷେତ୍ରରେ ସ୍ୱତନ୍ତ୍ର। ଆମ ଭାସ୍କର୍ଯ୍ୟରେ 'ଅଳସକନ୍ୟା' ସମ୍ପୂର୍ଣ୍ଣ ଅଲଗା। ଭୁବନେଶ୍ୱର ରାଜାରାଣୀ ମନ୍ଦିରରେ ଆମେ ଅଳସକନ୍ୟା ଦେଖୁ। ପୁରୀ ଶ୍ରୀମନ୍ଦିର ଉପରେ ଚୂନ ପଲସ୍ତରା ହୋଇଥିଲା। ତେଣୁ ଅଳସକନ୍ୟା ଭାସ୍କର୍ଯ୍ୟ ଆଲୋଚିତ ହୋଇ ନ ଥିଲା। ଶ୍ରୀମନ୍ଦିରର ଚାରିପଟେ ଥିବା 'ପାଗ'ଗୁଡ଼ିକର ସନ୍ଧିସ୍ଥଳ ହେଉଛି ଷୋହଳ। ଚାରିଦିଗକୁ ଚାରୋଟି ଲେଖାଏଁ। ପ୍ରତି ସନ୍ଧିସ୍ଥଳରେ ଅଳସକନ୍ୟାଙ୍କର ଦଣ୍ଡାୟମାନ ବିଗ୍ରହ

## ଶ୍ରୀପଦ୍ମକେଶର ମନ୍ଦିର ପାଇଁ ୩୦ଟି ଅଳସକନ୍ୟା ନିର୍ମିତ ହୋଇଥିଲେ

ଐତିହ୍ୟରେ ଓଡ଼ିଶା

ରହିଛନ୍ତି। 'ଶିଳ୍ପପ୍ରକାଶ' ଗ୍ରନ୍ଥ ଅନୁଯାୟୀ ଓଡ଼ିଶୀ ଭାସ୍କର୍ଯ୍ୟରେ ୧୬ ପ୍ରକାର ଅଳସକନ୍ୟା ରହିଛନ୍ତି। ତାଙ୍କର ନାମ ବି ରହିଛି। ଏଗୁଡ଼ିକ ମାଟି ଓ ଆକାଶ ମଝିରେ ଅହରହ ସ୍ୱପ୍ନାବିଷ୍ଟ କଦମ୍ବିତ ଶିହରଣର ସ୍ୱାକ୍ଷର ବହନ କରିଛନ୍ତି।

କୋଣାର୍କଠାରେ ସୂତ୍ରଧର ୩୦ଟି ଅଳସକନ୍ୟା ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଶାସ୍ତ୍ର ନିର୍ଦ୍ଦିଷ୍ଟ ଷୋହଳ ପରେ ଆଉ ୧୪ଟିର ନାମ ଜାଣିବାର ଉପାୟ ନାହିଁ। ପୋଥିରେ ମଧ୍ୟ ଉଲ୍ଲେଖ ନାହିଁ। ହୁଏତ ଆଉ ଚଉଦଟି ଓଡ଼ିଶୀ ନର୍ତ୍ତକୀର ମୁଦ୍ରାରେ ନିର୍ମିତ ହୋଇଥିବେ। ଅଳସକନ୍ୟାଙ୍କ ସହିତ ତିନି ହାତ ବିଶିଷ୍ଟ ବସିଥିବା ରବିନାରାୟଣଙ୍କର ମୂର୍ତ୍ତି ହଂସପଟାରେ ରହିବେ। ଶ୍ରୀରବିନାରାୟଣଙ୍କ ଦୁଇ ପାର୍ଶ୍ୱରେ ଛାୟାମାୟାଙ୍କ ବିଗ୍ରହ ସ୍ଥାନିତ ହେବା ପାଇଁ ସୂତ୍ରଧର ଆଦେଶ ଦେଇଥିଲେ। ସେ କେଉଁଠି ବସିବେ ତାହା ମଧ୍ୟ ସୂତ୍ରଧର ନିର୍ଦ୍ଦିଷ୍ଟ କରିଥିଲେ। ହଂସପଟାର ବାହାରପଟ ପଶ୍ଚିମ ପହଣ୍ଡର କେନ୍ଦ୍ରରେ ସ୍ଥାନିତ ହେବେ। ଏହି କାର୍ଯ୍ୟ ଗଦେଇ ମହାପାତ୍ରଙ୍କୁ ଦିଆଯାଇଥିଲା। ଦୁଇଟି ନିଶା ମନ୍ଦିର ସାମ୍ନାରେ ଶ୍ରୀରାମଙ୍କ ବିଗ୍ରହ ଓ ଗୋଟିଏ ଆଶ୍ରମର ଚିତ୍ର ପଥରରେ ଖୋଦେଇ ହୋଇ ରହିବ ବୋଲି ସୂତ୍ରଧର ଜଣାଇ ଦେଇଥିଲେ। ମନ୍ଦିର ନିର୍ମାଣ ସିନା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା, ଆନୁଷଙ୍ଗିକ ନିର୍ମାଣକାର୍ଯ୍ୟ ବାକି ଥିଲା। ବାଲିପଥରରେ ଦୁଇଟି ଚଣ୍ଡଭୈରବ ମୂର୍ତ୍ତି ପାଇଁ ଦାମ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଗଲା। ଦକ୍ଷିଣ ପାର୍ଶ୍ୱର ମୁଖଶାଳାରେ ନବଗ୍ରହ ମୂର୍ତ୍ତି କାର୍ଯ୍ୟ ଅବ୍ୟାହତ ରହିଥିଲା।

'ଓହଳପଦ୍ମ' ନିର୍ମାଣ ଆରମ୍ଭ କଲେ ଯୋଗୀ ମହାରଣା, ଧର୍ମପଦଙ୍କ କକା ଓ ଦାମ ମହାରଣା। ଏହା ଅତ୍ୟନ୍ତ କଷ୍ଟକରକାମ ଥିଲା। ଫାଶୀକାଠ ଭାରାରେ ବସି ୧୩ଦିନ ଧରି ଓହଳପଦ୍ମ ଖୋଦେଇ କରିଥିଲେ। ଓହଳପଦ୍ମ ସମ୍ଭବତଃ ପ୍ରଥମ କରି କୋଣାର୍କରେ ନିର୍ମିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଜାଣିନାହାନ୍ତି ଭାରତର ପ୍ରଧାନମନ୍ତ୍ରୀ କିଏ: ଧର୍ମେନ୍ଦ୍ର

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା (ସ୍ମାରକ ମାଜୀ),୨୬।୫

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ କିଏ ବୋଲି ଜାଣି ନ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୟୂରଭଞ୍ଜ ଲୋକ ସଭା ଅନ୍ତର୍ଗତ ମୋରଡ଼ା ବିଧାନସଭା କ୍ଷେତ୍ରର ସାତଭାୟାଠାରେ ରବିବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଧର୍ମେନ୍ଦ୍ର ଏହା କହିଛନ୍ତି।

ବାତ୍ୟା ରେମାଲ ପ୍ରଭାବରେ ମୟୂରଭଞ୍ଜ ଜିଲାରେ ରବିବାର ଦିନ ତମାମ ବର୍ଷା ଲାଗିରହିଛି। ବର୍ଷା ସତ୍ତ୍ୱେ ବାରିପଦା ସହର ଓ ସାତଭାୟାଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଦଳୀୟ ଏମପି ପ୍ରାର୍ଥୀ ନବଚରଣ ମାଝି, ମୋରଡ଼ା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋରଡ଼ାର ଦାନ୍ତିଆମୁହାଁଠାରୁ ଭାଜପା ପକ୍ଷରୁ ବାହାରିଥିବା ବିଶାଳ ରୋଡ଼ ଶୋ'ରେ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇଥିଲେ। ବର୍ଷା ହେଉଥିଲେ ମଧ୍ୟ ଧର୍ମେନ୍ଦ୍ରଙ୍କ ଉପସ୍ଥିତି ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ସାତଭାୟାଠାରେ ଆୟୋଜିତ ସଭାରେ ଯୋଗଦେଇ ଧର୍ମେନ୍ଦ୍ର କହିଥିଲେ, ଓଡ଼ିଶାରେ ଏଥର ଭାଜପାର ସରକାର ହେବାକୁ ଯାଉଛି। ଏଥର ଡବଲ ଇଞ୍ଜିନ ସରକାର ଗଠନ କରି ଡବଲ ବିକାଶ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ ଜାଣି ନାହାନ୍ତି ଭାରତର ପ୍ରଧାନମନ୍ତ୍ରୀ କିଏ ବୋଲି କହିଥିଲେ। ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ବୋଲି ସମ୍ବୋଧନ କରି ବାରିପଦା ଜନସମାବେଶରେ ମୁଖ୍ୟମନ୍ତ୍ରୀ ସମାଲୋଚନାର ଶିକାର ହେଲେ। ଓଡିଶାରୁ ଭଡାଟିଆ ତାମିଲ ସରକାରଙ୍କୁ ପରିବର୍ତ୍ତନ କରିବା ପାଇଁ ଧର୍ମେନ୍ଦ୍ର ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହ ଭାଜପା ସରକାର ଆସିଲେ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା, ଧାନର ଏମ୍‌ଏସ୍‌ପି ମୂଲ୍ୟ ୩୧୦୦ ଟଙ୍କା ହେବ ବୋଲି କହିଥିଲେ। ମଞ୍ଚରେ ବରିଷ୍ଠ ନେତାଙ୍କ ସହ ଏମପି ପ୍ରାର୍ଥୀ ନବଚରଣ, ବିଧାୟକ ପ୍ରାର୍ଥୀ ଡ଼ କୃଷ୍ଣଚନ୍ଦ୍ର ଏବଂ ଜିଲା ସଭାପତି କାନ୍ଦ୍ରା ସୋରେନଙ୍କ ସମେତ ଅନେକ ଭାଜପା ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ତେବେ ଖରାପ ପାଗ ଯୋଗୁଁ ଜିଲାର ଯଶିପୁର,ରାଇରଂଗପୁର, ବାଂଗରିପୋଷି, ସାରସକଣା ଓ ଉଦଳାରେ ହେବାକୁ ଥିବା ବିଜୟ ସଂକଳ୍ପ ସଭାରେ ସେ ଉପସ୍ଥିତ ରହିପାରୁ ନ ଥିବାରୁ ଧର୍ମେନ୍ଦ୍ର ଦୁଃଖ ପ୍ରକାଶ କରିଛନ୍ତି ।



ମୋରଡ଼ାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ।

# ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ୍‌ରୁମ

ଭୁବନେଶ୍ୱର,୨୬।୫(ଅନିଲ ଦାସ)

**ଇଭିଏମ୍‌ରେ ୩ ପର୍ଯ୍ୟାୟ ପ୍ରାର୍ଥୀଙ୍କ ଭାଗ୍ୟ**
**ଜଗିଛନ୍ତି ପ୍ରାର୍ଥୀଙ୍କ ପ୍ରତିନିଧି**

ରାଜ୍ୟରେ ୩ଟି ପର୍ଯ୍ୟାୟରେ ୭୫% ମତଦାନ ଶେଷ ହୋଇଛି। ଏଥିରେ ମୋଟ ୧୫ଟି ଲୋକ ସଭା ଓ ଏହା ଅଧୀନରେ ଥିବା ୧୦୫ ବିଧାନସଭା ପାଇଁ ଭୋଟ ଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଉଭୟ ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ଦଳର ବହୁ ହେଭିୱେଟ ପ୍ରାର୍ଥୀମାନଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଭୋଟ ଗ୍ରହଣ ଶେଷ ହୋଇ ଯାଇଥିବାରୁ ଜିଲାସ୍ତରରେ ହୋଇଥିବା ବିଭିନ୍ନ ଷ୍ଟ୍ରଙ୍ଗ୍‌ରୁମ ଉପରେ ନିର୍ବାଚନ କମିଶନ କଡ଼ା ନଜର ରଖିଛନ୍ତି। ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ୍‌ରୁମରେ ରଖାଯାଇଛି। କେନ୍ଦ୍ର, ରାଜ୍ୟ ସଶସ୍ତ୍ର ବଳ ସହିତ ସିସିଟିଭି ନଜରରେ ଏହାକୁ ରଖାଯାଇଛି। ଷ୍ଟ୍ରଙ୍ଗ୍‌ରୁମକୁ ତ୍ରିସ୍ତରୀୟ ସୁରକ୍ଷା ଯୋଗାଇ ଦିଆଯାଇଛି। କେନ୍ଦ୍ରୀୟ ସଶସ୍ତ୍ର ବଳ, ରାଜ୍ୟ ପୋଲିସ ଜଗି ରହିଥିବା ବେଳେ ସିସିଟିଭି ଜରିଆରେ ଷ୍ଟ୍ରଙ୍ଗ୍‌ରୁମଗୁଡ଼ିକ ଉପରେ ନିର୍ବାଚନ କମିଶନ ତୀକ୍ଷ୍ଣ ନଜର ରଖିଛନ୍ତି। ଏଥିସହିତ ପ୍ରାର୍ଥୀମାନଙ୍କର ପ୍ରତିନିଧିମାନେ ମଧ୍ୟ ଷ୍ଟ୍ରଙ୍ଗ୍‌ରୁମକୁ ଜଗି ରହିଛନ୍ତି। ସେମାନଙ୍କ ରହିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେତେକ ସ୍ଥାନରେ ବିଧାୟକମାନେ ମଧ୍ୟ ଷ୍ଟ୍ରଙ୍ଗ୍‌ରୁମକୁ ଜଗି ରହିଥିବା ଜଣାପଡ଼ିଛି।

ତୃତୀୟ ପର୍ଯ୍ୟାୟରେ ୬ ଲୋକ ସଭା କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ସମେତ ଏହା ଅଧୀନରେ ଥିବା ୪୨ ବିଧାନସଭା ଆସନ ପାଇଁ ଶନିବାର ଭୋଟ ଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ହେଭିୱେଟ ନେତା ଧର୍ମେନ୍ଦ୍ର ପ୍ରଧାନ, ପ୍ରଣବ ପ୍ରକାଶ ଦାସ, ଭର୍ତ୍ତୃହରି ମହତାବ, ସଂତୃପ୍ତ ମିଶ୍ର, ସମ୍ବିତ ପାତ୍ର, ଅରୂପ ପଟ୍ଟନାୟକ, ଅପରାଜିତା ଷଡ଼ଙ୍ଗୀ, ମନ୍ମଥ ରାଉତରାୟ, ୟାସିର ନୱାଜ, ବିଧାନସଭାର ବହୁ ହେଭିୱେଟ୍‌ଙ୍କ ସମେତ ୪୪୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ୍)ରେ ସିଲ୍ ହୋଇଛି। ଆସନ୍ତା ଜୁନ ୧ ତାରିଖରେ ରାଜ୍ୟରେ ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୬ ଲୋକ ସଭା ସମେତ ୪୨ ବିଧାନସଭାରେ ଭୋଟ ଗ୍ରହଣ କରାଯିବ। ଶେଷ ପର୍ଯ୍ୟାୟ ମତଦାନ ହୋଇଥିବାରୁ ଏହି ଆସନ ଉପରେ ଉଭୟ ଭାଜପା ଓ ବିଜେଡି ପୂରା ଦମ୍ ଲଗାଇ ଦେଇଛନ୍ତି।

# 'ଦୁଇ ତୃତୀୟାଂଶ ଆସନ ଜିତି ସରକାର ଗଢ଼ିବ ଭାଜପା'



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କନକବର୍ଦ୍ଧନ ସଂଦେଓ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

ଓଡ଼ିଶାରେ ୩ୟ ପର୍ଯ୍ୟାୟ ନିର୍ବାଚନ ସରିଛି। ଏଥର ଭାଜପା ଦୁଇ ତୃତୀୟାଂଶ ଆସନ ଜିତି ସରକାର ଗଢ଼ିବାକୁ ଯାଉଛି ବୋଲି ଗଣମାଧ୍ୟମ ଏବଂ ଜନମତର ଆଭିମୁଖ୍ୟରୁ ଜଣାପଡ଼ିଛି। ଜୁନ୍ ୪ରେ ଏହା ସ୍ପଷ୍ଟ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆହୁରି ଗୋଟିଏ ପର୍ଯ୍ୟାୟ ନିର୍ବାଚନ ବାକିଥିବା ସତ୍ତ୍ୱେ ସରକାର ଗଢ଼ିବା ପାଇଁ ଆବଶ୍ୟକ ହେଉଥିବା ମ୍ୟାଜିକ ନମ୍ବର ଭାଜପା ହାସଲ କରିପାରିଛି ବୋଲି ପୂର୍ବତନ ଭାଜପା ରାଜ୍ୟ ସଭାପତି କନକବର୍ଦ୍ଧନ ସିଂ ଦେଓ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କନକବର୍ଦ୍ଧନ କହିଛନ୍ତି, ଗତ ୨୫ ବର୍ଷ ମଧ୍ୟରେ ବିଜେଡି ସରକାର ୨୪ଟି କମିଶନ ବସାଇଥିଲେ। ମାତ୍ର ଏହା ଭିତରୁ କୌଣସି ଗୋଟିଏର ତଦନ୍ତ ରିପୋର୍ଟ ଲୋକଲୋଚନକୁ ନ ଆଣି ଚାପି ଦେଇଥିଲେ। ଏହି କମିଶନ ପାଇଁ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ପ୍ରତି କମିଶନରେ ୩ରୁ ୪ କୋଟି ଟଙ୍କା ହିସାବରେ ୨୪ଟି କମିଶନ ପାଇଁ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ଦୁଃଖର ବିଷୟ, ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଜେଡି ସରକାର କ୍ୟାବିନେଟ୍ କିମ୍ବା ବିଧାନସଭାକୁ ନେଇ ନ ଥିଲା। ରାଜ୍ୟରେ ଭାଜପା ସରକାର ଆସିଲେ ବିଜେଡି ସରକାର ଅମଳରେ ଯେଉଁ ୨୪ଟି କମିଶନ ବସାଯାଇଥିଲା ତା'ର ରିପୋର୍ଟ ସାର୍ବଜନୀନ କରାଯିବ। ରତ୍ନଭଣ୍ଡାର ପ୍ରସଙ୍ଗରେ ହାଇକୋର୍ଟର ନିର୍ଦ୍ଦେଶ ପରେ ବି ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନାହିଁ। ଭାଜପା ସରକାର ହେଲେ ରତ୍ନଭଣ୍ଡାର ତଥ୍ୟ ୩ ମାସ ମଧ୍ୟରେ ସାର୍ବଜନୀନ କରାଯିବ। ଏହାର ଚାବି କୁଆଡେ ଗଲା ତାହାର ମଧ୍ୟ ତଦନ୍ତ କରାଯାଇ ଓଡ଼ିଶାର ଜନସାଧାରଣଙ୍କୁ ଅବଗତ କରାଯିବ। ବିଜେଡି ସରକାର ପକ୍ଷରୁ ଚାପି ଦିଆଯାଇଥିବା ଖଣି ଦୁର୍ନୀତି ଘଟଣା ଉପରେ ତଦନ୍ତ କରାଯିବ। ୨୦୦୯ ଓ ୨୦୧୦ରେ ଏହି ଦୁର୍ନୀତି ଭାଜପା ପ୍ରଥମେ ବିଧାନସଭାରେ ଉଠାଇଥିଲା। ମାତ୍ର ରାଜ୍ୟ ସରକାର ସେତେବେଳେ ଏହି ପ୍ରସଙ୍ଗକୁ ଚାପି ଦେବାକୁ ସମ୍ପୂର୍ଣ୍ଣ ଚେଷ୍ଟା କରିଥିଲେ। ଏହି ଦୁର୍ନୀତି ୨ ପ୍ରକାର ଥିଲା। ଗୋଟିଏ ହେଲା ଯେଉଁମାନେ ଲିଜ୍‌ରେ ଖଣି ନେଇଥିଲେ, ସେମାନେ ଅବଧି ସରିଗଲା ପରେ ପୁନଃ ପଞ୍ଜୀକରଣ ପାଇଁ ଆବେଦନ କରି ଖଣି ବିଭାଗକୁ ନିଜ ପ୍ଲାନ ଦେଖାଇ ଖନନ କାର୍ଯ୍ୟ କରୁଥିଲେ। ଅନ୍ୟଟି ହେଲା, ଖଣି ଲିଜ୍ ନ ଥାଇ ମଧ୍ୟ କେତେ ଜଣ ଖଣିରୁ ଲଗାତର ଚୋରି କରୁଥିଲେ। ଏ ବିଷୟରେ ଭାଜପା ପକ୍ଷରୁ ଉଠାଯାଇଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ ଅଣଦେଖା କରିଥିଲେ। ଏନେଇ ଶାହା କମିଶନ ବସାଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟରେ ଆସି ନ ଥିଲା। ଏହି କେଳେଙ୍କାରୀ ପ୍ରସଙ୍ଗକୁ ଭାଜପା ପୁଣିଥରେ ଲୋକଲୋଚନକୁ ଆଣି ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବ। ସେହିପରି ଚିଟ୍‌ଫଣ୍ଡ ଦୁର୍ନୀତିରେ ହିତାଧିକାରୀମାନେ ହରାଇଥିବା ଟଙ୍କା କିପରି ସେମାନଙ୍କୁ ମିଳିବ ସେନେଇ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ଚିଟ୍‌ଫଣ୍ଡ ଦୁର୍ନୀତି ପ୍ରସଙ୍ଗରେ ସେତେବେଳେ କହିଥିଲେ, ଚିଟ୍‌ଫଣ୍ଡ ପାଇଁ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି। ଯେଉଁମାନେ ଚିଟ୍‌ଫଣ୍ଡରେ ଟଙ୍କା ହରାଇଛନ୍ତି ସେମାନଙ୍କୁ କର୍ପସ ଫଣ୍ଡରୁ ଟଙ୍କା ଫେରସ୍ତ କରାଯିବ। ମାତ୍ର ଏହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ଥିଲା। ଏହି କର୍ପସ ଫଣ୍ଡ ଟଙ୍କା କୁଆଡ଼େ ଗଲା ତାହାର ତଦନ୍ତ କରାଯାଇ ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କନକବର୍ଦ୍ଧନ କହିଛନ୍ତି।

# ବିଜେଡିରେ ରାଇରଙ୍ଗପୁର ଜେଏମ୍‌ଏମ୍ ନେତା, କର୍ମୀ

ଭୁବନେଶ୍ୱର,୨୬।୫ (ଅନିଲ ଦାସ)

ମୟୂରଭଞ୍ଜ ଜିଲା ଅନ୍ତର୍ଗତ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଜେଏମ୍‌ଏମ୍‌ର ବହୁ ନେତା ଓ କର୍ମୀ ରବିବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ପାତ୍ର ଉପଢୌକନ ଦିଆଯାଇ ସ୍ୱାଗତ କରାଯାଇଛି। ଜେଏମ୍‌ଏମ୍‌ର ନେତା ଓ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଜେଏମ୍‌ଏମ୍ ନେତା ସ୍ୱରୂପ କୁମାର ମହାନ୍ତ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବେ। ଦଳରେ ସେ ଓ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ ଜେଏମ୍‌ଏମ୍ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବିକାଶ ମହାନ୍ତ, ମୁକୁନ୍ଦର ମହାନ୍ତ, ଯାକବ୍ଦୁ ସୋରେନ, ରାଜା କାରୁଆ, ଶିବ ମହାନ୍ତ, ହରମୋହନ ମହାନ୍ତ, ଅସିତ୍ ମହାନ୍ତ, ରାଜକିଶୋର ମହାନ୍ତ, ସୁମନ୍ତ ଦାସ, ବଳରାମ ମୁର୍ମୁ, ତୁଷାର ମହାନ୍ତଙ୍କ ସହ ଶତାଧିକ ଜେଏମ୍‌ଏମ୍ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ବିଜେଡି ୮୦ରୁ ୮୫ ଆସନରେ ବିଜୟ ହାସଲ କରିସାରିଛି: ପାଣ୍ଡିଆନ

ଭୁବନେଶ୍ୱର,୨୬।୫ (ଅନିଲଦାସ)

ବିଜେଡି ଉଭୟ ଲୋକ ସଭା ଓ ବିଧାନସଭାରେ ୮୦ରୁ ୮୫ ପ୍ରତିଶତ ଆସନରେ ବିଜୟ ହାସଲ କରିସାରିଛି ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସେ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଓ ଲୋକଙ୍କ ଆଶୀର୍ବାଦରେ ବିଜେଡି ବଡ଼ ବିଜୟ ହାସଲ କରି ସରକାର ଗଠନ କରିବ। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ବିଜେଡି ସରକାର ଗଠନ କରିସାରିଛି। ଭୁବନେଶ୍ୱରରେ ରେକର୍ଡ ମତଦାନ ହୋଇଛି। ମଧ୍ୟବିତ୍ତଙ୍କ ପାଇଁ ଯୋଜନା ଓ ଯୁବ ବଜେଟ ଲୋକଙ୍କ ହୃଦୟକୁ ଛୁଇଁଛି। ସବୁଠି ବିଜେଡି ସପକ୍ଷରେ ଜନମତ ରହିଛି। ମୁଖ୍ୟମନ୍ତ୍ରୀଙ୍କ ମଧ୍ୟବିତ୍ତଙ୍କ ପ୍ଲାନ ଯୋଗୁ ଭୋଟ ହାର ବଢ଼ିଛି। ସେହିପରି ଇଣ୍ଡିଆ ମେଣ୍ଟ ସହ ଆଲୋଚନା ସମ୍ପୂର୍ଣ୍ଣ ମିଛ ବୋଲି ପାଣ୍ଡିଆନ କହିଛନ୍ତି।

# ୪୦ ହଜାର ବଙ୍ଗୀୟ ଭୋଟର ଉପରେ ସମସ୍ତଙ୍କ ନଜର


ବିଜେଡି ପ୍ରାର୍ଥୀ
ଅତନୁ ସବ୍ୟସାଚୀ ନାୟକ।


କଂଗ୍ରେସ ପ୍ରାର୍ଥୀ
ଲୋକନାଥ ମହାରଥୀ।


ଭାଜପା ପ୍ରାର୍ଥୀ
ଦୁର୍ଗା ପ୍ରସନ୍ନ ନାୟକ।

ମହାକାଳପଡ଼ା,୨୬।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମହାକାଳପଡ଼ା ବ୍ଲକର ୩୧ ଓ ମାର୍ଶାଘାଇ ବ୍ଲକର ୧୭ ପଞ୍ଚାୟତକୁ ମିଶାଇ ମୋଟ ୪୮ ପଞ୍ଚାୟତରେ ୨ ଲକ୍ଷ ୫୩ ହଜାରରୁ ଅଧିକ ଭୋଟର ରହିଛନ୍ତି। ତେବେ ସମୁଦ୍ରକୂଳିଆ ପଞ୍ଚାୟତ ଭାବେ ପରିଚିତ ବତୀଘର, ଖରିନାଶି, ରାମନଗର, ଜମ୍ବୁ, ସୁନିତି, ନାଞ୍ଚୁରା, କେବି ଦାଣ୍ଡୁଆ, ବଉଳକଣି, ପେଟଛେଲା ଆଦି ପଞ୍ଚାୟତରେ ୪୦ ହଜାରରୁ ଅଧିକ ବଙ୍ଗୀୟ ଭୋଟର ରହିଛନ୍ତି। ଏହି ଭୋଟକୁ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଅଣ୍ଟା ଭିଡ଼ିଛନ୍ତି।

ଏହି ପଞ୍ଚାୟତରେ ଶାସକ ଦଳର ପ୍ରଭାବ ଥିବାବେଳେ କଂଗ୍ରେସ ଓ ଭାଜପାର ନେତାମାନେ ତୁହାକୁ ତୁହା ବୈଠକ କରୁଛନ୍ତି। ଏହି ଅଞ୍ଚଳରେ ବହୁସଂଖ୍ୟାରେ ଗରିବ, ଖଟିଖିଆ, କୃଷକ, ମୂଲିଆ, ଆଦିବାସୀ ଓ ମତ୍ସ୍ୟଜୀବୀ ରହିଛନ୍ତି। ୨୦୦୯ରୁ କ୍ରମାଗତ ବିଜୟୀ ହୋଇଆସୁଥିବା ବିଜେଡିର ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏଥର ମଧ୍ୟ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାଜପା ପ୍ରାର୍ଥୀ ଯୁବ ନେତା ଦୁର୍ଗା ପ୍ରସନ୍ନ ନାୟକ ଓ କଂଗ୍ରେସର ନବାଗତ ଯୁବପ୍ରାର୍ଥୀ ଲୋକନାଥ ମହାରଥୀ। ବିଜେଡି ବିଧାୟକ ପ୍ରାର୍ଥୀ ନାୟକ ୨୪ ବର୍ଷର ରାଜନୈତିକ ଅନୁଭୂତିକୁ ପାଥେୟକରି ଗୋଟିଚାଳନା କରୁଛନ୍ତି। ସେହିପରି ନବାଗତ ଭାଜପା ପ୍ରାର୍ଥୀ ନାୟକ ଓ କଂଗ୍ରେସ ପ୍ରାର୍ଥୀ ମହାରଥୀ ମଧ୍ୟ ମାପିଚୁପି ଗୋଟିଚାଳନା କରୁଛନ୍ତି। ପ୍ରାର୍ଥୀମାନେ ସନ୍ଧ୍ୟାହେଲେ ସେମାନଙ୍କ ଦଳର କର୍ମୀମାନଙ୍କୁ ନେଇ ଛୋଟ ବଡ଼ ବୈଠକ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ମହିଳା ଗୋଷ୍ଠୀର ସଦସ୍ୟମାନେ ନିଜ ନିଜ ସପକ୍ଷ ପ୍ରାର୍ଥୀମାନଙ୍କ ପାଇଁ ବୈଠକ କରୁଥିବା ନଜରକୁ ଆସିଛି। ପ୍ରବାସରେ ଥିବା ବ୍ୟକ୍ତି, କାମଧନ୍ଦା କରିବାକୁ ଯାଇଥିବା ଭୋଟରମାନେ ଏବେଠୁ ଘରବାହୁଡ଼ା କରୁଥିବା ଦେଖିବାକୁ ମିଳୁଛି।

# ଭାଜପା ଶାସିତ ରାଜ୍ୟଠାରୁ ଓଡ଼ିଶାରେ ବିଜୁଳି ଦର କମ୍: ବିଜେଡି

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

ଓଡ଼ିଶାର ବିଜୁଳି ଦର ଭାଜପା ଶାସିତ ରାଜ୍ୟଗୁଡ଼ିକଠାରୁ କମ୍। ମାତ୍ର ଅପରପକ୍ଷରେ ଭାଜପାର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ମିଥ୍ୟା ତଥ୍ୟ ଉଦ୍ଦେଶ୍ୟମୂଳକ ଭାବେ ପରିବେଷଣ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ କିଛି ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାରେ ବିଜୁଳି ଉତ୍ପାଦନ ମୁଖ୍ୟତଃ ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ ସଂସ୍ଥା ଯଥା ଏନଟିପିସି ଦ୍ୱାରା କରାଯାଇଥାଏ । ଭାରତ ସରକାରଙ୍କ ନିୟମ ଅନୁଯାୟୀ ରାଜ୍ୟରେ ଉତ୍ପାଦିତ ହେଉଥିବା ବିଜୁଳି ମଧ୍ୟରୁ ବଳକା ବିଜୁଳି ଜାତୀୟ ଗ୍ରୀଡ଼କୁ ପ୍ରଦାନ କରାଯାଇଥାଏ ବୋଲି କଟକ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର କହିଛନ୍ତି।

ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂତୃପ୍ତ କହିଛନ୍ତି ଯେ, ସେଣ୍ଟ୍ରାଲ ଇଲେକଟ୍ରିସିଟି ରେଗୁଲେଟୋରି କମିଶନ (ସିଇଆରସି) ଏହାକୁ ବିଭିନ୍ନ ବିଦ୍ୟୁତ ନିଅଣ୍ଟିଆ ରାଜ୍ୟକୁ ସେମାନଙ୍କ ଚାହିଦା ଅନୁଯାୟୀ ପ୍ରଦାନ କରିଥାଏ। ଏହି ସଂସ୍ଥା ଦ୍ୱାରା ବିଦ୍ୟୁତ୍ ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଓଡ଼ିଶାରେ ଏନଟିପିସି ମାଧ୍ୟମରେ ପ୍ରାୟ ୪୬୦୦ ୟୁନିଟ ବିଜୁଳି ଉତ୍ପାଦନ ହେଉଥିବା ବେଳେ ଓଡ଼ିଶାକୁ ମାତ୍ର ୧୩୫୮ ୟୁନିଟ ବିଜୁଳି ମିଳିଥାଏ। ବଳକା ବିଜୁଳି ସିଇଆରସି ମାଧ୍ୟମରେ ଅନ୍ୟ ରାଜ୍ୟଗୁଡିକୁ ପ୍ରଦାନ କରାଯାଇଥାଏ। କେଉଁ ରାଜ୍ୟକୁ କେତେ ବିଜୁଳି ଦିଆଯିବ ଓ ଏହାର ୟୁନିଟ ପିଛା ମୂଲ୍ୟ କେତେ ରହିବ ତାହା ସିଇଆରସି ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ, ଭାଜପାର ଶୀର୍ଷ ନେତୃତ୍ୱଙ୍କ କରାଯାଇଥିବା ଅଭିଯୋଗ ଯଥା ଓଡ଼ିଶା ଦ୍ୱାରା ତାମିଲନାଡୁକୁ ଶସ୍ତା ଦରରେ ବିଜୁଳି ଯୋଗାଣ, କେବଳ ମିଥ୍ୟା ଓ କପୋଳକଳ୍ପିତ ନୁହେଁ ବରଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ। ଜାଣିଶୁଣି ନିର୍ବାଚନୀ ସଭାରେ ଏପରି ମିଥ୍ୟା ତଥ୍ୟ ପ୍ରଦାନ କରି କିଛି ଭୋଟ ହାତେଇବା ହେଉଛି ସେମାନଙ୍କ ଉଦ୍ଦେଶ୍ୟ। ଓଡ଼ିଶାରେ ଲାଗୁ ହୋଇଥିବା ବିଜୁଳି ଦର ଭାଜପା ଶାସିତ ରାଜ୍ୟଗୁଡିକ ତୁଳନାରେ କମ୍। ଓଡ଼ିଶାରେ ପ୍ରତି ୟୁନିଟ ବିଜୁଳି ୪ ଟଙ୍କା ୬୨ ପଇସାରେ ମିଳୁଥିବା ବେଳେ ମଧ୍ୟପ୍ରଦେଶରେ ଏହା ୫ ଟଙ୍କା ୭୩ ପଇସା, ଆସାମରେ ଏହା ୭ ଟଙ୍କା ୮୦ ପଇସା, ରାଜସ୍ଥାନରେ ଏହା ୮ ଟଙ୍କା ୩୮ ପଇସା, ବିହାରରେ ଏହା ୯ ଟଙ୍କା ୮୭ ପଇସା, ମହାରାଷ୍ଟ୍ରରେ ଏହା ୬ ଟଙ୍କା ୭୪ ପଇସା ଓ ଉତ୍ତରପ୍ରଦେଶରେ ଏହା ୯ ଟଙ୍କା ୮୮ ପଇସାରେ ମିଳୁଛି। ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଦ୍ରୁତ ଗତିରେ ଶିଳ୍ପାୟନ ହେଉଥିବାରୁ ବିଜୁଳି ଆବଶ୍ୟକତା ବି ବଢୁଛି ବୋଲି ସଂତୃପ୍ତ କହିଛନ୍ତି।

# ପ୍ରଧାନମନ୍ତ୍ରୀ ମାନସିକ ରୋଗରେ ପୀଡ଼ିତ: ଅଜୟ କୁମାର


କଂଗ୍ରେସଭବନଠାରେ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଓ ଅନ୍ୟ ଦଳୀୟ ନେତା।

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

ପରାଜୟ ଭୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନସିକ ସ୍ଥିତି ହରାଇ ବସିଲେଣି। ସେଥିପାଇଁ ସେ ଅତ୍ୟନ୍ତ ନିମ୍ନରୁଚିର କଥାବାର୍ତ୍ତା କରୁଛନ୍ତି। ଆଶାରାମ ବାପୁ, ରାମ ରହିମଙ୍କ ଭଳି ଭଣ୍ଡ ବାବାଙ୍କ ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିଜକୁ ଆତ୍ମଘୋଷିତ ଦିବ୍ୟ ପୁରୁଷ ବନାଇ ସାରିଲେଣି। ଏପରିକି ସେ ନିଜକୁ ଭଗବାନ ଭାବି ଲୋକଙ୍କୁ ଦିବ୍ୟ ସନ୍ଦେଶ ଦେବାକୁ ଯାଇ ଅତ୍ୟନ୍ତ ନିମ୍ନସ୍ତରର କଥା କହୁଛନ୍ତି, ଯାହାକି ଦେଶର ଜଣେ ପ୍ରଧାନମନ୍ତ୍ରୀଙ୍କ ମୁହଁରେ ଶୋଭନୀୟ ନୁହେଁ। ବିଭିନ୍ନ ସଭାସମିତି ଓ ଗଣମାଧ୍ୟମରେ ତାଙ୍କର କଥାବାର୍ତ୍ତା ଓ ଭାଷଣରୁ ଜଣାପଡୁଛି ଯେ, ସେ ମାନସିକ ରୋଗରେ ପୀଡ଼ିତ। ତାଙ୍କର ତୁରନ୍ତ ଚିକିତ୍ସା ଆବଶ୍ୟକ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି ଯେ, ମୋଦି ମଟନ, ମସଜିଦ୍, ମାଛ, ମୁଜୁରା ଓ ମଙ୍ଗଳସୂତ୍ର ଆଦି ଶବ୍ଦକୁ ନେଇ ଯେଭଳି ଭାଷଣ ଦେଉଛନ୍ତି, ତାହା ତାଙ୍କର ନିମ୍ନ ମାନସିକତାକୁ ଦର୍ଶାଉଛି। ଅନ୍ୟପଟେ ସବୁବେଳେ ନିଜକୁ ଭଗବାନ ରାମଙ୍କ ବଡ଼ ଭକ୍ତ ବୋଲି ପ୍ରଚାର କରିଆସୁଥିବା ଭାଜପାର ଲୋକମାନେ ମୋଦିଙ୍କୁ ଭଗବାନ ରାମଙ୍କଠାରୁ ବଡ଼ ବୋଲି ଭାବିଲେଣି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ପୁରୀର ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ କଥାରୁ ଏହା ଜାଣି ହେଉଛି। ସ୍ୱାଧୀନତା ପରଠାରୁ ଅଦ୍ୟାବଧି ଏଭଳି ନିମ୍ନସ୍ତରର ରାଜନୀତି କୌଣସି ବ୍ୟକ୍ତି କରିନାହାନ୍ତି ବୋଲି ଅଜୟ କହିଛନ୍ତି।

# ବିଜେଡିକୁ ଚିନ୍ତା ନିମାପଡ଼ା, ଚାନ୍ଦବାଲି

ଭୁବନେଶ୍ୱର,୨୬।୫(ଅନିଲଦାସ)

ରାଜ୍ୟରେ ଆସନ୍ତା ଜୁନ ୧ ତାରିଖରେ ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ହେବାକୁ ଥିବା ଭଦ୍ରକ ଜିଲାର ଚାନ୍ଦବାଲି ଓ ନିମାପଡା ବିଧାନସଭା ଆସନ ବିଜେଡି ପାଇଁ ଚିନ୍ତାର କାରଣ ହୋଇଛି। ନିମାପଡ଼ାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ଭାଜପାକୁ ଯିବା ପରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଏହି ଆସନରେ ବିଜେଡି ଦିଲ୍ଲୀପ ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାଜପାରୁ ପ୍ରଭାତୀ ପରିଡ଼ା ଏବଂ କଂଗ୍ରେସରୁ ସିଦ୍ଧାର୍ଥ ରାଉତରାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଆସନ ଲାଗି ବିଜେଡି ୮ ନେତାଙ୍କୁ ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତ କରିଛି। ସେମାନେ ହେଲେ ସୁଭାଶିଷ ଖୁଣ୍ଟିଆ, ଉମାକାନ୍ତ ସାମନ୍ତରାୟ, ରୁଦ୍ର ପ୍ରତାପ ମହାରଥୀ, ରମା ରଞ୍ଜନ ବଳିଆରସିଂହ, ସଂଗ୍ରାମ ପାଇକରାୟ, କମଳ ପାତ୍ର, ସୁନୀଲ ମହାନ୍ତି ଓ ଦିବାକର ପାତ୍ର। ସମୀର କାଳେ ସମୀକରଣ ବଦଳାଇ ଦେବେ ଓ ନିମାପଡ଼ା ଆସନ ଭାଜପା ଖାତାକୁ ଚାଲିଯିବ ଏବେ ବିଜେଡିକୁ ସେହି ଚିନ୍ତା ଘାରିଛି। ବିଜେଡି ଟିକେଟରୁ ୩ ତିନି ଥର ବିଧାୟକ ହୋଇଥିବା ସମୀରଙ୍କୁ ଦଳ ଏଥର ଭରସା କରି ନ ଥିଲା। ସେଥିପାଇଁ ସମୀର ଅସନ୍ତୁଷ୍ଟ ଥିଲେ। ଅନେକ ହଜାର କର୍ମୀଙ୍କୁ ନେଇ ବାରମ୍ବାର ଶକ୍ତି ପ୍ରଦର୍ଶନ କରି ବିଜେଡି ପ୍ରାର୍ଥୀ ବଦଳାଇବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏଥିରେ ସେ ସଫଳ ହୋଇ ପାରି ନ ଥିଲେ। ଶେଷରେ ସେ ଭାଜପାରେ ଯୋଗ ଦେଇଥିଲେ। ସମୀର ଭାଜପାରେ ଯୋଗ ଦେବା ପରେ ପ୍ରଭାତୀଙ୍କ ବିଜୟ ସମ୍ଭାବନା ବଢ଼ି ଯାଇଥିବା ନେଇ ଆଲୋଚନା ହେଉଛି। ସମୀରଙ୍କୁ ଚେକ ଦେବାକୁ ବିଜେଡିର ଏହି ୮ ନିର୍ବାଚନ ସଂଯୋଜକ ଏବେ ନିର୍ବାଚନ ମଣ୍ଡଳୀରେ ଡେରା ପକାଇ ସାରିଲେଣି। ଯଦି ଭାଜପା ପ୍ରାର୍ଥୀ ବିଜୟୀ ହୁଅନ୍ତି ତେବେ ସମସ୍ତ ଶ୍ରେୟ ସମୀରଙ୍କୁ ଯାଇ ପାରେ। ସମୀର ମଧ୍ୟ ନିଜର ପତିଆର ବଜାୟ ରଖିବାକୁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ପଣ କରିଥିବା କୁହାଯାଉଛି। ସେଠାରେ ଭାଜପା ଓ ବିଜେଡି ମଧ୍ୟରେ ରୋଚକ ଲଢେଇ ହେବାକୁ ଯାଉଛି।

ଅନ୍ୟ ପକ୍ଷରେ ଭଦ୍ରକ ଜିଲାର ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟ ବିଜେଡି ଓ ଭାଜପା ପାଇଁ ସମ୍ମାନର ବିଷୟ ହୋଇଛି। ଏଠାରେ ବିଜେଡିରୁ ବ୍ୟୋମକେଶ ରାୟ ଓ ଭାଜପାରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ମଧ୍ୟରେ କଡା ଟକ୍କର ହେଉଛି। ଭାଜପା ପାଇଁ ଏହି ଆସନ ସମ୍ମାନର ବିଷୟ ହୋଇଥିବା ବେଳେ ବିଜେଡି ଏହାକୁ ହରାଇବାକୁ ଚାହୁଁ ନାହିଁ। ମନମୋହନ ମଧ୍ୟ ଏହି ଆସନରୁ ବିଜୟୀ ହେବାକୁ ସମସ୍ତ କଳ, ବଳ କୌଶଳ ଖଟାଉଛନ୍ତି। ଅନ୍ୟ ପକ୍ଷରେ ଏହି ଆସନକୁ ହାତଛଡା ନ କରିବାକୁ ବିଜେଡି ମଧ୍ୟ ନୂତନ ରଣ କୌଶଳ ଆପଣାଇଛି। ଏହି ନିର୍ବାଚନ ମଣ୍ଡଳୀ ପାଇଁ ୮ ଜଣଙ୍କୁ ନିର୍ବାଚନ ସଂଯୋଜକ ନିଯୁକ୍ତ କରିଛି। ସେମାନେ ହେଲେ ଚନ୍ଦ୍ର ସାରଥି ବେହେରା, ପ୍ରଶାନ୍ତ ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ଜଗନ୍ନାଥ ନାୟକ, ମାଧବ ସର୍ଦ୍ଦାର, ପ୍ରକାଶ ଚନ୍ଦ୍ର ବେହେରା, ଦେବପ୍ରିୟ ପାତ୍ର ଏବଂ ରାକେଶ ରାମ। ଏହି ସଂଯୋଜକମାନେ ଚାନ୍ଦବାଲିରେ ଡେରା ପକାଇବା ଆରମ୍ଭ କରି ଦେଇଛନ୍ତି।

# ନିଃସର୍ତ୍ତ ନ ଛାଡ଼ିଲେ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଭାଜପା ନେତୃବୃନ୍ଦ।

ଖୋର୍ଦ୍ଧା,୨୬।୫(ପ୍ରଭାତ ପାଣିଗ୍ରାହୀ)

## ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫ ପ୍ରସଙ୍ଗରେ ଭାଜପାର ଚେତାବନୀ

ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରୀକୁ ବିରୋଧ କରିଛି ଭାଜପା। ରବିବାର ପଲ୍ଲା ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଲୋକସଭା ପ୍ରଭାରୀ ଜୀବନ ସାହୁ କହିଛନ୍ତି, ଜଗଦ୍ଦେବଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ଯଦି ସେ ବୁଥରେ ଇଭିଏମ୍ ଭଙ୍ଗାରୁଜା କରିଛନ୍ତି, ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ସତ କ'ଣ ଜନତା ଜାଣିବା ଆବଶ୍ୟକ। ସୋମବାର ସକାଳ ୭ଟା ସୁଦ୍ଧା ଜଗଦ୍ଦେବଙ୍କୁ ନିସର୍ତ୍ତ ଛଡ଼ା ନ ଗଲେ ପୂର୍ବାହ୍ନ ୧୦ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ଜାତୀୟ ରାଜପଥ ଅବରୋଧ କରାଯିବ। ଆବଶ୍ୟକ ପଡ଼ିଲେ ଖୋର୍ଦ୍ଧା ଜିଲା ବନ୍ଦ ଡାକରା ଦିଆଯିବ ବୋଲି ଜୀବନ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ଜଗଦ୍ଦେବଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ କୌଣସି ତଦନ୍ତ ନ କରାଯାଇ କିପରି ପୋଲିସ ଗଜଦ୍ଦେବଙ୍କୁ ଗିରଫ କରି ଜେଲକୁ ପଠାଇଲା ବୋଲି ପ୍ରଶ୍ନ କରିଛନ୍ତି। ଜଣେ ଡିଏସ୍‌ପି ଶାସକଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଏନେଇ ତାଙ୍କ ବିରୋଧରେ ଭାରତର ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରାଯାଇଛି। ବିରୋଧୀ ଦଳର ପ୍ରରୋଚନାରେ ଜଗଦ୍ଦେବଙ୍କୁ ବଦନାମ କରିବା ପାଇଁ କେତେଜଣ ଯୁବକ ବୁଥ ଭିତରେ ପଶି ଗଣ୍ଡଗୋଳ କରିବା ସହ ଇଭିଏମକୁ ଫିଙ୍ଗି ଦେଇଥିଲେ। ତେବେ ସେହି ସମୟରେ ଜଗଦ୍ଦେବ ବିଧାୟକ ପାଇଁ ଭୋଟ ଦେଇସାରିବା ପରେ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପୋଲିଂ ଅଧିକାରୀଙ୍କୁ ଚିରିକୁଟି ଦେବା ସମୟରେ କଥାବାର୍ତ୍ତା ହେଉଥିବା ବେଳେ ଏହାକୁ ବୁଥରେ ଉତ୍ତେଜନା ରୂପ ଦିଆଯାଇଛି ବୋଲି ଲୋକ ସଭା ପ୍ରଭାରୀ ସାହୁ କହିଛନ୍ତି। ସେହିପରି ଏହି ଘଟଣାର ସିସିଟିଭି ଫୁଟେଜ ଯାଞ୍ଚ ଓ ତଦନ୍ତ କରାଯାଇ ସାର୍ବଜନୀନ କରାଯାଉ ବୋଲି ଖୋର୍ଦ୍ଧା ବିଧାୟକ ତଥା ଭାଜପା ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ନାରୀନେତ୍ରୀ ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣ୍ଡାଙ୍କୁ ଦଳକୁ ସ୍ୱାଗତ କରୁଛି ଭାଜପା: ବିଜେଡି

ଭୁବନେଶ୍ୱର, ୨୬।୫(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଗୁଣ୍ଡା, ଜମି ଜବରଦଖଲକାରୀ, ଠକ ଓ କଳାଧନ କାରବାର କରୁଥିବା ଲୋକଙ୍କୁ ଓଡ଼ିଶା ଭାଜପା ନିୟମିତ ଭାବେ ଦଳରେ ସ୍ୱାଗତ କରୁଛି। କେବଳ ସେମାନଙ୍କୁ ସ୍ୱାଗତ କରିନାହିଁ ବରଂ ଟିକେଟ ମଧ୍ୟ ଦେଇଛି ବୋଲି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଶଙ୍ଖଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ଆପରାଧିକ କାର୍ଯ୍ୟକଳାପ ପାଇଁ ବିଜେଡିରୁ ଜଗଦ୍ଦେବ ବହିଷ୍କୃତ ହୋଇଛନ୍ତି। ସେ ଜଣେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି। ଶନିବାର ସେ ଇଭିଏମ୍ ଭାଙ୍ଗି ପ୍ରିଜାଇଡିଂ ଅଫିସର ଓ ପୋଲିଂ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଭୁବନେଶ୍ୱର ଲୋକ ସଭାର ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ବୋଲଗଡ଼ର ଏକ ପୋଲିଂ ବୁଥ୍‌ରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହାୟତାରେ ସେ ସେଠାରୁ ଫେରାର ହୋଇଯାଇଥିଲେ, ଯିଏ କି ତାଙ୍କୁ କାର୍‌ରେ ଫେରାର ହେବାକୁ ସାହାଯ୍ୟ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖି ନ ଥିବାରୁ ଜଗଦ୍ଦେବଙ୍କୁ ବେଗୁନିଆରୁ ତାଙ୍କ ସହ ପଳାଇଯିବାକୁ ସୁନିଶ୍ଚିତ କରିଥିଲେ। ଆମେ ଦେଖୁଛୁ ଯେ ନିର୍ବାଚନ ଋତୁରେ ଅନେକ କେନ୍ଦ୍ରୀୟ ନେତା ପର୍ଯ୍ୟଟକ ଭାବେ ଓଡ଼ିଶା ଆସୁଛନ୍ତି ଏବଂ ରାଜ୍ୟ ଭାଜପା ନେତାମାନେ ସେମାନଙ୍କୁ ଦେଇଥିବା ଲେଖାକୁ ଶୁଆ ଭଳି ଦୋହରାଉଛନ୍ତି। ଓଡ଼ିଶା ଭାଜପା ଅପରାଧୀଙ୍କୁ ସ୍ୱାଗତ କରି ଟିକେଟ ଦେବାର ନୀତି ବିଷୟରେ ସେମାନେ ବୋଧହୁଏ ଅଜ୍ଞ। ଏହି କେନ୍ଦ୍ରୀୟ ନେତାମାନେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହୁଛନ୍ତି। ଏହା ଶୁଣି ସମଗ୍ର ରାଜ୍ୟବାସୀ ହସୁଛନ୍ତି। କାରଣ ଦୁଇ କେନ୍ଦ୍ରୀୟ ନେତା କେନ୍ଦ୍ରାପଡ଼ାରେ ପ୍ରଚାର କରି ଜମି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଛନ୍ତି ବୋଲି କହିବା ସହ ବୈଜୟନ୍ତ ପଣ୍ଡାଙ୍କ ପାଇଁ ଭୋଟ ମାଗିଥିଲେ। ଆଜି ଜମି ଜବରଦଖଲକାରୀଙ୍କ ମଧ୍ୟରେ ବୈଜୟନ୍ତ ସବୁଠୁ ଆଗରେ ଅଛନ୍ତି। ତାଙ୍କ କମ୍ପାନୀ ଅନୁସୂଚିତ ଜାତିର ଲୋକଙ୍କଠାରୁ ବେଆଇନ ଭାବେ ଜମି ଜବରଦଖଲ କରିଛି। ଏଥିପାଇଁ ତାଙ୍କ ବିରୋଧରେ ଏକ ମାମଲା ମଧ୍ୟ ରହିଛି। ସେହିଭଳି ତାଙ୍କ ମାଲିକାନାରେ ଥିବା ଟିଭି ଚ୍ୟାନେଲ ସରକାରୀ ଜମିକୁ ଜବରଦଖଲ କରିଛି। ବୈଜୟନ୍ତଙ୍କୁ ଦଳରୁ ହଟାଇ ଦେଇଥିଲା ବିଜେଡି। କିନ୍ତୁ ଭାଜପା ତାଙ୍କୁ ନିଜ ଦଳରେ ସାମିଲ କରିଛି। ସେମାନେ ନିଜ ଦଳର ନେତାଙ୍କୁ ଅବହେଳା କରିଥିଲେ ଏବଂ ଓଡ଼ିଶା ଭାଜପା ଏହି ଜମି ଜବରଦଖଲକାରୀଙ୍କୁ ଟିକେଟ୍ ଦେଇଥିଲେ। ଭାଜପା ଏମିତି ଏକ ଦଳ ଯିଏ ଗୁଣ୍ଡା, ଜମି ଦଖଲକାରୀ, ଠକ ଏବଂ କଳାଧନ କାରବାର କରୁଥିବା ଲୋକଙ୍କୁ ଖୋଲା ହୃଦୟରେ କୋଳେଇ ନେବା ସହିତ ଦଳୀୟ ଟିକେଟ ଦେଇଥାଏ ବୋଲି ସସ୍ମିତ କହିଛନ୍ତି।

# ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶୁଭମ୍ ସାଇ

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ଶୁଭମ୍ ସାଇ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ଦଳ ପକ୍ଷରୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ଖରାପ ପାଗ ଯୋଗୁ ୫ ନିର୍ବାଚନମଣ୍ଡଳୀରେ ପ୍ରଚାର କରିପାରିଲେନି ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମୟୂରଭଞ୍ଜ ଲୋକ ସଭା କ୍ଷେତ୍ରର ୬ଟି ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଆୟୋଜିତ 'ବିଜୟ ସଂକଳ୍ପ ସଭା' ସମେତ ବାରିପଦା ସହରରେ ରୋଡ୍ ଶୋ'ରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଖରାପ ପାଗ ଯୋଗୁ ୫ଟି ନିର୍ବାଚନମଣ୍ଡଳୀ ଯଥା ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷୀ, ସାରସକଣା ଓ ଉଦଳାରେ ହେବାକୁ ଥିବା ନିର୍ବାଚନସଭାରେ ସେ ଯୋଗ ଦେଇପାରିଲେ ନାହିଁ। କେବଳ ସଡକପଥରେ ଯାଇ ମୋରଡ଼ାରେ ବିଜୟ ସଂକଳ୍ପ ସଭା ଓ ବାରିପଦାରେ ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କାର୍ଯ୍ୟକ୍ରମ କରିଛନ୍ତି। ଯେଉଁ ସଭାରେ ଯୋଗ ନ ଦେଇପାରିବେ ସେନେଇ ଧର୍ମେନ୍ଦ୍ର ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ, ଖରାପ ପାଗ ଯୋଗୁ ମୟୂରଭଞ୍ଜର ଯଶୀପୁର, ରାଇରଙ୍ଗପୁର, ବାଙ୍ଗିରିପୋଷୀ, ସାରସକଣା ଓ ଉଦଳାରେ ହେବାକୁ ଥିବା ଦଳର 'ବିଜୟ ସଂକଳ୍ପ ସଭା'ରେ ଯୋଗଦେଇ ପାରୁନାହିଁ। ଏଥିପାଇଁ ସେ ଦୁଃଖିତ। ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି।

# ଔପଦା ବିଜେଡି ବ୍ଲକ ସଭାପତି ନିଲମ୍ବିତ

ଭୁବନେଶ୍ୱର,୨୬।୫(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ସଭାପତି ଅଶୋକ କୁମାର ପ୍ରଧାନଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ରବିବାର ବିଜେଡି ପକ୍ଷରୁ ଏ ନେଇ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସେହିପରି ଶୁଭମ୍ ସାଇ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# 'ହିନ୍ଦୋଳରେ ମହିଳାଙ୍କୁ ବିଜେଡି ବଳପୂର୍ବକ ପ୍ରବର୍ତ୍ତାଇବା ନିନ୍ଦନୀୟ'

ଭୁବନେଶ୍ୱର, ୨୬।୫(ସୁନିତ ମିଶ୍ର)

## ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଡିଜିଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଅପିଲ୍

ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଳରେ ବିଜେଡି ନେତା ଜଣେ ମହିଳାଙ୍କୁ ବିଜେଡିକୁ ଭୋଟ୍ ଦେବା ପାଇଁ ବଳପୂର୍ବକ ପ୍ରବର୍ତ୍ତାଇବା ଏବଂ ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୋଲିସ ଡିଜି ସମ୍ପୃକ୍ତ ବିଜେଡି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ 'ଏକ୍ସ'ରେ ଜଣେ ମହିଳାଙ୍କ ପ୍ରତିକ୍ରିୟାର ଏକ ଭିଡିଓକୁ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ୨୫ ବର୍ଷର ନବୀନ ସରକାରରେ ମହିଳାମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ନବୀନ ବାବୁଙ୍କ ଶାସନରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଗରିମାର ଏଭଳି ସ୍ଥିତି ହୋଇଛି। ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଳରେ ଘଟିଥିବା ଅଭାବନୀୟ ଘଟଣା ତା'ର ଏକ ଜ୍ୱଳନ୍ତ ପ୍ରମାଣ। ଭୋଟ ଦେବା ସମସ୍ତଙ୍କ ନିଜସ୍ୱ ଅଧିକାର। କିନ୍ତୁ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ବଳପୂର୍ବକ ବାଧ କରିବା ଏବଂ ପ୍ରତିବାଦ କଲେ ହିଂସାକୁ ଆପଣାଇବା ବିଜେଡି ନେତାଙ୍କ ପୁରୁଣା ଅଭ୍ୟାସ, ଯାହା ଦୁର୍ଭାଗ୍ୟଜନକ। ଗଣତନ୍ତ୍ର ଅଧିକାରକୁ ବଳପୂର୍ବକ ଛଡ଼ାଇ ନେବା ତଥା ମହିଳାଙ୍କ ସମ୍ମାନ ପ୍ରତି ଏପରି ଉଦାସୀନତା ମନୋଭାବ ୨୫ ବର୍ଷ ରିମୋଟ କଣ୍ଟ୍ରୋଲ ସରକାରର ବିଫଳତାର ନମୁନା। ନବୀନ ବାବୁଙ୍କ ପାଖ ଲୋକ ହିଁ ତାଙ୍କୁ ଅସହାୟ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ସହ ବନ୍ଧକ କରି ରଖିଛନ୍ତି। ସେ ଏବେ ଗଣତନ୍ତ୍ରକୁ ବନ୍ଧକ ବନାଇବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ମାତୃଶକ୍ତିଙ୍କ ପ୍ରତି ଏଭଳି ଉପେକ୍ଷା ଏବଂ ଅଶାଳୀନ ବ୍ୟବହାରକୁ ଓଡ଼ିଶା ଲୋକମାନେ କେବେ ବରଦାସ୍ତ କରିବେ ନାହିଁ। ଓଡ଼ିଆ ଅସ୍ମିତାର ଏପରି ଉପହାସ ପାଇଁ ନବୀନ ବାବୁ ଓ ବିଜେଡିକୁ ଓଡ଼ିଶାବାସୀ ଖୁବଶୀଘ୍ର କଡ଼ା ଜବାବ ଦେବେ। ଏହି ଘଟଣାରେ ପୋଲିସ ଡିଜି ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

# ରାଜ୍ୟବାସୀ ପରିବର୍ତ୍ତନ ମନସ୍କ: ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଯାଜପୁର,୨୬।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ରବିନାରାୟଣ ବେହେରା ଶାସକ ଦଳର ବିଭିନ୍ନ ଦୁର୍ନୀତି ଏବଂ ଅବହେଳା ସମ୍ପର୍କରେ ବିଷୋଦଗାର କରିଛନ୍ତି। ଯାଜପୁର ରୋଡ୍‌ର ଏକ ହୋଟେଲରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶାସକ ଦଳର ନେତାମାନଙ୍କ ମନମାନି ଏଥର ସୀମା ଲଙ୍ଘିଛି। ଚଳିତ ନିର୍ବାଚନରେ ଜନସାଧାରଣ ଲଢୁଛନ୍ତି। ସେମାନେ ପରିବର୍ତ୍ତନ କରିବାକୁ ମନସ୍ଥ କରି ସାରିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାଧାରଣ ମତଦାତା ଚଳିତ ନିର୍ବାଚନରେ ମତଦାନ କରିବାକୁ ଯାଉଛନ୍ତି। ଜିଲାରେ ଲଘୁ ଖଣିଜ ସମ୍ପଦ ବାଲି, କଳାପଥର, ମାଙ୍କଡାପଥର ପ୍ରଭୃତିକୁ ଶାସକ ଦଳର ନେତାମାନେ ଲୁଟ୍ କରୁଛନ୍ତି। ଏହାସହ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଦିଗରେ ବିଜେଡି ବିଫଳ ହୋଇଛି। ମୋଦି ସରକାର ଓଡ଼ିଶାକୁ ବହୁ ଗୁରୁତ୍ୱ ଦେଇ ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି। ଯାଜପୁର ଜିଲାର ଚଣ୍ଡିଖୋଲଠାରେ ପ୍ରସ୍ତାବିତ ତୈଳଭଣ୍ଡାର ପ୍ରକଳ୍ପ ନିର୍ମାଣ କରିବାକୁ ରାଜ୍ୟ ସରକାର ଜମି ଯୋଗାଇଦେଲେ ନାହିଁ। ଫଳରେ ସେହି ପ୍ରକଳ୍ପ ଏଯାଏ ଫାଇଲ ତଳେ ପଡ଼ି ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତି ବଦଳରେ ରାଜ୍ୟ ବାହାରର ଲୋକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ସବୁଠି ଅଣଓଡ଼ିଆ ଠିକାସଂସ୍ଥା ନିୟୋଜିତ ହେଉଥିବା ଦେଖିବାକୁ ମିଳିଛି। କଳିଙ୍ଗନଗରରେ ଏଯାଏ ବୈଷୟିକ ବିଶ୍ୱବିଦ୍ୟାଳୟ ହୋଇପାରିଲା ନାହିଁ। ସବୁକ୍ଷେତ୍ରରେ ବିଜେଡି ସରକାର ବିଫଳ ହୋଇଛି। ତେଣୁ ଭାଜପା ସରକାର ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ସଂଯୋଜକ କାହ୍ନୁଚରଣ ଦାଶ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା ଏବଂ ଦୁର୍ନୀତି ସମ୍ପର୍କରେ ଆଲୋକପାତ କରିଛନ୍ତି।

# ଜିଲାପାଳ ବିଜେଡି ଜିଲା ସଭାପତି ଭାବେ କାର୍ଯ୍ୟ କରୁଛନ୍ତି: ଅଜୟ

ଭଦ୍ରକ,୨୬।୫(ସନାତନ ରାଉତ)



ଖବରଦାତା ସମ୍ମିଳନୀରେ ଲୋକ ସଭା ପ୍ରଚାର କମିଟି ଅଧକ୍ଷ ଅଜୟ ନାୟକଙ୍କ ସହ ଭାଜପା ନେତା।

ଭଦ୍ରକ ନେହେରୁ ଷ୍ଟାଡିୟମର ଉନ୍ନତୀକରଣ ପାଇଁ ୫ ବର୍ଷ ସମୟ ଲାଗିଗଲା। ଶେଷ ବେଳକୁ କୋଲକାତାରୁ ଘାସ ଓ ପାଣି ସିଞ୍ଚନ ମେଶିନ ଆଣି ଷ୍ଟାଡିୟମରେ ବିଛା ଯାଇଥିଲା। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଉନ୍ନତୀକରଣ କରାଯାଇଥିବା ଷ୍ଟାଡିୟମକୁ ଏବେ ଖୋଳାଯାଇ ହେଲିପ୍ୟାଡ୍ ପ୍ରସ୍ତୁତ କରାଯାଉଛି। ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ଭଦ୍ରକ ଗସ୍ତ ପାଇଁ ନେହେରୁ ଷ୍ଟାଡିୟମକୁ ହେଲିପ୍ୟାଡ୍ ନିମନ୍ତେ ଜିଲାପାଳ କିପରି ଅନୁମତି ଦେଲେ ବୋଲି ଖବରଦାତା ସମ୍ମିଳନୀରେ ଭାଜପା ଭଦ୍ରକ ଲୋକ ସଭା ପ୍ରଚାର କମିଟି ଅଧକ୍ଷ ଅଜୟ ନାୟକ ପ୍ରଶ୍ନ କରିଛନ୍ତି।

ରବିବାର ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କହିଛନ୍ତି, ୫-ଟି ସଚିବ ଥିବା ସମୟରେ ପାଣ୍ଡିଆନ ଭଦ୍ରକ ଗସ୍ତରେ ଆସିଥିବା ବେଳେ ନେହେରୁ ଷ୍ଟାଡିୟମରେ ହେଲିପ୍ୟାଡ୍ ହୋଇଥିଲା, ସେତେବେଳେ ଏହାକୁ ବିରୋଧ କରାଯାଇଥିଲା। ଏବେ ଜିଲାପାଳ ବିଜେଡିର ଜିଲା ସଭାପତି ଭଳି କାର୍ଯ୍ୟ କରୁଛନ୍ତି। ନିର୍ବାଚନ ନିରପେକ୍ଷ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ତାଙ୍କର ବଦଳି ପାଇଁ ନିର୍ବାଚନ କମିଶନରଙ୍କୁ ଅଭିଯୋଗ କରାଯାଇଛି। ସେହିପରି ପୁରୀ ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ସାର୍ବଜନୀନ କରାଯାଉ ବୋଲି ଦାବି କରିଛନ୍ତି। ପାଣ୍ଡିଆନ ବିଜେଡି ଇସ୍ତାହାର କମିଟିରେ ନ ଥାଇ ଦୁଇ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ସମସ୍ତ ଲୋକଙ୍କ ପାଇଁ ବିଏସ୍‌କେୱାଇ କାର୍ଡ କିପରି ଘୋଷଣା କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଜିଲାବାସୀଙ୍କ ପ୍ରମୁଖ ଦାବିକୁ ରାଜ୍ୟ ସରକାର ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ଏଥର ନିର୍ବାଚନରେ ଭାଜପାକୁ ବହୁମତ ମିଳିବା ସହ ରାଜ୍ୟ ଓ କେନ୍ଦ୍ରରେ ସରକାର ଗଠନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା କ୍ଷେତ୍ର ସଂଯୋଜକ ଈଶ୍ୱର ଚନ୍ଦ୍ର ବେହେରା, ନାରୀନେତ୍ରୀ ରଞ୍ଜିତା ସ୍ୱାଇଁ, ଅମ୍ବିକା ପ୍ରସନ୍ନ ଦାଶ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସମ୍ବେଦନଶୀଳ ବୁଥ୍ ଚିହ୍ନଟରେ ଅନିୟମିତତା

ଯାଜପୁର,୨୬।୫
(ହର୍ଷବର୍ଦ୍ଧନ ବେହେରା)

## ଯାଜପୁର ସଂସଦୀୟ କ୍ଷେତ୍ର

## ପଦକ୍ଷେପ ନେବାକୁ ଇସିଆଇଙ୍କ ନିର୍ଦ୍ଦେଶ

ଯାଜପୁର ସଂସଦୀୟ କ୍ଷେତ୍ରରେ ୧,୬୩୭ ବୁଥ୍ ମଧ୍ୟରୁ ୨୮୧ଟି ସମ୍ବେଦନଶୀଳ ବୋଲି ଚିହ୍ନଟ ହୋଇଛି। ତେବେ ସମ୍ବେଦନଶୀଳ ବୁଥ୍ ଚିହ୍ନଟ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଇଲେକ୍ସନ କମିଶନ ଅଫ୍ ଇଣ୍ଡିଆ (ଶନିବାର)ଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଇସିଆଇଙ୍କ ପକ୍ଷରୁ ଗମ୍ଭୀରତାର ସହ ଗ୍ରହଣ କରାଯାଇଛି। ଏହାସହ ନ୍ୟାଶନାଲ ଗ୍ରିଭାନ୍ସ ସର୍ଭିସେସ୍(ଏନଜିଏସ୍) ପୋର୍ଟାଲ ଓ ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଅଧିକାରୀଙ୍କୁ ସୂଚନା ଦିଆଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇସିଆଇଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏ ସମ୍ପର୍କରେ ଇସିଆଇଙ୍କ ପକ୍ଷରୁ ଅଭିଯୋଗକାରୀଙ୍କୁ ମଧ୍ୟ ସୂଚନା ଦିଆଯାଇଛି।

ସାମାଜିକ କର୍ମୀ ପ୍ରତାପ କୁମାର ଜେନା ଶନିବାର ଇସିଆଇଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଯାଜପୁର ଜିଲା ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ୩୯ ସମ୍ବେଦନଶୀଳ ବୁଥ୍ ଥିବା ସରକାରୀ ଭାବେ ଦର୍ଶାଯାଇଛି। କିନ୍ତୁ ସେଥିରୁ ଅର୍ଦ୍ଧାଧିକ ବୁଥ୍ ସମ୍ବେଦନଶୀଳ ନୁହେଁ। ସେଠାରେ ଅନାବଶ୍ୟକ ଭାବେ ସିସିଟିଭି ସ୍ଥାପନ କରି ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ବାସ୍ତବରେ ଏହାଠାରୁ ବହୁ ଅଧିକ ସମ୍ବେଦନଶୀଳ ବୁଥ୍‌କୁ ବାଦ୍ ଦିଆଯାଇଛି। ଫଳରେ ସେହି ବୁଥ୍‌ଗୁଡ଼ିକରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ। ଏହାର ନିୟନ୍ତ୍ରଣ ଓ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପୂର୍ବ ଅନୁଭୂତି ଅନୁଯାୟୀ, ବର୍ତ୍ତମାନର ସର୍ବେକ୍ଷଣ ଏବଂ ଗୋଇନ୍ଦା ରିପୋର୍ଟରେ ୩୨ଟି ବୁଥ୍ ପ୍ରକୃତରେ ଅତ୍ୟଧିକ ସମ୍ବେଦନଶୀଳ ଏବଂ ଏହି ବୁଥ୍‌ଗୁଡ଼ିକରେ ସର୍ବାଧିକ ବୁଥ୍ ରିଗିଂ ହେବା ଆଶଙ୍କା ରହିଛି। ସେଗୁଡ଼ିକ ହେଲା ସୁକିନ୍ଦା ବ୍ଲକ ଟିଙ୍ଗୁଡିପାଳ ପଞ୍ଚାୟତର ଦେଓଗାଁ, ଅର୍ଡାପାଲ, ରଗଡା, ବେଣାଗାଡିଆ-୧, ବେଣାଗାଡିଆ-୨, ଟିଙ୍ଗୁଡିପାଳ-୧, ଟିଙ୍ଗୁଡିପାଳ-୨, କାଳିଆପାଣି ପଞ୍ଚାୟତର ଗୁରୁଜଙ୍ଗ, କାଳିଆପାଣି-୧, କାଳିଆପାଣି-୨, କାଳିଆପାଣି-୩, କାଳିଆପାଣି-୪, ରାଁସୋଲ ପଞ୍ଚାୟତର କଳରଙ୍ଗିଅଟା-୧, କଳରଙ୍ଗିଅଟା-୨, କଳରଙ୍ଗିଅଟା-୩, କଳରଙ୍ଗିଅଟା-୪, ରାଁସୋଲ, ମହୁଲଖାଲ ଓ କୁସୁମୁଣ୍ଡିଆ, କିଆଝର ପଞ୍ଚାୟତର ଚମ୍ପାଝର ଓ ଟମକା, ଉଛବାଲି ପଞ୍ଚାୟତର ସନ୍ତରଗଡିଆ ଓ ଗୌଡବାହାଲି, ଚାନ୍ଦିଆ ପଞ୍ଚାୟତର ଚାନ୍ଦିଆ, ମାନ୍ତିରା ପଞ୍ଚାୟତର ରାବଣା-୧, ରାବଣା-୨ ଓ ଦଶମାଣିଆ, ଯଖପୁରା ପଞ୍ଚାୟତର ଯଖପୁରା-୧, ଯଖପୁରା-୨, ଯଖପୁରା-୩ ଓ ଯଖପୁରା-୪ ଏବଂ ଖପୁରିଆପଦା ପଞ୍ଚାୟତର ଚକୁଆ ବୁଥ୍। କେତେକ ବୁଥ୍‌ର ଫଟୋ ଇସିଆଇ ପୋର୍ଟାଲର ସିଭିଜିଲ୍ ଏଭିଡେନ୍ସରେ ଅପ୍‌ଲୋଡ କରାଯାଇ ଅଭିଯୋଗ ହୋଇଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ସମ୍ବେଦନଶୀଳ ବୁଥ୍‌ଗୁଡ଼ିକୁ ଚିହ୍ନଟ କରିଥିବା ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀମାନେ ଶାସକ ଦଳର ଚାପରେ ଜାଣିଶୁଣି ମିଛ ରିପୋର୍ଟ ଦେଇଛନ୍ତି। ଫଳରେ ବାସ୍ତବ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସେମାନେ ମନମାନି କରିପାରିବେ। କେବଳ ସୁକିନ୍ଦା ବ୍ଲକ, ନୁହେଁ ଜିଲାର ଅନ୍ୟାନ୍ୟ କେତେକ ବ୍ଲକ ଅଞ୍ଚଳରେ ମଧ୍ୟ ବାସ୍ତବ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକୁ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ ଅନିୟମିତତା ସମ୍ବନ୍ଧରେ ସର୍ବସାଧାରଣ ସ୍ପଷ୍ଟୀକରଣ ପ୍ରଦାନ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ଏହିପରି ଘଟଣା ଯେପରି ନ ହୁଏ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅଭିଯୋଗକାରୀ ଆବେଦନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସିପି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ୧୨୭ ରନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଫାଇନାଲ ୪୦ ଓଭର ବିଶିଷ୍ଟ ହୋଇଥିଲା। ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାରାମାଉଣ୍ଟ ୩୯.୪ ଓଭରରେ ୨୦୫ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ପ୍ରିୟାଂଶୁ ନାୟକ ସର୍ବାଧିକ ୬୯ ଓ ସିଦ୍ଧାର୍ଥ ଶଙ୍କର ବେହେରା ୩୧ ରନ କରିଥିଲେ। ବିପକ୍ଷ ଦଳର ଆହ୍ୱାନ ମିଶ୍ର ୩ଟି ଏବଂ ଶୁଭ୍ରକାନ୍ତ ପରିଡ଼ା, ହରିବଂଶ ଭୂୟାଁ ଓ ସ୍ୱସ୍ତିକ ଘୋଷାଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୬ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ସ୍ପୋର୍ଟିଂ ୩୦.୨ ଓଭରରେ ୭୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଆକାଶ ସାହୁ ସର୍ବାଧିକ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ଶୁଭମ୍ ପରିଡ଼ା ୪ଟି ଏବଂ ବିଜୟ ସିଂ ଓ ସ୍ୱସ୍ତିକ ଚୌଧୁରୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ପାରାମାଉଣ୍ଟର ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଏହା ବ୍ୟତୀତ ଏହି ଦଳର ପ୍ରାନ୍ତିକ ପ୍ରିୟାଂଶୁ ନାୟକ ପ୍ଲେୟର ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ଉଇକେଟ କିପର, ସ୍ୱାଗତ ସୌରଭ ମିଶ୍ର ଶ୍ରେଷ୍ଠ ବ୍ୟାଟର ପୁରସ୍କାର ପାଇଥିଲେ। ରାମେଶ୍ୱରର ଆହ୍ୱାନ ମିଶ୍ର ଶ୍ରେଷ୍ଠ ବୋଲର, କୁମାର ଆର୍ଯ୍ୟନ ସ୍ୱାଇଁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନରଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ବିଜେଇଏମ୍ ସ୍କୁଲ ଚେୟାରମ୍ୟାନ ରଘୁନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ରଣଜୀ ତାରକା ରଶ୍ମି ରଞ୍ଜନ ପରିଡ଼ା ଓ ପାରାମାଉଣ୍ଟ ସ୍ପୋର୍ଟିଂ ପରାମର୍ଶଦାତା କେ.ସି. ପାତ୍ର ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ପାରାମାଉଣ୍ଟ କ୍ଲବ ସଭାପତି ପ୍ରତାପ କୁମାର ଜେନା, ସମ୍ପାଦକ ଅଶୋକ କୁମାର ପାତ୍ର, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳର ଖେଳାଳି।

### ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ ଉଦ୍‌ଯାପିତ

# ଜାତୀୟ ସିନିୟର ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ


ଜାତୀୟ ସିନିୟର ସଫ୍ଟ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

ପଞ୍ଜାବର ମୋହାଲିଠାରେ ୨୧ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୨୯ରୁ ଜୁନ୍ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଦଳ ମୋହାଲି ଯାତ୍ରା କରିବା ପୂର୍ବରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ ଓ ସତୀଶ କୁମାର ବିଶ୍ୱକର୍ମା ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଜମ ନିଜେ ଦଳର କୋଚ୍ ଥିବାବେଳେ ମଧୁସ୍ମିତା ବେହେରା ଦଳର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳ(ପୁରୁଷ): ଅଜିତ ଶବର (ଅଧିନାୟକ), ବଳଦେବ କ୍ରିଶାନି, ମହମ୍ମଦ ଅମନ, ଅଂଶୁମାନ ବାବୁ, ରଜତ କୁମାର ରଇତା ଓ ଶିବ ବିରୁଆ। ଓଡ଼ିଶା ଦଳ(ମହିଳା): ଜେରି ସିଂଘାଣିଆ (ଅଧିନାୟକ), ଲକ୍ଷ୍ମୀପ୍ରିୟା ଦାସ, ପ୍ରଲିପ୍ତା ବଳିୟାରସିଂ, ସ୍ୱାଗତିକା ମହାପାତ୍ର, ବୁସ୍ରା ପରୱିନ ଓ ଉମ୍ରା ଅଲ୍ଲୀ ପରୱିନ।



ଧ-୨୭୫

# ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ୍‌ରୁ ଓହରିଲେ ନୀରଜ



**ନୂଆଦିଲ୍ଲୀ, ୨୬।୫(ପି.ଟି.)**

ମାଂସପେଶୀରେ ଇଞ୍ଜୁରି ଯୋଗୁ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ଜାଭେଲିନ୍ ଥ୍ରୋୟର ଭାରତର ନୀରଜ ଚୋପ୍ରା ଚେକ୍ ରିପବ୍ଲିକ୍‌ରେ ଚଳିତ ମାସ ୨୮ରେ ହେବାକୁଥିବା ଓଷ୍ଟ୍ରାଭା ଗୋଲ୍‌ଡେନ ସ୍ପାଇକ୍ ୨୦୨୪ ଆଥ୍‌ଲେଟିକ୍ସ ମିଟ୍‌ରୁ ଓହରି ଯାଇଛନ୍ତି। ଦୁଇ ସପ୍ତାହ ପୂର୍ବେ ଟ୍ରେନିଂ ନେଉଥିବା ବେଳେ ତାଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଚଳିତ ସିଜନରେ ଦୁଇଟି ପ୍ରତିଯୋଗିତା ଦୋହା ଡାଇମଣ୍ଡ ଲିଗ୍ ଓ ଫେଡେରେଶନ କପ୍‌ରେ ଭାଗ ନେଇଛନ୍ତି। ୨୬ ବର୍ଷୀୟ ଆଥଲେଟ୍ କିନ୍ତୁ ଏହି ସମ୍ମାନ୍‌ଜକ ଇଭେଣ୍ଟରେ ଅତିଥି ଭାବେ ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ନୀରଜଙ୍କ ୨୦୨୪ ସିଜନରେ ଭଲ ପ୍ରଦର୍ଶନ ରହିଛି। ଗତ ମେ' ୧୦ରେ ଦୋହା ଡାଇମଣ୍ଡ ଲିଗ୍‌ରେ ୮୮.୩୬ ମିଟର ଥ୍ରୋ କରି ରୌପ୍ୟ ଜିତିଥିଲେ। ପରେ ସେ ଘରୋଇ ପ୍ରତିଯୋଗିତାକୁ ଫେରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ମେ' ୧୫ରେ ସେ ୮୨.୨୭ ମିଟର ଥ୍ରୋ କରି ଡିପି ମନୁଙ୍କ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ନୀରଜଙ୍କଠାରୁ ପଦକ ଆଶା କରାଯାଉଛି। ଏଥିସହ ଟୋକିଓ ଅଲିମ୍ପିକ୍ସରେ ପାଇଥିବା ସ୍ୱର୍ଣ୍ଣ ପଦକକୁ ସେ ବଜାୟ ରଖିବେ ବୋଲି ଆଶା ମଧ୍ୟ ରହିଛି।

# ମହିଳା ଦଳ ପୁଣି ହାରିଲା

**ଆଣ୍ଟୱେର୍ପ, ୨୬।୫ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକି ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳର ପରାଜୟ ଧାରା ଜାରି ରହିଛି। ରବିବାର ବେଲଜିୟମ ପର୍ଯ୍ୟାୟ ଅନ୍ତିମ ମ୍ୟାଚ୍‌ରେ ଦଳ ଆର୍ଜେଣ୍ଟିନାଠାରୁ ୦-୩ ଗୋଲ୍‌ରେ ହାରିଯାଇଛି। ବିଜୟୀ ଦଳ ପକ୍ଷରୁ ସେଲିନା ଡି' ସାନ୍ତୋ (୧ମ ମିନିଟ), ମାରିଆ କାମ୍ପଏ (୩୯ତମ) ଓ କାରିଆ ଗ୍ରାନାଟୋ (୪୭ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ଭାରତକୁ ତୃତୀୟ କ୍ୱାର୍ଟର ଖେଳରେ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ମାତ୍ର ନବନିତ କୌରଙ୍କ ଶଟ୍‌କୁ ବାର୍ବେରି ଅଟକାଇ ଦେଇଥିଲେ। ଭାରତୀୟ ମହିଳା ଦଳ ବର୍ତ୍ତମାନ ଏହାର ପରବର୍ତ୍ତୀ ମ୍ୟାଚ ଜୁନ୍ ୧ରେ ଲଣ୍ଡନଠାରେ ଜର୍ମାନୀକୁ ଭେଟିବ।

# ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ ଓଡ଼ିଶା ସ୍କେଟିଂ ଏକାଡେମୀ

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

ଓଡ଼ିଶା ସ୍କେଟିଂ ଏକଡେମୀ ଏକ ବିରଳ ସଫଳତା ହାସଲ ଦିଗରେ ଅଗ୍ରସର ହୋଇଛି। କର୍ନାଟକର ବେଲଗାଁଓସ୍ଥିତ ଶିବ ଗଙ୍ଗା ରୋଲର ସ୍କେଟିଂ ରେ ୭୨ ଘଣ୍ଟା ନନ୍-ଷ୍ଟପ୍ ରୋଲର ସ୍କେଟିଂ ରିଲେରେ ଅଂଶଗ୍ରହଣ କରି ଏହି ଏକାଡେମୀ ଗିରିଜ ୱାର୍ଲ୍ଡ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛି। ଜଣେ ଜାତୀୟ ସ୍ତରର ଖେଳାଳି, ଓଡ଼ିଶା ସ୍କେଟିଂ ସ୍ପୋର୍ଟ୍ସର ପ୍ରତିଷ୍ଠାତା ତଥା ରାଜ୍ୟ ସମ୍ପାଦକ ପାର୍ଥ ସାରଥି ଜେନା ଓଡ଼ିଶାର ୧୮ ଜଣିଆ ଦଳର ନେତୃତ୍ୱ ନେଉଛନ୍ତି। କର୍ନାଟକରେ ଏକାଡେମୀ ଗିନିଜ ୱାର୍ଲ୍ଡ ରେକର୍ଡ କରିବାନେଇ ସେ ଦୃଢ଼ ନିଶ୍ଚିତ ଥିବା ପାର୍ଥ ସାରଥି ପ୍ରକାଶ କରିଛନ୍ତି। **ଓଡ଼ିଶା ଦଳ:** ବିରେନ କୁମାର, ସାୟେଶା ମହାନ୍ତି, ଆର୍ଯ୍ୟନ ଓଝା, ଆଧ୍ୟା ତୋଶାନି, ସନ୍ଦିପ ସାହୁ, ରୋହିତ ଭୋଇ, ସାଇ ଶ୍ରୀୟାଂଶୁ ରାଉତ, ଅଦ୍ୱେତ କୁମାର ନାଥ, ଆୟୁଷ ଜେନା, ସୁଦୀକ୍ଷା ସ୍ୱାଇଁ, ଶ୍ରବଣ ପ୍ରକାଶ, ପ୍ରତୀଲ ଅର୍ନବ ଜେନା, ଅଶ୍ଳେଷ ନାୟକ, ହର୍ଷିତ କୁମାର ମାଲି, ତରୁଣିକା ଅର୍ଥନରି, ରିଶ୍ୱନ୍ତ ଅର୍ଥନରି, ପାର୍ଥ ସାରଥି ଜେନା।


ଗିନିଜ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ କର୍ନାଟକ ଯାତ୍ରା କରିଥିବା ଓଡ଼ିଶା ରୋଲର ସ୍କେଟିଂ ଦଳ।

# ପି.ଭି. ସିନ୍ଧୁ ରନରଅପ୍

### ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

**କୁଆଲାଲମ୍ପୁର, ୨୬।୫(ପି.ଟି)**

ଭାରତୀୟ ଷ୍ଟାର ସଟ୍‌ଲର ପି.ଭି. ସିନ୍ଧୁ ମାଲେସିଆ ମାଷ୍ଟର୍ସ ଫାଇନାଲରେ ଚାଇନାର ୱାଙ୍ଗ ଝି ୟିଙ୍ଗଠାରୁ ପରାଜିତ ହୋଇଛନ୍ତି। ଅନ୍ତିମ ସେଟ୍‌ରେ ୧୧-୩ରେ ଆଗୁଆ ଥିବାବେଳେ ସିନ୍ଧୁ ଟାଇଟଲ ହାତଛଡ଼ା କରିଥିଲେ। ୭୯ ମିନିଟ୍ ଧରି ଚାଲିଥିବା ଫାଇନାଲକୁ ସିନ୍ଧୁ ୨୧-୧୬, ୫-୨୧ ଓ ୧୬-୨୧ ସେଟ୍‌ରେ ହାରି ଯାଇଥିଲେ। ୨୦୨୨ରେ ସେ ଶେଷଥର ପାଇଁ ସିଙ୍ଗାପୁର ଓପନ୍ ଓ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୩ରେ ମାଡ୍ରିଡ୍ ଓପନ୍‌ରେ ରନରଅପ୍ ରହିଥିବା ସିନ୍ଧୁଙ୍କ ଟାଇଟଲ ଆଶା ଅଧୁରା ରହିଛି। ଅଲିମ୍ପିକ୍ସ ପୂର୍ବରୁ ଏହି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିବା ନିଶ୍ଚିତ ଭାବେ ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ।

ବିଶ୍ୱ ମାନ୍ୟତାର ୧୫ ନମ୍ବର ସ୍ଥାନରେ ଥିବା ସିନ୍ଧୁ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସେଟ୍‌କୁ ୨୧-୧୬ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ୱାଙ୍ଗ ଝି ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଏକତରଫା ୫-୨୧ରେ ବିଜୟ ହାସଲ କରିଥିଲେ। ତେବେ ନିର୍ଣ୍ଣାୟକ ତୃତୀୟ ସେଟ୍‌ରେ ଝୁଣ୍ଟିଥିଲେ ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ସିନ୍ଧୁ। ଏକଦା ୧୧-୩ରେ ଆଗୁଆ ରହିଥିଲେ ମଧ୍ୟ ସିନ୍ଧୁ ଏହାର ଫାଇଦା ନେଇପାରି ନ ଥିଲେ। ୱାଙ୍ଗ ଝି ୨୧-୧୬ରେ ଏହି ସେଟ୍‌କୁ ଜିତିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ରନରଅପ୍ ରହିଥିଲେ ମଧ୍ୟ ଏହା ଆଗାମୀ ଦିନରେ ଆତ୍ମବିଶ୍ୱାସ ପ୍ରଦାନ କରିବ ବୋଲି କହିଛନ୍ତି ସିନ୍ଧୁ।



# କୋହଲି, ହାର୍ଦ୍ଦିକ ପରେ ଯୋଗଦେବେ

**ନ୍ୟୁୟର୍କ, ୨୬।୫(ପି.ଟି):** ଟି୨୦ କ୍ରିକେଟ ବିଶ୍ୱକପ ୨୦୨୪ ପାଇଁ ଭାରତୀୟ କ୍ରିକେଟ ଦଳର ପ୍ରଥମ ବ୍ୟାଚ୍ ଖେଳାଳି ଆମେରିକାରେ ପହଞ୍ଚିଛନ୍ତି। ଅଧିନାୟକ ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା, ଶିବମ ଦୁବେ, ରିଷଭ ପନ୍ତ, ସୂର୍ଯ୍ୟକୁମାର ଯାଦବ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ଅକ୍ଷର ପଟେଲ ଦଳ ସହିତ ରହିଛନ୍ତି। ରିଜର୍ଭ ଦଳରେ ସାମିଲ ଥିବା ଶୁବମନ ଗିଲ୍ ଓ ଖଲିଲ୍ ଅହମଦ ମଧ୍ୟ ଭାରତୀୟ ଦଳ ସହ ପହଞ୍ଚିଛନ୍ତି। ଇଂଲଣ୍ଡରେ ଅଭ୍ୟାସ କରୁଥିବା ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ଷ୍ଟାର କ୍ରିକେଟର ବିରାଟ କୋହଲି ପରବର୍ତ୍ତୀ ସମୟରେ ଭାରତୀୟ ଦଳ ସହ ଯୋଗ ଦେବେ। ନିକଟରେ ଆଇପିଏଲ୍ କ୍ୱାଲିଫାୟର୍ସ-୨ରୁ ବିଦାୟ ନେଇଥିବା ସଞ୍ଜୁ ସାମସନ୍, ୟୁଜବେନ୍ଦ୍ର ଚହଲ, ଆଭେଶ ଖାଁ ଓ ଯଶସ୍ୱୀ ଜୟସ୍ୱାଲ ସୋମବାର ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିବେ। ବାଂଲାଦେଶ ବିପକ୍ଷରେ ଭାରତ ଏହାର ଏକମାତ୍ର ଅଭ୍ୟାସ ମ୍ୟାଚ୍ ଖେଳିବ। ପାକିସ୍ତାନ ବିପକ୍ଷ ହାଇ ଭୋଲ୍ଟେଜ ମ୍ୟାଚ୍ ଜୁନ୍ ୯ରେ ଖେଳାଯିବ।

# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୨୬।୫ (ତପନ ସ୍ୱାଇଁ)**

କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ରବିବାର ଆୟୋଜିତ ୨୧ତମ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ଆଦିତ୍ୟ ଜେନା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆଦିତ୍ୟ ପୂରା ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆଶୁତୋଷ ବରାଳ ୪.୫ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନମସ୍ୟ ନଳିନୀ, ମ୍ରିଗଙ୍କ ଶେଖର, ନୈନିକା ସାହୁ, ଦୀପ୍ତିରଞ୍ଜନ ସାହୁ, ଶ୍ରୀୟାଂଶ ମହାପାତ୍ର, ଆୟୁଷ୍ମାନ ବେହେରା (ସମସ୍ତେ ୪ ପଏଣ୍ଟ), ସାଇ ଶଙ୍କର ଦାସ ଓ ଦିବ୍ୟାଂଶ ମହନ୍ତ (ଉଭୟେ ୩.୫) ଟପ୍-୧୦ ଫିନିଶ୍ କରିଛନ୍ତି। ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଏଜ୍ ଗ୍ରୁପ୍ ଏବଂ ୮ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ନଗର ଡିଏଭି ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଦ୍ୟୁମ୍ନ ପଟ୍ଟନାୟକ, ସିନିୟର କ୍ରୀଡ଼ା ଶିକ୍ଷକ ଏ. ରବି ଶଙ୍କର, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**Classified Everyday**
0674-2580101, 2549949


REAL ESTATE
SALE

Purchase single plot with boundarywall at Chandaka, Nakhara, Patrapada, Jatani gate immediate registration. 9439363944. D-75960

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅନ୍ତରରେ SC Plot 2000sqft. 28,00,000/-. 9114705579. D-75956


**Plot sale near Pitapalli, Janla, Tamando, Bhubaneswar Rs- 1299/- sqft. 6372670155.** D-75959

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Duplex sale at Bhubaneswar @ 57 lakhs only. Contact- 9777433701.** D-75958

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-381

7492 Sqft. plot for sale on Andharua-Daspur 30ft. Road at price of Rs.1500 / Sqft. Interested buyer may contact for details: 9668135323. D- 75746


FOR RENT

Shoproom (10'x10') 2 Nos. opposite Biju Patnaik College, Mainroad, Jayadevvihar, Bhubaneswar. Contact: 9938511622. D-380


Healthcare

Monalisa massage Club: All types Body massage with hiprofile smart lady rooms service available. 9708545108. D-376

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Newly open health benefits SPA special offer @ 999 Bapujinagar. 8018429809. D-76123

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ଁ ସଦାନନ୍ଦ ସାହୁ (ବିଟୁଲି ନନା)
ଏରେଇଁ, ଚରମ୍ପା, ଭଦ୍ରକ
ଆବିର୍ଭାବ -୧୦.୦୬.୧୯୩୮
ତିରୋଧାନ - ୩୦.୦୫.୨୦୨୧

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ। ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ : ସ୍ତ୍ରୀ-ଗଙ୍ଗାରାଣୀ, ଝିଅ-ତଗଲି, ଟିକନ, ସ୍ୱାଇଁ-ବିଜୟ, ଦେବ, ନାତି-ତପା, ବାପୁନା, ନାତୁଣୀ - ମାମୁନି, କୁନୁ, ପୁଅ ବୋହୂ ଓ ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ।

ଧ-୩୮୩

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା।
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଲରା




କଲରାରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହାର ମୁଖ୍ୟ ଭୂମିକା ଅଛି ବୋଲି ଜଣାପଡ଼ିଛି। 'କଲରା ଓ ରୋଗ ପ୍ରତିରୋଧକ ଶକ୍ତି' ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଏହାବ୍ୟତୀତ କଲରାରେ ଆଣ୍ଟି-ଅକ୍ସିଡାଣ୍ଟ୍ ଗୁଣ ଥିବାରୁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ଯିବାକୁ ଦିଏ ନାହିଁ। ଏଥିରେ ଭିଟାମିନ୍-ଏ ଭରିରହିଛି, ଯାହା ନୂଆ ଚର୍ମ ଗଠନରେ ସହାୟକ ହୋଇଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ପରି କାମ କରେ। ହୃଦ୍‌ଜନିତ ଏବଂ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଦରକାର। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ। କଲରା ଜୁସ୍ ମଧ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଂଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା। ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ ଏହା କିଛିମାତ୍ରାରେ ମଧ୍ୟ କମାଇଥାଏ। ଏହା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ଶରୀରରେ ଭିଟାମିନ୍ 'ଡି ଅଭାବ ହେଲେ...

ଭିଟାମିନ୍ 'ଡି' ଶରୀରରେ ହାଡ଼ ଓ ମାଂସପେଶୀକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହି ଭିଟାମିନ୍‌ର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ଗଭୀର କ୍ଷତି ପହଞ୍ଚାଏ ବୋଲି ୟୁନିଭର୍ସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ ଆବଶ୍ୟକତାଠାରୁ ଅଧିକ କମିଲେ ସଂପୃକ୍ତ ବ୍ୟକ୍ତିକୁ ହୃଦ୍‌ଘାତ ହେବା ସହ ରକ୍ତଚାପ ବହୁ ମାତ୍ରାରେ ବଢ଼ିଯାଏ। କେବଳ ସେତିକି ନୁହେଁ, ଶରୀରରେ ଭିଟାମିନ୍ 'ଡି'ର ଅଭାବ ପରିଲକ୍ଷିତ ହେଲେ ତାହା ସ୍ନାୟୁକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହାକୁ ସନ୍ତୁଳିତ ରଖିବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ପ୍ରଭୃତି ଖାଇବା ନିହାତି ଆବଶ୍ୟକ। ଯଦି ଏଭଳି ଭିଟାମିନ୍‌ର ଅଭାବ ଦେଖାଦିଏ ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ଇନ୍‌ସୁଲିନ୍ ରେଜିଷ୍ଟାନ୍ସ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ତାହାଛଡ଼ା ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନେ ଦୁର୍ବଳ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ। ତେଣୁ ଖାଦ୍ୟପେୟ ନିୟନ୍ତ୍ରଣ, ନିୟମିତ ବ୍ୟାୟାମ କରିବାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ନିଜର ଓଜନ କେତେ ରହିଛି ତାହା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାପି ନେବାକୁ ଭୁଲନ୍ତୁ ନାହିଁ।

# ଅଂଶୁଘାତର ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ଆମ ଦେଶ ଭାରତରେ ହେଉଥିବା ଜଳବାୟୁ ପରିବର୍ତ୍ତନ ହେତୁ ଧରାପୃଷ୍ଠରେ ୬ଟି ଋତୁ ପ୍ରତୀୟମାନ ହୋଇଥାଏ। ପ୍ରତି ବର୍ଷ ଗ୍ରୀଷ୍ମ, ବର୍ଷା ଓ ଶୀତର ପ୍ରଭାବ ବାୟୁମଣ୍ଡଳରେ ଅନୁଭୂତ ହୋଇଥାଏ। ଭାରତବର୍ଷରେ ପ୍ରତିବର୍ଷ ଜାନୁଆରୀ ୧୪ ତାରିଖ (ମକର ସଂକ୍ରାନ୍ତି)ଠାରୁ ଜୁନ୍ ୨୧ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି। ଗ୍ରୀଷ୍ମ ଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ। ପ୍ରାୟତଃ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେତୁ ଉକ୍ତ ସମୟରେ ପଦାକୁ ବାହାରିବା ଅନୁଚିତ। ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ କିଛି ଦୂରତା ହ୍ରାସ ପାଉଥିବାରୁ ପୃଥିବୀ ପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ। ପ୍ରବଳ ଖରାରେ ଯାତାୟାତ କରୁଥିବା ବେଳେ ମନୁଷ୍ୟ ହଠାତ୍ ଅଂଶୁଘାତର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଛି।

ପୃଥିବୀ ସୃଷ୍ଟି ସମୟରୁ ଖରା, ବର୍ଷା, ଶୀତର ଉପକାରିତା, ପ୍ରକୋପ ଓ ପ୍ରଭାବ ସହ ମନୁଷ୍ୟ ସମାଜ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଏହାର ସାମ୍ନା କରିଆସୁଛି। ଏହା ଏକ ପ୍ରକୃତିଦତ୍ତ ତଥା ସ୍ୱାଭାବିକ ଋତୁଚକ୍ରର ପ୍ରକ୍ରିୟା ଅଟେ। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟକୃତ କେତେକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ପାଏ। ଏଥିଯୋଗୁ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟ ସମାଜ ନିମନ୍ତେ ଅସହ୍ୟ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି ହେଉଛି। ସୂର୍ଯ୍ୟରଶ୍ମିର ତାପମାତ୍ରା ସହ ଜଙ୍ଗଲରେ ମନୁଷ୍ୟ ଦ୍ୱାରା ଅଗ୍ନି ସଂଯୋଗ ହେତୁ, ଗ୍ରାମାଞ୍ଚଳରେ ବହୁଳ ପରିମାଣରେ ଇଟାଭାଟିରେ ଅଗ୍ନି ସଂଯୋଗ, ବିଭିନ୍ନ କଳକାରଖାନାରୁ ନିର୍ଗତ ଗରମ ବାଷ୍ପ, ଜଙ୍ଗଲରୁ ଦୀର୍ଘ ବର୍ଷ ଧରି ତିଷ୍ଠି ରହିଥିବା ବୃକ୍ଷଗୁଡ଼ିକୁ କାଟିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବହୁଳ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ, ସିମେଣ୍ଟ ଦ୍ୱାରା ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ସବୁ ଅଞ୍ଚଳରେ ସିମେଣ୍ଟ ଓ ଲୌହ ନିର୍ମିତ ବିଦ୍ୟୁତ୍ ଖୁଣ୍ଟ ରହିବା ସହ ଜଙ୍ଗଲ ଓ ଗ୍ରାମାଞ୍ଚଳରେ ବୃକ୍ଷର ପରିମାଣ ହ୍ରାସ ଆଦି କାରଣ ହେତୁ ଗ୍ରୀଷ୍ମ ଦିନେ ସୂର୍ଯ୍ୟଙ୍କ ତାପମାତ୍ରା ବାୟୁମଣ୍ଡଳରେ ଦ୍ୱିଗୁଣିତ ହେଉଛି। ଏହାର ପରିଣାମ ସ୍ୱରୂପ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଉଛି ଏବଂ ହ୍ରାସ ପାଇବାକୁ ଆବଶ୍ୟକତାଠାରୁ ଅଧିକ ସମୟ ନେଉଛି। ଗ୍ରୀଷ୍ମ ଋତୁରେ ଏପରି ପ୍ରବଳ ଗରମରୁ ରକ୍ଷା ପାଇବା ନିମନ୍ତେ ଆମେ ଆମର ନିଜ ନିଜର ଜମି ଓ ବାସଗୃହ ଚତୁଃପାର୍ଶ୍ୱ ବହୁ ପରିମାଣରେ ବୃକ୍ଷ ରୋପଣ କରିବା ଆବଶ୍ୟକ। ଏହାଦ୍ୱାରା ଆମର ପ୍ରକୃତି ଓ ପରିବେଶ ସନ୍ତୁଳିତ ରହିବ। ଏହା ସହ ଆମେ ବିଶୁଦ୍ଧ ଅମ୍ଳଜାନ ପାଇବା ଓ ରୌଦ୍ରତାପକୁ ବହୁପରିମାଣରେ ପ୍ରତିରୋଧ କରିପାରିବା।


ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଗ୍ରୀଷ୍ମଋତୁରେ ପ୍ରବଳ ତାପମାତ୍ରାକୁ ପ୍ରତିରୋଧ ତଥା ଅଂଶୁଘାତକୁ ପ୍ରତିରୋଧ ନିମନ୍ତେ କେତେକ ପ୍ରାକୃତିକ ଉପାୟ ବର୍ଣ୍ଣନା କରାଯାଇଅଛି। ଖରାଦିନେ ପ୍ରବଳ ଉତ୍ତାପ ଅନୁଭୂତ ହେଉଥିବା (ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ) ସମୟରେ ଯାତାୟାତ ନ କରିବା, ବାସଗୃହ ନିକଟରେ ଥିବା ବୃକ୍ଷର ଛାଇରେ ବିଶ୍ରାମ ନେବା, ଜରୁରୀ କିମ୍ବା ନିହାତି ଦରକାର ପଡ଼ିଲେ ହିଁ ପଦାକୁ ବାହାରିବା ଉଚିତ। ସୂତାରେ ନିର୍ମିତ ବସ୍ତ୍ର, ଧଳା ଟୋପି, କଳା ଚଷମା ଓ ଛତା, ପାଦରେ ଜୋତା ଧାରଣ କରି ଯାତାୟାତ କରିବା ଉଚିତ। ବାସଗୃହରେ ଝରକା ଓ ଦୁଆରବନ୍ଧରେ ସୂତା ନିର୍ମିତ ବହଳିଆ କପଡ଼ା କିମ୍ବା ବେଣା ଘାସର ଚେରରେ ନିର୍ମିତ ପଟି ଟାଙ୍ଗିବା ଦ୍ୱାରା ଶୀତଳ ପବନ ମିଳିଥାଏ। ଏହା ସହ ଗ୍ରୀଷ୍ମ ଋତୁରେ ମାଟି ପାତ୍ରରେ ପାଣି ରଖି ପାନୀୟ ଜଳ ରୂପେ ବ୍ୟବହାର କରନ୍ତୁ। ପଇଡ଼ ପାଣି, ନବାତ ପଣା, ଆଖୁ ରସ ପିଇବା ଉଚିତ। ପଖାଳ ଭାତ, ତୋରାଣି, ଦହି, ଚହ୍ଲା, ଲସି, ଲେମ୍ବୁ ଆଦିରେ ଅଳ୍ପ ଲୁଣ ମିଶାଇ ପାନୀୟ ରୂପେ ସେବନ କରିବା ଉଚିତ। ଅଧିକ ମାତ୍ରାରେ ଜଳୀୟଅଂଶ ଥିବା ତରଭୁଜ, କାକୁଡ଼ି, ଅଙ୍ଗୁର, କମଳା, ସପୁରି ଆଦି ଜୁସ୍‌କୁ ପାନୀୟ ରୂପେ ସେବନ କରିବା ଦ୍ୱାରା ଏହା ପେଟକୁ ଥଣ୍ଡା ରଖିଥାଏ।

ଆମ ଶରୀର ବର୍ଷା, ଖରା ଓ ଶୀତର ପ୍ରଭାବକୁ ଖାପ୍ ଖୁଆଇ ଚଳିବା ସହ ଆମ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବାକୁ ସନ୍ତୁଳିତ ରଖିବା ପାଇଁ ଆମ ଶରୀରର ମସ୍ତିଷ୍କରେ 'ହାଇପୋଥାଲାମସ' ନାମକ ଏକ ଗ୍ରନ୍ଥି ରହିଛି। ଶରୀରରେ ଯେତେବେଳେ ଉକ୍ତ ସନ୍ତୁଳିତ ପ୍ରକ୍ରିୟା ହୋଇପାରି ନ ଥାଏ ବା ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ୍ ଭାବେ ହୋଇପାରି ନ ଥାଏ ସେତେବେଳେ ମନୁଷ୍ୟ ସୌର ତାପ ସହ୍ୟ କରି ନ ପାରି ଅଂଶୁଘାତର ଶିକାର ହୋଇଥାଏ। ଜଳବାୟୁରେ ତାପମାତ୍ରା ଅଧିକ ଥିବା ସମୟରେ ମନୁଷ୍ୟ ଯାତାୟାତ କରିବା ଦ୍ୱାରା ଶରୀରରେ ତାପମାତ୍ରା ବୃଦ୍ଧି ପାଇବା ସହ ଶାରୀରିକ ଓ ମାନସିକ ସ୍ତରରେ ସନ୍ତୁଳିତ ଅବସ୍ଥା ସୃଷ୍ଟି ହୋଇଥାଏ। ବେଳେ ବେଳେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଇ ମନୁଷ୍ୟ ଚେତା ଶୂନ୍ୟ ହେବା ସହ ଶରୀରରେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ। ଶରୀରର ବାହ୍ୟ ଚର୍ମ ଉତ୍ତାପ ଯୁକ୍ତ ଓ ଶୁଷ୍କ ହେବାସହ ଶରୀରରୁ ବେଳେ ବେଳେ ଝାଳ ନିର୍ଗତ ହୁଏ, ଏହା ଦ୍ୱାରା ଦୁର୍ବଳ ଲାଗିବା ସହ ବାନ୍ତି ଲାଗିବା, ମୁଣ୍ଡ ଘୂରାଇବା ଆଦି ଲକ୍ଷଣ ଦେଖାଯାଏ। ଏହି ସମୟରେ ରୋଗୀଙ୍କୁ ତତ୍କ୍ଷଣାତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ଉଚିତ। ନଚେତ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ମୋଟାମୋଟି ଭାବେ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଆମ ଶରୀରର ତାପମାତ୍ରା ବୃଦ୍ଧି ପାଇବା ଓ ହ୍ରାସ ପାଇବା ନିୟନ୍ତ୍ରଣ ପ୍ରକ୍ରିୟା ସାଧାରଣତଃ ସ୍ୱତଃପ୍ରବୃତ୍ତ ବା ସ୍ୱାଭାବିକ ଭାବରେ ହୋଇଥାଏ। ଏହି ପ୍ରକ୍ରିୟାରେ ବ୍ୟତିକ୍ରମ ହେଲେ ଆମ ଶରୀର ଅଧିକ ତାପମାତ୍ରାକୁ ସହ୍ୟ କରି ନ ପାରି ଆମେ ଅଂଶୁଘାତର ଶିକାର ହୋଇଥାଉ।

(କ୍ରମଶଃ...)

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

> "ପୃଥିବୀ ସୃଷ୍ଟି ସମୟରୁ ଖରା, ବର୍ଷା, ଶୀତର ଉପକାରିତା, ପ୍ରକୋପ ଓ ପ୍ରଭାବ ସହ ମନୁଷ୍ୟ ସମାଜ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଏହାର ସାମ୍ନା କରି ଆସୁଅଛି। ଏହା ଏକ ପ୍ରକୃତିଦତ୍ତ ତଥା ସ୍ୱାଭାବିକ ଋତୁଚକ୍ରର ପ୍ରକ୍ରିୟା ଅଟେ। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟକୃତ କେତେକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ଥାଏ। ଏଥିଯୋଗୁ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟ ସମାଜ ନିମନ୍ତେ ଅସହ୍ୟ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି ହେଉଛି।"



## ସକାରାତ୍ମକ ମାନସିକତା ପାଇଁ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚିତ କରାଯାଇଛି। ଏ ସମ୍ପର୍କିତ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। କାରଣ ଏହା ଦ୍ୱାରା ସେମାନଙ୍କ ମାନସିକତା ସକାରାତ୍ମକ ରହିବା ସହ କାର୍ଯ୍ୟକରିବା ପାଇଁ ସେମାନଙ୍କଠାରେ ଆଗ୍ରହ ପ୍ରକାଶ ପାଇବ ବୋଲି ସେମାନଙ୍କର ହୃଦ୍‌ବୋଧ ହୋଇଥିଲା। ତେଣୁ ଯେଉଁମାନଙ୍କ କଥାବାର୍ତ୍ତା ଶୈଳୀରେ ନମ୍ରତା ଦେଖିବାକୁ ମିଳିଥିଲା ସେମାନଙ୍କର ମାନସିକତା ସକାରାତ୍ମକ ରହିଥିଲା।

## ଜାଣି ରଖନ୍ତୁ




- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ଖାଇବା ଭିତରେ ପାଣି ପିଅନ୍ତୁ ନାହିଁ। ଖାଇସାରିବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ଯଦି ଆପଣଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ବ୍ୟାୟାମ କିମ୍ବା ଯୋଗ କରିବା ପୂର୍ବରୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଭଲ।

➢କେତେକ ବ୍ୟକ୍ତି ଖାଇବା ମଧ୍ୟରେ ଆବଶ୍ୟକତାଠାରୁ ଅଧିକ ପାଣି ପିଇଥାଆନ୍ତି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ ଏବଂ ଓଜନ ବଢ଼ିବାର ମଧ୍ୟ ଆଶଙ୍କା ରହିଛି।



➢ଅନେକେ ଆଜିକାଲି ନିଜ ଘରେ କିଛି ମେଡିସିନ୍ ଷ୍ଟକ୍ ରଖୁଛନ୍ତି। ତେବେ ଏହାର ବ୍ୟବହାର ଏବଂ ଏକ୍ସପାଏରି ତାରିଖ ସମ୍ପର୍କରେ ଭଲ ଭାବରେ ଅବଗତ ରୁହନ୍ତୁ।

➢ଯଦି ଇଲେକଟ୍ରୋନିକ୍ ଡିଭାଇସ୍ ସାମ୍ନାରେ ବସି ପ୍ରତିଦିନ କାମ କରୁଛନ୍ତି ତେବେ ବର୍ଷକୁ ଅତିକମ୍‌ରେ ଥରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।

➢ସବୁବେଳେ ତେଲ-ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ଯଦି ଆପଣଙ୍କର ଡାଇବେଟିସ କିମ୍ବା ରକ୍ତଚାପ (ବ୍ଲଡ୍‌ପ୍ରେସର) ସମସ୍ୟା ରହିଛି ତେବେ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା' ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ।

## ଅବସାଦ ଦୂର କରିବାର ସହଜ ଉପାୟ

ଅବ୍ୟବସ୍ଥିତ ଜୀବନଶୈଳୀ, ଅଧିକ କାମର ବୋଝ ଆଦି କାରଣରୁ କେତେକ ବ୍ୟକ୍ତି ଅବସାଦ ବା ଡିପ୍ରେସନର ଶିକାର ହୋଇଥାଆନ୍ତି। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ବ୍ୟକ୍ତି ସବୁବେଳେ ଉତ୍ତମ ଖାଦ୍ୟ ଖାଆନ୍ତି ତେବେ ସେ ନିଜକୁ କେତେକାଂଶରେ ଅବସାଦଠାରୁ ଦୂରେଇ ରଖିପାରିବେ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି। ସେମାନଙ୍କ ଦ୍ୱାରା ହୋଇଥିବା ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍‌ଯୁକ୍ତ ଖାଦ୍ୟ ନ ଖାଇଲେ ଜଣେ ଅବସାଦଗ୍ରସ୍ତ ହେବାର ଆଶଙ୍କା ରହିଛି। ପୁଣି ଅବଦାସଗ୍ରସ୍ତତା ଯୋଗୁ କେତେକ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମେ ପ୍ରତିଦିନ ସନ୍ତୁଳିତ ଓ ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ପ୍ରତିଦିନ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଇଲେ ତାହା ଅବସାଦଠାରୁ କେତେକାଂଶରେ ଦୂରେଇ ରଖିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସବୁଜ ପନିପରିବା, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପକାରୀ। ଏଭଳି ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ପ୍ରତିଦିନ ଖାଇବା ଦ୍ୱାରା ଆମ ହାଡ଼ ଓ ମାଂସପେଶୀ ଶକ୍ତ ହେବା ସହ ସ୍ମରଣଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।



ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୨୭/୨୦୨୪ Bhubaneswar, Monday, May 27/ 2024

# ଓସାକା, ଅଲକାରାଜ ଦ୍ୱିତୀୟ ରାଉଣ୍ଡରେ

**ପ୍ୟାରିସ୍, ୨୬।୫**

ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ନାମେଣ୍ଟ ରବିବାର ଠାରୁ ଆରମ୍ଭ ହୋଇଛି। ରବିବାର ପ୍ରଥମ ଦିନରେ ନାଓମି ଓସାକା, କାର୍ଲୋସ ଅଲକାରାଜ ଗାର୍ଫିଆ, ଆଣ୍ଡି ରୁବଲେଭଙ୍କ ଭଳି ସିଡେଡ୍ ଖେଳାଳି ବିଜୟୀ ହୋଇଛନ୍ତି। ବର୍ଷା କାରଣରୁ ଏକାଧିକ ମ୍ୟାଚ୍ ଅଧାରୁ ବନ୍ଦ ରହିଥିଲା। ପ୍ୟାରିସ୍‌ରେ ନିଜର ସପ୍ତମ ପଦାର୍ପଣ କରିଥିବା ଓସାକା ୧-୬, ୬-୪ ଓ ୭-୫ ସେଟ୍‌ରେ ଲୁସିଆ ବ୍ରୋଞ୍ଜେଟିଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଓସାକା ମାତୃତ୍ୱ ପରେ ପ୍ରଫେସନାଲ ଟେନିସ୍‌ରୁ ଦୂରେଇ ରହିଥିଲେ। ବର୍ତ୍ତମାନ ଓସାକା

**ଫ୍ରେଞ୍ଚ ଓପନ**

୧୩୪ ତମ ସ୍ଥାନରେ ଥିବା ବେଳେ ବ୍ରୋଞ୍ଜେଟି ୪୮ ତମ ସ୍ଥାନରେ ରହିଛନ୍ତି। ପ୍ରଥମ ସେଟ୍ ହାରିବା ପରେ ପରବର୍ତ୍ତୀ ଦୁଇ ସେଟ ଜିତି ନେଇଥିଲେ। ଅନ୍ୟ ମହିଳାଙ୍କ ମଧ୍ୟରେ ୩୦ ନମ୍ବର ଖେଳାଳି ଦାୟାନ ୟାସ୍ତ୍ରାମେସ୍କା ୩-୬, ୬-୩, ୬-୩ ସେଟ୍‌ରେ ଆଜଲା ଟୋମାଲନୋଭିକ୍‌ଙ୍କୁ, ଲିସା ଟିସୁରେଙ୍କୋ ୬-୫ରେ ଡୋନ୍ନା ଭେକିକ୍‌ଙ୍କୁ, ଜେଲେନା ଅଷ୍ଟାପେଙ୍କୋ ୬-୪, ୭-୫ ସେଟରେ ଜାକ୍ୱେଲିନ୍ କ୍ରିଷ୍ଟିଆନଙ୍କୁ, ମେରୀ ବୁଜକୋଭା ୬-୨, ୬-୪ ସେଟରେ ଭେରୋନିକା କୁଦେରମେତୋଭାଙ୍କୁ ପରାସ୍ତ କରିଥିଲେ।


ପୁରୁଷ ଖେଳାଳିଙ୍କ ମଧ୍ୟରେ ବିଶ୍ୱ ମାନ୍ୟତାର ୩ ନମ୍ବରରେ ଥିବା କାର୍ଲୋସ ଅଲକାରାଜ ଗାର୍ଫିଆ ୬-୧, ୬-୨, ୬-୧ ସେଟ୍‌ରେ ଆମେରିକାର ଜେ.ଜେ. ଓଲ୍ଫଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୬ ନମ୍ବର ସ୍ଥାନରେ ଥିବା ୬-୨, ୬-୭(୩), ୬-୩, ଓ ୭-୫ ସେଟ୍‌ରେ ଟାରେ ଡାନିଏଲଙ୍କୁ ପରାସ୍ତ କରିଛନ୍ତି। ଲରେଞ୍ଜୋ ସୋନେଗୋ ୪-୬, ୬-୨, ୪-୬, ୩-୬ ସେଟରେ ବିଶ୍ୱ ମାନ୍ୟତାର ୧୭ ନମ୍ବର ଖେଳାଳି ଉଗୋ ହ୍ୟୁମ୍ବର୍ଟଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବ୍ରାଣ୍ଡନ ନାକାସିମା ୬-୧, ୭-୬, ୬-୩, ୬-୨ ସେଟରେ ନିକୋଲାସ ମୋରେନୋ ଡି ଆଲବର୍ନୋଙ୍କୁ, ପେଡ୍ରୋ ମାର୍ଟିନେଜ ୫-୭, ୬-୪, ୩-୬, ୬-୪, ୬-୩ ସେଟ୍‌ରେ ଥିଆଗୋ ଟିରାଣ୍ଟେଙ୍କୁ, ଗ୍ରିଗୋର ଦିମିତ୍ରୋଭ ୬-୪, ୬-୩ ଓ ୬-୪ ସେଟରେ ଆଲେକଜାଣ୍ଡାର କୋଭାସେଭିକ୍‌ଙ୍କୁ ପରାସ୍ତ କରିଛନ୍ତି।


କାର୍ଲୋସ ଅଲକାରାଜ

# ବିଟ୍ରିସ୍ ଚିବେଟ୍‌ଙ୍କ ବିଶ୍ୱ ରେକର୍ଡ

**ୟୁଜିନି (ୟୁଏସ୍), ୨୬।୫(ଏପି):** ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଶା'କାରୀ ରିଚାର୍ଡସନ ନିଜକୁ ଭଲରୂପେ ପ୍ରସ୍ତୁତ କରିଛନ୍ତି। ପ୍ରିଫଣ୍ଟେନ କ୍ଲାସିକ୍‌ରେ ତାଙ୍କ ପ୍ରଦର୍ଶନରୁ ଏହା ସୂଚିତ ହେଉଛି। ଇଭେଣ୍ଟର ମହିଳା ୧୦୦ ମିଟର ରେସ୍‌କୁ ସେ ୧୦.୮୩ ସେକେଣ୍ଡ ଟାଇମିଂରେ ଜିତିନେଇଛନ୍ତି। କେନିଆର ବିଟ୍ରିସ୍ ଚିବେଟ୍ ୨୮ ମିନିଟ୍ ୫୪.୧୪ ସେକେଣ୍ଡ ଟାଇମିଂରେ ୧୦,୦୦୦ ମିଟର ଦୌଡ଼ରେ ଏକ ବିଶ୍ୱ ରେକର୍ଡ କରିଥିବା ବେଳେ ଆମେରିକାର ଖ୍ରିଷ୍ଟିଆନ କୋଲ୍‌ମାନ ସିଜନରେ ତାଙ୍କର ଶ୍ରେଷ୍ଠ ଟାଇମିଂ ୯.୯୫ ସହ ପୁରୁଷ ୧୦୦ ମିଟର ରେସ୍ ଜିତିଛନ୍ତି। କିନ୍ତୁ ଉଭୟ ୧୦୦ ଓ ୨୦୦ ମିଟରରେ ୨୦୨୩ ବିଶ୍ୱ ଚାମ୍ପିୟନ ରିଚାର୍ଡସନ ଏବଂ ଗତଥର ଅଲିମ୍ପିକ ସ୍ୱର୍ଣ୍ଣବିଜେତା ଜାମାଇକାର ଏଲେନ୍ ଥମ୍ପସନ ହେରାଥ୍‌ଙ୍କ ମଧ୍ୟରେ ମୁକାବିଲା ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ୯ ଜଣଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ହେରାଥ୍ (୧୧.୩୦ସେକେଣ୍ଡ) ୯ମ ସ୍ଥାନରେ ରହିଥିଲେ। ସେଣ୍ଟ ଲୁସିଆର ଜୁଲିଏନ୍ ଆଲଫ୍ରେଡ୍ ୧୦.୯୩ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ହୋଇଥିଲେ। ବ୍ରିଟେନ୍‌ର ଡେରିନ ନେଇଟା(୧୦.୯୮) ତୃତୀୟ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରିଫଣ୍ଟେନ କ୍ଲାସିକ୍ ହେଉଛି ଏଲିଟ୍ ଇଣ୍ଟରନ୍ୟାଶନାଲ ଲିଗ୍‌ର ୫ମ ଷ୍ଟେଜ୍। ଅଲିମ୍ପିକ ଟିମ୍‌ରେ ଭାଗନେବା ଲାଗି ଆମେରିକୀୟ ଆଥ୍‌ଲେଟ୍‌ମାନେ ଏଥିରେ ଚେଷ୍ଟା କରିଥାନ୍ତି। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ଗତଥରର ଅଲିମ୍ପିକ ସ୍ୱର୍ଣ୍ଣବିଜେତା ଏଥିଙ୍ଗ ମୁ ୮୦୦ ମିଟରରୁ ଓହରି ଯାଇଛନ୍ତି। ବ୍ରିଟେନ୍‌ର କେଲି ହଜକିନ୍‌ସନ ୧:୫୫.୭୮ ଟାଇମିଂରେ ଏହି ରେସ୍ ଜିତିଥିଲେ।

# ଡିଭୋର୍ସ ଚର୍ଚ୍ଚା: ନିଆଁରେ ଘିଅ ଢାଳିଲେ ନତାଶା



ନତାଶା ଷ୍ଟାଙ୍କୋଭିଚ୍ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରି।

**ମୁମ୍ବାଇ, ୨୬।୫**

ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିବାହ ବିଚ୍ଛେଦକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ନିଆଁରେ ଘିଅ ଢାଳିଛନ୍ତି ନତାଶା ଷ୍ଟାଙ୍କୋଭିକ୍। ନତାଶାଙ୍କ ଏକ ଇନ୍‌ଷ୍ଟାଗ୍ରାମ ଷ୍ଟୋରିକୁ ନେଇ ଡିଭୋର୍ସ ଆଲୋଚନାକୁ ଆହୁରି ଖୋରାକ ମିଳିଛି। ନତାଶା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଟ୍ରାଫିକ୍ ସାଇନ୍ ଶେୟାର କରିଥିଲେ। ଏହାସହ କେହି ଜଣେ ଖୁବ୍‌ଶୀଘ୍ର ରାସ୍ତା (ଷ୍ଟ୍ରିଟ୍)କୁ ଆସିବାକୁ ଯାଉଛି ବୋଲି ସେ ଲେଖିଥିଲେ। ନିକଟରେ ନତାଶା ଷ୍ଟାଙ୍କୋଭିଚ୍ ନିଜ ଇନ୍‌ଷ୍ଟାଗ୍ରାମରୁ ପାଣ୍ଡ୍ୟା ସରନେମ୍ ହଟାଇବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ପୂର୍ବରୁ ନତାଶା ଇନ୍‌ଷ୍ଟାଗ୍ରାମରେ ନତାଶା ଷ୍ଟାଙ୍କୋଭିକ୍ ପାଣ୍ଡ୍ୟା ଲେଖୁଥିବା ବେଳେ ବର୍ତ୍ତମାନ ପାଣ୍ଡ୍ୟା ହଟାଇଛନ୍ତି। ଅନ୍ୟପକ୍ଷରେ ନତାଶା ପାଣ୍ଡ୍ୟାଙ୍କ ସହ ଥିବା ତାଙ୍କର ପୁରୁଣା ଫଟୋଗୁଡିକ ମଧ୍ୟ ହଟାଇ ଦେଇଛନ୍ତି। ହାର୍ଦ୍ଦିକ ଓ ନତାଶା ୨୦୨୦ରେ ବିବାହ କରିଥିବା ବେଳେ ସେମାନଙ୍କର ଅଗସ୍ତ୍ୟ ନାମକ ଏକ ପୁତ୍ରସନ୍ତାନ ରହିଛି। ତେବେ ଅଗସ୍ତ୍ୟ ସହ ରହିଥିବା ଫଟୋକୁ ନତାଶା ହଟାଇନାହାନ୍ତି।

ଉଭୟଙ୍କ ଡିଭୋର୍ସ ହେଲେ ନତାଶା ୭୦ କୋଟି ଟଙ୍କା ପାଇବେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ଏହାପରେ ନତାଶାଙ୍କ ଏଭଳି ପୋଷ୍ଟ ଡିଭୋର୍ସ ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ଆଇପିଏଲ୍ ୨୦୨୪ ସମୟରେ କୌଣସି ବି ମ୍ୟାଚ୍‌ରେ ନତାଶାଙ୍କ ଦେଖା ମିଳି ନ ଥିଲା। ଏପରିକି ମାର୍ଚ୍ଚ ୪ ତାରିଖରେ ନତାଶାଙ୍କ ଜନ୍ମଦିନରେ ମଧ୍ୟ ହାର୍ଦ୍ଦିକ କୌଣସି ପୋଷ୍ଟ କରି ନ ଥିଲେ।



ଉଇକେଟ ନେବା ପରେ ଉଲ୍ଲସିତ ହର୍ଷିତ ରାଣା।

# ଫ୍ୟାନ୍‌ଙ୍କ ଗଣ୍ଡଗୋଳରେ ୩୦ ଆହତ, ୧୦ ଗିରଫ

**ଫ୍ରେଞ୍ଚ୍ କପ୍**

## ଲିୟନକୁ ହରାଇ ପିଏସ୍‌ଜି ଚାମ୍ପିୟନ

**ପ୍ୟାରିସ୍, ୨୬।୫(ପି.ଟି)**

ଫ୍ରେଞ୍ଚ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ୨-୧ ଗୋଲରେ ଲିୟନକୁ ପରାସ୍ତ କରିଛି। ତେବେ ଫାଇନାଲ ମ୍ୟାଚ୍‌ର ଠିକ୍ ପୂର୍ବରୁ ଶନିବାର ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପ୍ୟାରିସ୍‌ର ରାଜରାସ୍ତା ଉପରେ ହୋଇଥିବା ଗଣ୍ଡଗୋଳରେ ୩୦ ଜଣ ସମର୍ଥକ ଆହତ ହୋଇଥିଲେ। ପରେ ପୋଲିସ୍ ୧୦ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ହିଂସା ରୋକିବା ସମୟରେ ୮ ଜଣ ପୋଲିସ କର୍ମଚାରୀ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଉଭୟ କ୍ଲବ୍‌ର ପ୍ରଶଂସକମାନେ ପରସ୍ପରକୁ ବିରୋଧ କରିଥାନ୍ତି। ତେବେ ଶନିବାର ୨୦୦ରୁ ଅଧିକ ସମର୍ଥକ ରାଜରାସ୍ତାରେ ମୁହାଁମୁହିଁ ହୋଇଥିଲେ।

ପିଏସ୍‌ଜି ପକ୍ଷରୁ କିଲିଆନ୍ ଏମ୍‌ବାପେ ନିଜର ଅନ୍ତିମ ମ୍ୟାଚ୍ ଖେଳିଥିଲେ। ଓସ୍ମାନେ ଡେମ୍ବେଲେ ୨୧ ଓ ଫାବିଆନ୍ ରୁଇଜ୍ ୩୪ତମ ମିନିଟରେ ପିଏସ୍‌ଜି ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଲିୟନ ପକ୍ଷରୁ ଜେକ୍ ଓ ବ୍ରିଏନ୍ ୫୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚ୍‌ର ଠିକ୍ ପୂର୍ବରୁ ଲଢ଼େଇ ହୋଇଥିବା କାରଣରୁ ୧୦ ମିନିଟ ପାଇଁ ମ୍ୟାଚ୍‌କୁ ରୋକାଯାଇଥିଲା। ଫ୍ରାନ୍ସରେ ଫୁଟ୍‌ବଲ ହିଂସା ନିୟମିତ ଘଟିବାରେ ଲାଗିଛି। ଅକ୍ଟୋବର ୨୦୨୩ରେ ନାଣ୍ଟେସ୍ ସହରରେ ନାଇସ୍ ଦଳର ଜଣେ ସମର୍ଥକଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା।

# ସ୍ୱର୍ଣ୍ଣ ଜିତିବାରେ କର୍ମାକର ପ୍ରଥମ ଭାରତୀୟ

**ତାସ୍‌କେଣ୍ଟ, ୨୬।୫(ପି.ଟି.)**

ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମାକର ପ୍ରଥମ ଭାରତୀୟ ଭାବେ ଏସିଆନ ସିନିୟର ଚାମ୍ପିୟନଶିପ୍‌ର ମହିଳା ଭଲ୍ଟ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୩୦ ବର୍ଷୀୟା ଦୀପା ଉଜ୍‌ବେକିସ୍ତାନ ରାଜଧାନୀ ସହରରେ ଅନୁଷ୍ଠିତ ପ୍ରତିଯୋଗିତାର ଅନ୍ତିମ ଦିବସରେ ଭଲ୍ଟ ଫାଇନାଲରେ ୧୩.୫୬୬ ପଏଣ୍ଟ ସ୍କୋର କରିଥିଲେ। ଉତ୍ତର କୋରିଆର କିମ୍ ସନ୍ ହ୍ୟାଙ୍ଗ (୧୩.୪୬୬) ଓ ଜୋ କ୍ୟୋଙ୍ଗ ବିୟଲ (୧୨.୯୬୬) ଯଥାକ୍ରମେ ରୌପ୍ୟ ଓ

**ଏସିଆନ ସିନିୟର ଚାମ୍ପିୟନଶିପ୍**

ବ୍ରୋଞ୍ଜ ଜିତିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ଭଲ୍ଟ ଫାଇନାଲରେ ଚତୁର୍ଥ ହୋଇଥିଲେ। ୨୦୧୫ ସଂସ୍କରଣରେ କିନ୍ତୁ ସେ ସମାନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ। ସୂଚନାଯୋଗ୍ୟ, ୨୦୧୫ ଏସିଆନ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ଫ୍ଲୋର ଏକ୍ସରସାଇଜ୍‌ରେ ଆଶିଷ କୁମାର ଏକ ବ୍ରୋଞ୍ଜ ପାଇଥିଲେ। ପ୍ରଣିତ ନାୟକ ମଧ୍ୟ ୨୦୧୯ ଓ ୨୦୨୨ ସଂସ୍କରଣର ଭଲ୍ଟ ଇଭେଣ୍ଟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଥିଲେ। ଡୋପିଂ ଅପରାଧ ପାଇଁ ୨୧ ମାସ ସସ୍‌ପେଣ୍ଡ ହେବା ପରେ ଗତବର୍ଷ ଆକ୍ସନକୁ ଫେରିଥିବା ଦୀପା କିନ୍ତୁ ଆସନ୍ତା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି।


ଦୀପା କର୍ମକାର



ଚେନ୍ନାଇରେ ରବିବାର ଅନୁଷ୍ଠିତ ଆଇପିଏଲ୍ ଫାଇନାଲ ମ୍ୟାଚ୍ ଉପଭୋଗ ଅବସରରେ ବିସିସିଆଇ ଓ ଆଇପିଏଲ୍ କର୍ମକର୍ତ୍ତା।

**ଆଇପିଏଲ୍ ପର୍ପଲ କ୍ୟାପ୍**

| ଖେଳାଳି | ମ୍ୟାଚ୍ | ଓଭର | ରନ୍ | ଉଇକେଟ | ଆଭରେଜ |
|---|---|---|---|---|---|
| ହର୍ଷଲ ପଟେଲ୍ | ୧୪ | ୪୯ | ୪୭୭ | ୨୪ | ୧୯.୮୮ |
| ବରୁନ୍ ଚକ୍ରବର୍ତ୍ତୀ | ୧୪ | ୫୦ | ୪୦୨ | ୨୧ | ୧୯.୧୪ |
| ଯଶ୍‌ପ୍ରୀତ୍ ବୁମ୍‌ରା | ୧୩ | ୫୧.୫ | ୩୩୬ | ୨୦ | ୧୬.୮୦ |
| ଟି ନଟରାଜନ | ୧୪ | ୪୯.୨ | ୪୩୬ | ୧୯ | ୨୨.୯୫ |
| ହର୍ଷିତ ରାଣା | ୧୨ | ୪୨.୧ | ୩୮୩ | ୧୯ | ୨୦.୧୬ |

**ଅରେଞ୍ଜ କ୍ୟାପ୍**

| ଖେଳାଳି | ମ୍ୟାଚ୍ | ଇନିଂସ | ରନ୍ | ଆଭରେଜ୍ | ଷ୍ଟ୍ରାଇକରେଟ୍ |
|---|---|---|---|---|---|
| ବିରାଟ କୋହଲି | ୧୫ | ୧୫ | ୭୪୧ | ୬୧.୭୫ | ୧୫୪.୭୦ |
| ଋତୁରାଜ ଗାଏକ୍ୱାଡ | ୧୪ | ୧୪ | ୫୮୩ | ୫୩.୦୦ | ୧୪୧.୧୬ |
| ରିୟାନ ପରାଗ | ୧୫ | ୧୪ | ୫୭୩ | ୫୨.୦୯ | ୧୪୯.୨୨ |
| ଟ୍ରାଭିସ୍ ହେଡ୍ | ୧୫ | ୧୫ | ୫୬୭ | ୪୦.୫୦ | ୧୯୧.୫୫ |
| ସଞ୍ଜୁ ସାମସନ୍ | ୧୫ | ୧୫ | ୫୩୧ | ୪୮.୨୭ | ୧୫୩.୪୭ |

**ସର୍ବାଧିକ ଚୌକା**

| ଖେଳାଳି | ମ୍ୟାଚ୍ | ଇନିଂସ | ରନ୍ | ଚୌକା | ଷ୍ଟ୍ରାଇକରେଟ୍ |
|---|---|---|---|---|---|
| ଟ୍ରାଭିସ୍ ହେଡ୍ | ୧୫ | ୧୫ | ୫୬୭ | ୬୪ | ୧୯୧.୫୫ |
| ବିରାଟ କୋହଲି | ୧୫ | ୧୫ | ୭୪୧ | ୬୨ | ୧୫୪.୭୦ |
| ଋତୁରାଜ ଗାଏକ୍ୱାଡ | ୧୪ | ୧୪ | ୫୮୩ | ୫୮ | ୧୪୧.୧୬ |
| ଯଶସ୍ୱୀ ଜୟସ୍ୱାଲ | ୧୫ | ୧୫ | ୪୩୫ | ୫୪ | ୧୫୫.୯୧ |
| ସୁନୀଲ ନାରିନ୍ | ୧୪ | ୧୪ | ୪୮୮ | ୫୦ | ୧୮୦.୭୪ |

**ସର୍ବାଧିକ ଛକା**

| ଖେଳାଳି | ମ୍ୟାଚ୍ | ଇନିଂସ | ରନ୍ | ଛକା | ଷ୍ଟ୍ରାଇକରେଟ୍ |
|---|---|---|---|---|---|
| ଅଭିଷେକ ଶର୍ମା | ୧୬ | ୧୬ | ୪୮୪ | ୪୨ | ୨୦୪.୨୨ |
| ବିରାଟ କୋହଲି | ୧୫ | ୧୫ | ୭୪୧ | ୩୮ | ୧୫୪.୭୦ |
| ହେନରିଚ୍ କ୍ଲାସେନ୍ | ୧୬ | ୧୫ | ୪୭୯ | ୩୮ | ୧୭୧.୦୭ |
| ନିକୋଲାସ ପୁରନ | ୧୪ | ୧୪ | ୪୯୯ | ୩୬ | ୧୫୩.୪୭ |
| ରିୟାନ ପରାଗ | ୧୫ | ୧୪ | ୫୭୩ | ୩୩ | ୧୪୯.୨୨ |



ମିଚେଲ୍ ଷ୍ଟାର୍କ।

**ଆଇପିଏଲ୍ ଫାଇନାଲ୍ ସ୍କୋର ବୋର୍ଡ**

**ସନ୍‌ରାଇଜର୍ସ ହାଇଦ୍ରାବାଦ**
ଅଭିଷେକ ଶର୍ମା-ବୋ-ଷ୍ଟାର୍କ-୨
ଟ୍ରାଭିସ ହେଡ୍-କ-ଗୁରବାଜ-ବୋ-ବୈଭବ-୦
ରାହୁଲ ତ୍ରିପାଠୀ-କ-ରମଣଦୀପ-ବୋ-ଷ୍ଟାର୍କ-୯
ଏଡେନ୍ ମାରାକ୍ରମ-କ-ଷ୍ଟାର୍କ-ବୋ-ରସେଲ-୨୦
ନୀତୀଶ ରେଡ୍ଡୀ-କ-ଗୁରବାଜ-ବୋ-ହର୍ଷିତ-୧୩
ହେନରିଚ କ୍ଲାସେନ-ବୋ-ହର୍ଷିତ ରାଣା-୧୬ ଶାହାବାଜ ଅହମ୍ମଦ-କ-ନାରିନ-ବୋ-ଚକ୍ରବର୍ତ୍ତୀ-୮
ଅବଦୁଲ ସମଦ-କ-ଗୁରବାଜ-ବୋ-ରସେଲ-୪
ପ୍ୟାଟ୍ କୁମିନ୍ସ-କ-ଷ୍ଟାର୍କ-ବୋ-ରସେଲ-୨୪
ଜୟଦେବ ଉନାଡକଟ-ଏଲବିଡବ୍ଲ୍ୟୁ-ନାରିନ-୪
ଭୁବନେଶ୍ୱର କୁମାର-ନଟ୍‌ଆଉଟ-୦।
ଅତିରିକ୍ତ:୧୩
ମୋଟ (୧୮.୩ ଓଭର/ଅଲଆଉଟ) ୧୧୩।
ଉଇକେଟ ପତନ: ୧/୨, ୨/୬, ୩/୨୧, ୪/୪୭, ୫/୬୨, ୬/୭୧, ୭/୭୭, ୮/୯୦, ୯/୧୧୩, ୧୦/୧୧୩।

**ବୋଲିଂ (କୋଲକାତା ନାଇଟ ରାଇଡର୍ସ)**
ମିଚେଲ ଷ୍ଟାର୍କ ୩-୦-୧୪-୨
ବୈଭବ ଆରୋରା ୩-୦-୨୪-୧
ହର୍ଷିତ ରାଣା ୪-୦-୨୪-୨
ସୁନୀଲ ନାରିନ ୪-୦-୧୬-୧
ଆନ୍ଦ୍ରେ ରସେଲ ୨.୩-୦-୧୯-୩
ବରୁଣ ଚକ୍ରବର୍ତ୍ତୀ ୨-୦-୯-୧

**କୋଲକାତା ନାଇଟ ରାଇଡର୍ସ**
ରହମାନୁଲ୍ଲା ଗୁରବାଜ-ଏଲବିଡବ୍ଲ୍ୟୁ-ଶାହାବାଜ-୩୯
ସୁନିଲ ନାରିନ-କ-ଶାହାବାଜ-ବୋ-କୁମିନ୍ସ-୬
ଭେଙ୍କଟେଶ ଆୟର-ନଟଆଉଟ-୫୨
ଶ୍ରେୟସ ଆୟର-ନଟଆଉଟ-୬
ଅତିରିକ୍ତ:୧୧
ମୋଟ: (୧୦.୩ ଓଭର/୨ଉଇକେଟ) ୧୧୪।
**ଉଇକେଟ ପତନ:** ୧/୧୧, ୨/୧୦୨।

**ବୋଲିଂ (ସନରାଇଜର୍ସ ହାଇଦ୍ରାବାଦ)**
ଭୁବନେଶ୍ୱର କୁମାର ୨-୦-୨୫-୦
ପ୍ୟାଟ କୁମିନ୍ସ ୨-୦-୧୮-୧
ଟି. ନଟରାଜନ ୨-୦-୨୯-୦
ଶାହାବାଜ ଅହମଦ ୨.୩-୦-୨୨-୧
ଜୟଦେବ ଉନାଡକଟ ୧-୦-୯-୦
ଏଡେନ ମାରାକ୍ରମ ୧-୦-୫-୦।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ